

ଆଇପିଏଲ୍‌ରୁ କୋହଲିଙ୍କ ଆୟ ୨୭.୪୦ କୋଟି

▸ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-338 ♦BHUBANESWAR ♦FRIDAY ♦6 JUNE 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୨ ♦ସଂଖ୍ୟା-୩୩୮ ♦ଭୁବନେଶ୍ୱର ♦ଶୁକ୍ରବାର ♦୬ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ପାକିସ୍ତାନର ଗୁଇନ୍ଦା ରାଣୀ 'ମ୍ୟାଡାମ୍ ଏନ୍'

■ ନୂଆଦିଲ୍ଲୀ/ଶ୍ରୀନଗର, ୫।୬ (ଏଜେନ୍ସି): ଭାରତୀୟ ୟୁଟ୍ୟୁବରଙ୍କୁ ନିଜ ଜାଲରେ ଫସାଉଥିଲେ। ପାକିସ୍ତାନ ଗସ୍ତ ଲାଗି ସେମାନଙ୍କ ପାଇଁ ଭିସା ବ୍ୟବସ୍ଥା କରୁଥିଲେ। ଏହାପରେ ପାକିସ୍ତାନ ଲାଗି ଗୁଇନ୍ଦାଗିରି କରିବା ପାଇଁ ସେମାନଙ୍କୁ ନିୟୋଜିତ କରୁଥିଲେ। ଭାରତରେ ଏଭଳି ଜାଲ ବିଛାଇଥିଲେ ପାକିସ୍ତାନର ଜଣେ ମହିଳା ବ୍ୟବସାୟୀ। ସେ ହେଉଛନ୍ତି ନୋସାବା ସେହଜାଦ୍। ଲାହୋରରେ ସେ ଏକ ଟ୍ରାଭେଲ ଏଜେନ୍ସି ଖୋଲି ତାଙ୍କର ନେଟ୍‌ୱର୍କ ଚଳାଇଛନ୍ତି। ତାଙ୍କୁ ଏହି କାମରେ ନିୟୋଜିତ କରିଛି ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ। ତାଙ୍କର କୋଡ୍ ନାମ ହେଉଛି 'ମ୍ୟାଡମ୍ ଏନ୍'। ତାଙ୍କ ଜାଲରେ ଫସିଛନ୍ତି ଜ୍ୟୋତି



ମଲହୋତ୍ରା ସମେତ ଭାରତର ଅନେକ ୟୁଟ୍ୟୁବର। ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ଅନେକ ୟୁଟ୍ୟୁବର ପଚରାଉଚରା ବେଳେ ଏଭଳି ବିସ୍ଫୋରକ ତଥ୍ୟ ଉଗାରିଛନ୍ତି। ସାରା ଭାରତରେ ପ୍ରାୟ ୫୦୦ ଏଭଳି

### ନେଟ୍‌ୱର୍କରେ ଫସିଥିଲେ ଭାରତୀୟ ୟୁଟ୍ୟୁବର

ଲୋକ ରହିଛନ୍ତି ଯେଉଁମାନେ କି ସେହଜାଦଙ୍କ କଥାରେ ପଡ଼ି ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଛନ୍ତି। ତାଙ୍କ ସ୍ୱାମୀ ପାକିସ୍ତାନ ସରକାରରେ ଅଧିକାରୀ ଭାବେ କାମ କରି ଅବସର ନେଇଛନ୍ତି। ପାକିସ୍ତାନୀ ସେନା ଏବଂ ଆଇଏସ୍‌ଆଇ ପକ୍ଷରୁ ଭାରତରେ କେମିତି ସ୍ଲିପର ସେଲ୍ (ଗୁଇନ୍ଦା) ନେଟ୍‌ୱର୍କ ଚଳାଇବାକୁ ହେବ, ତା'ର ରଣକୌଶଳ ତାଙ୍କୁ ପ୍ରଦାନ କରୁଥିଲେ।

ଭାରତରେ ପାକିସ୍ତାନ ହାଇକମିସନରେ ସେହଜାଦଙ୍କ ଢେର ପ୍ରଭାବ ରହିଛି। ପାକିସ୍ତାନ ଗସ୍ତ ଲାଗି ଆବଶ୍ୟକ ଭିସା ପାଇବା ବ୍ୟବସ୍ଥାକୁ ସେ ସହଜ କରୁଥିଲେ। ପାକିସ୍ତାନ ଗସ୍ତ ବେଳେ ଭାରତୀୟ ୟୁଟ୍ୟୁବର ଓ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କୁ ସେ ନିଜ ଦେଶର ସେନା ଓ ଆଇଏସ୍‌ଆଇ ଅଧିକାରୀଙ୍କ ସହ ପରିଚିତ କରାଉଥିଲେ। ତାଙ୍କ ଟାର୍ଗେଟରେ ଥିଲେ ହିନ୍ଦୁ ଓ ଶିଖ ସଂପ୍ରଦାୟର ଭାରତୀୟ ନାଗରିକ। ଗତ ୬ ମାସ ମଧ୍ୟରେ ସେହଜାଦ ପ୍ରାୟ ୩ ହଜାର ଭାରତୀୟ ଓ ୧୫୦୦ ଏନ୍‌ଆରଆଇଙ୍କୁ ପାକିସ୍ତାନ ଗସ୍ତ ▸ପୃଷ୍ଠା-୭

# ବର୍ଷକରେ ବିକାଶ ଯୋଜନ ଦୂର

■ ଭୁବନେଶ୍ୱର, ୫।୬ (ସମିସ): ଆସନ୍ତା ସପ୍ତାହରେ ବିଜେପି ସରକାର ପାଳନ କରିବ କ୍ଷମତାର ବର୍ଷପୂର୍ତ୍ତି। ମାତ୍ର ଏହି ବର୍ଷକ ମଧ୍ୟରେ ଓଡ଼ିଶାର ବିକାଶ ଆଗକୁ ବଢ଼ିବା ପରିବର୍ତ୍ତେ କେଇ ଯୋଜନ ପଛକୁ ଚାଲି ଯାଇଛି। କ୍ଷମତାକୁ ଆସୁଆସୁ ବିଜେପି ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ପୂର୍ବରୁ ପ୍ରଚଳିତ ଲୋକପ୍ରିୟ କାର୍ଯ୍ୟକ୍ରମ 'ଆମ ଓଡ଼ିଶା ନବୀନ ଓଡ଼ିଶା'କୁ ବନ୍ଦ କରିଦେଲେ। ଏହି ଯୋଜନାରେ ପ୍ରତି ପଞ୍ଚାୟତର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବାର୍ଷିକ ୫୦ ଲକ୍ଷ ଟଙ୍କା ଅନୁଦାନକୁ ମଧ୍ୟ ବନ୍ଦ କରି ଦିଆଗଲା। ଏହା ପରିବର୍ତ୍ତେ ରାଜ୍ୟରେ ନୂଆ କରି 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା କରାଯିବ ବୋଲି ଘୋଷଣା ହେଲା ପଞ୍ଚାୟତିରାଜ ବିଭାଗ ପକ୍ଷରୁ ମଧ୍ୟ ଏହି ଯୋଜନାରେ ବ୍ୟାପକ ବିକାଶମୂଳକ କାମ କରାଯିବ ବୋଲି କୁହାଗଲା। ମାତ୍ର ବର୍ଷଟିଏ ବିତିଯିବା ସତ୍ତ୍ୱେ ବିକଶିତ ଗାଁ,

### ଆଣ୍ଟେଇଛି 'ବିକଶିତ ଗାଁ ବିକଶିତ ଓଡ଼ିଶା'




**୯ ମାସ ପରେ ବି ପ୍ରସ୍ତୁତ ହୋଇପାରିଲାନି କାର୍ଯ୍ୟ ଯୋଜନା**

**'ଆମ ଓଡ଼ିଶା ନବୀନ ଓଡ଼ିଶା'ର ନାମ ପରିବର୍ତ୍ତନ କରିଥିଲେ**

ବିକଶିତ ଓଡ଼ିଶାର କାର୍ଯ୍ୟ ଯୋଜନା ବି ପ୍ରସ୍ତୁତ ହୋଇ ପାରିଲା ନାହିଁ। ଗାଁରେ ମାଟି ଗାଣ୍ଡୁଏ ବି ପଡ଼ି ପାରିଲା ନାହିଁ।

୨୦୨୪ ଅଗଷ୍ଟ ୩ ତାରିଖରୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ଫର୍ମାଟରେ ସମସ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଡିଓଙ୍କଠାରୁ ସରକାର ବିକାଶମୂଳକ କାମର ତଥ୍ୟ ଲୋଡ଼ିଲେ, ଏହି ତଥ୍ୟକୁ ଆଧାର କରି ସରକାର କାମ କରିବାକୁ ଯୋଜନା କଲେ। ମାତ୍ର ନିର୍ଦ୍ଦେଶର ୯ ମାସ ପରେ ବି ଏହି ତଥ୍ୟ ସରକାରଙ୍କ ନିକଟରେ ପହଞ୍ଚି ନ ଥିବା ସୂଚନା ମିଳିଛି। ଯେଉଥିପାଇଁ ପୁଣି ପଞ୍ଚାୟତିରାଜ ବିଭାଗ ଏହି ତଥ୍ୟ ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖା ଯାଇଛି।

'ଆମ ଓଡ଼ିଶା, ନବୀନ ଓଡ଼ିଶା' ବଦଳରେ ବିଜେପି ସରକାରଙ୍କ ପ୍ରଣୀତ 'ବିକଶିତ ଗାଁ, ବିକଶିତ ଓଡ଼ିଶା'ରେ କେବଳ ଗାଁଗୁଡ଼ିକୁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ପୂର୍ବ ସରକାର ରାଜ୍ୟର ୬୮୦୦ ପଞ୍ଚାୟତ ପାଇଁ ୫୦ ଲକ୍ଷ ଟଙ୍କା ହିସାବରେ ୩୪୦୦ କୋଟି ଟଙ୍କା ଅନୁଦାନ ଦେଇଥିବାବେଳେ ବିଜେପି ସରକାର ୨୦୨୫-୨୬ ବର୍ଷ ବଜେଟରେ ବରାଦ କରିଥିବା ଅର୍ଥର ୧ ହଜାର କୋଟିରୁ ୩୦% ବି ଖର୍ଚ୍ଚ କରିପାରି ନାହାନ୍ତି। ସେହିପରି ଏହି ଯୋଜନାରେ ଗାଁରେ ସବୁଦିନିଆ ରାସ୍ତା ନିର୍ମାଣ ଓ ମରାମତି ବାବଦରେ ୩୫ ପ୍ରତିଶତ ଅର୍ଥ ଖର୍ଚ୍ଚ ହେବ ବୋଲି ନିଷ୍ପତ୍ତି ହେଲା। ମାତ୍ର ବର୍ଷଟିଏ ବିତିବା ପରେ ବି ଏଥିପାଇଁ ରାସ୍ତା ଚିହ୍ନଟ ହୋଇ ପାରିଲା ନାହିଁ। ଫଳରେ ଯୋଜନାର କାର୍ଯ୍ୟାନ୍ୱୟନକୁ ନେଇ କେବଳ ପ୍ରଶ୍ନ ଉଠିନାହିଁ, ସରକାରୀସ୍ତରରେ ବିକାଶମୂଳକ କାର୍ଯ୍ୟ ପାଇଁ ▸ପୃଷ୍ଠା-୭

# ଓଡ଼ିଶାରେ 'ପିସି' ସରକାର

## କଂଗ୍ରେସ ନିଆଁରେ ଘିଅ ଢାଳିଲେ ବିଜେପି ନେତା

■ ଭୁବନେଶ୍ୱର, ୫।୬ (ସମିସ): ରାଜ୍ୟରେ 'ପିସି' ସରକାର ଚାଲିଛି। ସବୁ କାମରେ ୩୦ ପ୍ରତିଶତ କମିଶନ (ପିସି) ନିଆଯାଉଛି। ବିନା ପିସିରେ କାମ ମିଳୁନାହିଁ, କାମ ସରିଲେ ବି ପିସି ନ ଦେଲେ ବିଲ୍ ହେଉ ନାହିଁ। କେଇଦିନ ତଳେ କଂଗ୍ରେସ ଏକ ସାମ୍ବାଦିକ ସମ୍ମିଳନୀରେ କରିଥିବା ଏହି ସାଂଘାତିକ ଅଭିଯୋଗରେ ମୋହର ମାରିଛନ୍ତି ଜଣେ ବିଜେପି ନେତା। ରାଜ୍ୟ ବିଜେପିର ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ଦାସ ଖୋଲାଖୋଲି ସରକାରଙ୍କ 'ପିସି' ତତ୍ତ୍ୱକୁ ସ୍ୱୀକାର କରିଛନ୍ତି। ସରକାରଙ୍କ ବିରୋଧରେ କଂଗ୍ରେସ ଯେଉଁ ପିସି ନିଆଁ ଜାଳିଥିଲା, ସେଥିରେ ବିଜେପି ନେତା ଘିଅ ଢାଳି ଏହି ଅଭିଯୋଗ ଅସତ୍ୟ ନୁହେଁ ବୋଲି ପରୋକ୍ଷରେ ପ୍ରମାଣିତ କରିଛନ୍ତି। ଖୋଦ୍

**ପୂର୍ବ ସରକାର ସମୟରେ କେହି ପିସି ନେଉ ନ ଥିଲେ**

**ବର୍ତ୍ତମାନ ବିନା ପିସିରେ କୌଣସି କାମ ହେଉ ନାହିଁ**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ବାଚନମଣ୍ଡଳୀରେ ଯଦି ଏପରି ଘଟଣା ଘଟୁଛି, ତେବେ ଅନ୍ୟତ୍ର କ'ଣ ହେଉଥିବ ତାହା ସହଜରେ ଅନୁମେୟ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

ରାଜ୍ୟରେ ବିକାଶମୂଳକ କାମ ଏବେ ଅଟକି ଯାଇଛି। କୌଣସି ସ୍ଥାନରେ କିଛି କାମ ହେଉ ନାହିଁ। ଏପରି ସମୟରେ ବିଜେପି ବିଧାୟକ ଜିତିଥିବା ନିର୍ବାଚନମଣ୍ଡଳୀକୁ ସରକାରଙ୍କ ପକ୍ଷରୁ ବିକାଶମୂଳକ କାମ ପାଇଁ ଦିଆଯାଇଥିବା ୨ କୋଟି ଲେଖାଏଁ ଟଙ୍କାକୁ ନେଇ ବିବାଦ ସୃଷ୍ଟି ହୋଇଛି। ବିଭିନ୍ନ ପଞ୍ଚାୟତକୁ ଅର୍ଥ ଆବଣ୍ଟନ ସମୟରେ ଯାବତୀୟ ବାଦବିବାଦ ସୃଷ୍ଟି ହେଉଛି ଓ ଅନୁଦାନ ବଣ୍ଟନରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ▸ପୃଷ୍ଠା-୭

# ଆଜିଠୁ ବଢ଼ିବ ତାତି

■ ଭୁବନେଶ୍ୱର, ୫।୬ (ସମିସ): ରାଜ୍ୟରେ ଆଗକୁ ଆସୁଛି ଭୀଷଣ ତାତି। ବିଶେଷ କରି ୭ତାରିଖରୁ ୧୦ ତାରିଖ ମଧ୍ୟରେ ଭୀଷଣ ତାତି ଅନୁଭବ ହେବ। ଏହି ୩ ଦିନ ମଧ୍ୟରେ ପ୍ରାୟ ୫ ଡିଗ୍ରୀ ତାପମାତ୍ରା ବଢ଼ିବ। ଗୁରୁବାର ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶ ପଟେ ତାପମାତ୍ରା ବୃଦ୍ଧି ଆରମ୍ଭ ହୋଇଛି। ମଦୁରାଇରେ ଆଜି ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବାକି ସ୍ଥାନଗୁଡ଼ିକରେ



ତାପମାତ୍ରା ୪୦ ଡିଗ୍ରୀ ନିକଟତର ହୋଇଛି। ଆଇଏମ୍‌ଡି ପକ୍ଷରୁ ଜାରି ବିସ୍ତାରିତ ପରସର ଆକଳନ ରିପୋର୍ଟରେ ମଧ୍ୟ ଦେଶର ବିଭିନ୍ନ ରାଜ୍ୟରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବା ନେଇ ଆକଳନ କରାଯାଇଛି। ତେଣୁ ଆସନ୍ତା ୪ ଦିନ ଯାଏଁ ରାଜ୍ୟବାସୀ ଭୀଷଣ ତାତି ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହେବେ ବୋଲି ଆକଳନ କରାଯାଇଛି। ଆସନ୍ତା ୧୨ ତାରିଖ ମଧ୍ୟରେ ମୌସୁମୀ ନିଷ୍କ୍ରିୟ ରହିବ ବୋଲି ଆଇଏମ୍‌ଡି ଆକଳନ କରିଛି। ତେଣୁ ୧୨ ତାରିଖ ମଧ୍ୟରେ ଦିନ ବେଳା ଭୀଷଣ ତାତି ▸ପୃଷ୍ଠା-୭

# ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ ନାମରେ ବଟି ଆଦାୟ

■ ଭୁବନେଶ୍ୱର, ୫।୬(ସମିସ): 'ମୁଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କହୁଥିଲି, ଦୁଇ ଲକ୍ଷ ଟଙ୍କା ନଦେଲେ ମାଲକାନଗିରି ପଠାଇଦେବି'। ଏଭଳି ଢଙ୍ଗରେ ଧମକ ଦେଇ ଜଣେ ସରକାରୀ ଅଧିକାରୀଙ୍କଠାରୁ ୨ ଲକ୍ଷ ଟଙ୍କା ଲୁଟି ନେଇଛି ଜଣେ ଧୂର୍ତ୍ତ। ଦୁଇ ଲକ୍ଷ ନେବାପରେ ମଧ୍ୟ ଡରାଇ ଧମକାଇ ଆହୁରି ୫ ଲକ୍ଷ ଟଙ୍କା ମାଗୁଛି ବୋଲି ରାଜଧାନୀର ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଛନ୍ତି ଜଣେ ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ହରିପାଲ।

**ବଦଳି ଧମକ ଦେଇ ନେଇଗଲେଣି ୨ ଲକ୍ଷ**

**ଥାନାର ଦ୍ୱାରସ୍ଥ ହେଲେ ଅଧୀକ୍ଷଣ ଯନ୍ତ୍ରୀ**

ପ୍ରତାପ କୁମାର ହରିପାଲ ଅନୁଗୁଳ ରାସ୍ତା ଓ କୋଠାବାଡ଼ି ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ପ୍ରାୟ ଏକମାସ ପୂର୍ବେ ଜାନକୀବଲ୍ଲଭ ମହାପାତ୍ର ନାମକ ଜଣେ ବ୍ୟକ୍ତି ତାଙ୍କୁ କଲ୍ କରିଥିଲେ ଓ ନିଜକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ତାଙ୍କୁ ମାଲକାନଗିରିକୁ ବଦଳି ହୋଇଛି ଓ ଏହାକୁ ▸ପୃଷ୍ଠା-୭












# ଏନ୍‌କାଉଣ୍ଟର୍‌ରେ କୁଖ୍ୟାତ ମାଓନେତା ସୁଧାକର ନିହତ



**ମୁଣ୍ଡ ଲାଗି ଥିଲା ୪୦ ଲକ୍ଷ ପୁରସ୍କାର**

■ ମାଲକାନଗିରି, ୬।୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଲିସ୍ ଏନ୍‌କାଉଣ୍ଟର୍‌ରେ କୁଖ୍ୟାତ ମାଓନେତା ସୁଧାକର ଓରଫ୍ ବାଲକ୍ରିଷ୍ଣା ନିହତ ହୋଇଛି। ସେ ମାଓ ସଙ୍ଗଠନର କେନ୍ଦ୍ରୀୟ କମିଟି ସଦସ୍ୟ ଥିଲା। ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼ ଏବଂ ମହାରାଷ୍ଟ୍ର ଆଦି ୪ ରାଜ୍ୟ ପାଇଁ ସେ ମୋଷ୍ଟୱାଣ୍ଟେଡ୍ ମାଓବାଦୀ ଥିଲା। ତା' ମୁଣ୍ଡ ଉପରେ ବିଭିନ୍ନ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କାର ପୁରସ୍କାର ରାଶି ରହିଥିବା ବେଳେ କେବଳ ଛତିଶଗଡ଼ ସରକାରଙ୍କ ପକ୍ଷରୁ ୪୦ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସୁଧାକର ବର୍ତ୍ତମାନ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ମୁଖ୍ୟ ଥିଲା। ▸ପୃଷ୍ଠା-୭

# ଜମ୍ମୁ ଓ କଶ୍ମୀର
# ବିକାଶର ଅୟମାରମ୍ଭ





## ₹୪୪,୦୦୦ କୋଟିର
## ରେଳ ପ୍ରକଳ୍ପ ଉପହାର

### ଉଦ୍‌ଘାଟନ

**ଚେନାବ୍ ସେତୁ**
**(ବିଶ୍ୱର ସର୍ବୋଚ୍ଚ ରେଳ ତୋରଣ ସେତୁ)**

- ୩୫୯ ମିଟର ଉଚ୍ଚତା, ୧୩୧୫ ମିଟର ଦୈର୍ଘ୍ୟ ଓ ୪୬୭ ମିଟର ତୋରଣ ସ୍ପାନ୍
- ଏହି ସେତୁ ଜମ୍ମୁ ଓ କଶ୍ମୀରର ରିଆସି ଜିଲ୍ଲାର କାଉରି ଓ ବକ୍କାଲ୍ ଅଞ୍ଚଳକୁ ସଂଯୋଗ କରିବ

**ଅଞ୍ଜି ସେତୁ**
**(ଭାରତ ପ୍ରଥମ କେବୁଲ୍ ଷ୍ଟେଡ୍ ରେଲ ସେତୁ)**

- ୭୨୫ ମିଟର ଦୈର୍ଘ୍ୟ, ୨୯୦ ମିଟର ମେନ୍ ସ୍ପାନ୍
- ଏହି ବ୍ରିଜ୍ ଜମ୍ମୁ ଓ କଶ୍ମୀରର କଟ୍ରା ଓ ରିଆସି ଜିଲ୍ଲାକୁ ସଂଯୋଗ କରିବ
- ଏକକ ବୃହତ୍ ପାଇଲନ୍ ସହିତ ୯୬ ଟି କେବୁଲ୍ ସଂଯୁକ୍ତ, ୧୯୩ ମିଟର ଉଚ୍ଚ

### ରାଷ୍ଟ୍ରକୁ ସମର୍ପଣ

**ଉଧମପୁର-ଶ୍ରୀନଗର-ବାରାମୁଲା**
**ରେଲ ଲିଙ୍କ ପ୍ରକଳ୍ପ (ୟୁଏସବିଆରଏଲ୍)**

- ବିକଶିତ ସମସ୍ତ ଜଳବାୟୁରେ ରେଳ ସଂଯୋଗ ଯାହା ଜମ୍ମୁ ଓ କଶ୍ମୀରକୁ ଭାରତର ଅବଶିଷ୍ଟ ଭାଗ ସହିତ ସଂଯୋଗ କରିବ,
- ଏହାର ମୋଟ୍ ଦୈର୍ଘ୍ୟ ୨୭୨ କିମି ଓ ଟି-୫୦ (ଭାରତରେ ସବୁଠାରୁ ଦୀର୍ଘ କାର୍ଯ୍ୟକ୍ଷମ ଟନେଲ୍) କୁ ଅନ୍ତର୍ଭୁକ୍ତ କରି ୩୬ ଟି ଟନେଲ୍ ଓ ୯୪୩ ଟି ସେତୁ ରହିଛି।

### ପତାକା ଦେଖାଇ ଶୁଭାରମ୍ଭ

**୨ ବନ୍ଦେ ଭାରତ ଟ୍ରେନ୍**
**ଶ୍ରୀ ମାତା ବୈଷ୍ଣୋଦେବୀ କଟ୍ରା-ଶ୍ରୀନଗର ଓ ଶ୍ରୀନଗର-ଶ୍ରୀ ମାତା ବୈଷ୍ଣୋ ଦେବୀ କଟ୍ରା**

- ଶ୍ରୀନଗରକୁ ପ୍ରଥମ ସେମି ହାଇସ୍ପିଡ୍ ଟ୍ରେନ
- ପର୍ଯ୍ୟଟନ ଓ ଆଞ୍ଚଳିକ ଯୋଗାଯୋଗରେ ବିକାଶ
- ମାତ୍ର ୩ ଘଣ୍ଟା ମଧ୍ୟରେ କଟ୍ରାରୁ ଶ୍ରୀନଗରକୁ ଯାତ୍ରା ସମ୍ଭବ

କରିବେ

## ନରେନ୍ଦ୍ର ମୋଦୀ

ପ୍ରଧାନମନ୍ତ୍ରୀ

### ସଦୟ ଉପସ୍ଥିତି

**ନିତୀନ ଜୟରାମ ଗଡ଼କରି**
ସଡ଼କ ପରିବହନ ଓ ରାଜପଥ କେନ୍ଦ୍ର ମନ୍ତ୍ରୀ

**ଅଶ୍ୱିନୀ ବୈଷ୍ଣବ**
ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି କେନ୍ଦ୍ର ମନ୍ତ୍ରୀ

**ଡ.ଜିତେନ୍ଦ୍ର ସିଂ**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ (ଭାରପ୍ରାପ୍ତ) ବିଜ୍ଞାନ ଓ ପ୍ରଯୁକ୍ତି ଏବଂ ଭୂବିଜ୍ଞାନ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ, ଆଣବିକ ଶକ୍ତି ବିଭାଗ ଓ ମହାକାଶ ବିଭାଗ ରାଷ୍ଟ୍ରମନ୍ତ୍ରୀ

**ଭି ସୋମାନ୍ନା**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ, ରେଳ ଓ ଜଳଶକ୍ତି

**ରବନୀତ ସିଂ**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ, ରେଳ ଓ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ

**ମନୋଜ୍ ସିହ୍ନା**
ଜମ୍ମୁ ଓ କଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳର ଲ୍ୟୁଟନାଣ୍ଟ ଗଭର୍ଣ୍ଣର
ଅଧ୍ୟକ୍ଷ,
ଶ୍ରୀ ମାତା ବୈଷ୍ଣୋଦେବୀ ସ୍ରାଇନ୍ ବୋର୍ଡ

**ଓମାର ଅବଦୁଲ୍ଲା**
ମୁଖ୍ୟମନ୍ତ୍ରୀ, ଜମ୍ମୁ ଓ କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ

**ସୁରିନ୍ଦର କୁମାର ଚୌଧୁରୀ**
ଉପମୁଖ୍ୟମନ୍ତ୍ରୀ
ଜମ୍ମୁ ଓ କଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳ

**ଯୁଗଳ କିଶୋର**
ସାଂସଦ (ଲୋକସଭା), ଜମ୍ମୁ

**ଆଗା ସୟଦ୍ ରୁହୁଲ୍ଲା ମେହଦି**
ସାଂସଦ (ଲୋକସଭା) ଶ୍ରୀନଗର

**ଗୁଲାମ ଅଲ୍ଲୀ**
ସାଂସଦ, ରାଜ୍ୟସଭା

ଶୁକ୍ରବାର, ୦୬ ଜୁନ୍, ୨୦୨୫ | ପୂର୍ବାହ୍ନ ୧୧.୦୦ ଘ. | ଶ୍ରୀ ମାତା ବୈଷ୍ଣୋଦେବୀ ସ୍ରାଇନ୍ ବୋର୍ଡ ସ୍ପୋର୍ଟସ କମ୍ପ୍ଲେକ୍ସ, କଟ୍ରା (ଷ୍ଟାଡିୟମ)

## ଭାରତୀୟ ରେଳପଥ

DD NEWS ଡିଡି ନ୍ୟୁଜରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ | www.indianrailways.gov.in | ଆମକୁ ଅନୁସରଣ କରନ୍ତୁ /RailMinIndia

## ନିମାପଡ଼ା ରାଜନୀତି

# ଭାଇନା-ଅପା ମୁହାଁମୁହିଁ



■ ଉଦ୍‌ଘାଟିତ ସବୁ କାମ ୨୦୨୨ ଓ ୨୩ ମସିହାରେ ମଞ୍ଜୁର: ସମୀର
■ ବର୍ଷକରେ କ’ଣ କାମ ହୋଇଛି ତାହା ଲୋକେ କହିବେ: ପ୍ରଭାତୀ

**ପୁରୀ, ୫।୬(ସମିସ):** ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଦଳ ବଦଳ କରିବାର ଅଳ୍ପ କେଇମାସ ପରେ ନିମାପଡ଼ା ବିଜେପିରେ ମୁଣ୍ଡ ଟେକିଥିଲା ଦଳୀୟ କନ୍ଦଳ। ଅପା (ପ୍ରଭାତୀ ପରିଡ଼ା) ଏବଂ ଭାଇନା (ସମୀର ରଞ୍ଜନ ଦାଶ)ଙ୍କ ମଧ୍ୟରେ ବିବାଦ ସୂତ୍ରପାତ ହୋଇଥିଲା। ନିର୍ବାଚନ ସମୟରେ ପ୍ରଭାତୀ ସମୀରଙ୍କ ପ୍ରତି ଯେଉଁ ଆନୁଗତ୍ୟ ଦେଖାଉଥିଲେ ଉପମୁଖ୍ୟମନ୍ତ୍ରୀ ହେବା ପରେ କରଛଡ଼ା ଦେଲେ। ଧୀରେ ଧୀରେ ସେମାନଙ୍କ ଭିତରେ କନ୍ଦଳ ବଢ଼ିଥିଲା; କିନ୍ତୁ ଯଥାସମ୍ଭବ ଉଭୟେ ଏହାକୁ ପରଦା ଆଢୁଆଳରେ ରଖିବାକୁ ଚେଷ୍ଟା କରିଥିଲେ। ହେଲେ ବିଭିନ୍ନ କାର୍ଯ୍ୟକ୍ରମ ସେମାନଙ୍କ ବିବାଦକୁ ପଦାରେ ପକାଇ ଦେଇଥିଲା। ଯଦି କୌଣସି କାର୍ଯ୍ୟକ୍ରମରେ ଦୁଇଜଣ ଅତିଥି ହେଉଥିଲେ ସେଠାକୁ କେବଳ ଜଣେ ହିଁ ଯାଉଥିଲେ। ଏମିତି ବି ଆୟୋଜକଙ୍କୁ ସେ ଆସିଲେ ମୁଁ ଯିବି ନାହିଁ ବୋଲି କହୁଥିଲେ। ନିର୍ବାଚନମଣ୍ଡଳୀରେ କୌଣସି କାର୍ଯ୍ୟକ୍ରମ ହେଉ କିମ୍ବା ରାଲି ସମାନ୍ତରାଳ ଭାବେ ଆୟୋଜନ କରୁଥିଲେ। ହେଲେ ଏବେ ଅପା-ଭାଇନାଙ୍କ କନ୍ଦଳ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ଆଉ ଶୀତଳ ନୁହେଁ, ଏବେ ସମ୍ମୁଖ ଯୁଦ୍ଧରେ ଦୁହେଁ ଅବତୀର୍ଣ୍ଣ ହେଲେଣି। ବିଜେପିର ବର୍ଷ ପୂର୍ତ୍ତି ଅବସରରେ ପ୍ରଭାତୀଙ୍କ କାର୍ଯ୍ୟଦକ୍ଷତାକୁ ସମାଲୋଚନା କରିଥିଲେ ସମୀର। ଗୁରୁବାର ଏହାର ପାଲଟା ଜବାବ ରଖିଛନ୍ତି ପ୍ରଭାତୀ। ଶାଣିତ ଢଙ୍ଗରେ ସମୀରଙ୍କୁ ‘ବଡ଼’ କହି ସେ ଦେଇଥିବା ମନ୍ତବ୍ୟ ଭୁଲ୍ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି।

ବିଜେପିର ବର୍ଷ ପୂର୍ତ୍ତି ଅବସରରେ ବୁଧବାର ନିମାପଡ଼ା ନୂତନ ବାରବାଟୀ ପଡ଼ିଆରେ ପ୍ରଭାତୀ ‘ଉତ୍କର୍ଷ ନିମାପଡ଼ା’ ପାଳନ କରିଥିବା ବେଳେ ସମୀର କଳାପାଞ୍ଚଣ ପଞ୍ଚାୟତରେ ଏକ ବନ୍ଧୁମିଳନ ଆୟୋଜନ କରିଥିଲେ। ଏହି ଅବସରରେ ସମୀର ନିମାପଡ଼ାର ବିକାଶ ନେଇ ପ୍ରଭାତୀଙ୍କ କାର୍ଯ୍ୟଦକ୍ଷତା ଉପରକୁ ଅଙ୍ଗୁଳି ଉଠାଇବା ସହ ଅସନ୍ତୋଷ ଝାଡ଼ିଥିଲେ। ବର୍ଷେ ପଳାଇଲା ହେଲେ ନିମାପଡ଼ାରେ ମାଟି ମୁଠାଏ ପଡ଼ିଲା ନାହିଁ, ଯାହା ବି ହୋଇଛି ତାହା ପୂର୍ବ ସରକାରଙ୍କ ଅର୍ଥରେ ହୋଇଛି। ଉପମୁଖ୍ୟମନ୍ତ୍ରୀ ଯେଉଁ କାମର ଶୁଭ ଦେଉଛନ୍ତି ସେ ଟଙ୍କା ୨୦୨୨-୨୩ ଓ ୨୦୨୩-୨୪ରେ ମଞ୍ଜୁର ହୋଇଥିଲା। ନୂଆ ଯୋଜନା କି କାମ କିଛି ବି ମଞ୍ଜୁର ହୋଇନି। ଏତଦ୍‌ବ୍ୟତୀତ ନିମାପଡ଼ା ଏବଂ ଗୋପରେ ପିସି କାରବାର ବଢ଼ିଯାଇଛି ବୋଲି ସଙ୍ଗିନ ଅଭିଯୋଗ ଆଣିଥିଲେ ସମୀର।

ଦଳର ବର୍ଷ ପୂର୍ତ୍ତି ଦିନ ସମୀରଙ୍କର ଏହି ବିସ୍ଫୋରକ ବୟାନ ପରେ ନିମାପଡ଼ା ବିଜେପିରେ କମ୍ପନ ସୃଷ୍ଟି ହୋଇଥିଲା। ଦୀର୍ଘଦିନ ଧରି ଅପା-ଭାଇନାଙ୍କ ମଧ୍ୟରେ ଯେଉଁ କନ୍ଦଳ ଚାଲିଥିଲା ତାହା ପଦାରେ ପଡ଼ିଥିଲା। ତେବେ ସମୀରଙ୍କ ପ୍ରଶ୍ନର ଉତ୍ତର ରଖିଛନ୍ତି ପ୍ରଭାତୀ। ଶାଣିତ ଢଙ୍ଗରେ ସମୀରଙ୍କୁ ଦେଇଛନ୍ତି ପାଲଟା ଜବାବ। ସେ କହିଛନ୍ତି, ପରିବାରରେ ଯେଉଁମାନେ ବଡ଼ ଲୋକ ଥାଆନ୍ତି ସେମାନେ ପିଲାମାନଙ୍କଠାରୁ ଅଧିକ ଆଶା ରଖିଥା’ନ୍ତି। ତେଣୁ ମୁଁ ଭାବୁଛି ଏହା ବିଜେପିକୁ ତୃଣମୂଳସ୍ତରରେ ଆହୁରି ସଶକ୍ତ ଭାବେ କାମ କରିବାକୁ ସୁଯୋଗ ଦେବ। ବର୍ଷକ ଭିତରେ କ’ଣ କାମ ହୋଇଛି ନା ନାହିଁ ସେଇଟା ଲୋକେ କହିବେ। ପିସି କାରବାର ସମ୍ପର୍କରେ ପ୍ରଭାତୀ କହିଥିଲେ, ଏମ୍‌ଏଲ୍‌ଏ ଲ୍ୟାଡ୍ ଏବଂ ଏମ୍‌ପି ଲ୍ୟାଡ୍ ଏଇ ଏପ୍ରିଲରେ ଦାଖଲ ହୋଇଥିବ। ମେ’ ମାସରେ ବ୍ଲକ୍‌କୁ ଆସିଥିବ। ଜୁନ୍ ମାସ ତ ଆରମ୍ଭ ହେଉଛି। କାମ ତ ଆରମ୍ଭ ହୋଇନାହିଁ। ପିସି କଥା ଉଠୁଛି କୁଆଡୁ ବୋଲି କହି ସମୀରଙ୍କୁ ଭୁଲ୍ ବୋଲି ପରୋକ୍ଷରେ କହିବାକୁ ଚେଷ୍ଟା କରିଛନ୍ତି।

## ପାର୍ଲାମେଣ୍ଟରୁ ପ୍ରେମ; ଜର୍ମାନରେ ହାତଗଣ୍ଠି

# ପିନାକୀ-ମହୁଆ ଜୀବନସାଥୀ

**ନୂଆଦିଲ୍ଲୀ, ୫।୬(ସମିସ):** ପଶ୍ଚିମବଙ୍ଗ କୃଷ୍ଣନଗର ସାଂସଦ ତଥା ତୃଣମୂଳ କଂଗ୍ରେସ ନେତ୍ରୀ ମହୁଆ ମଇତ୍ରୋଙ୍କ ହାତ ଧରିଛନ୍ତି ଚାରିଥର ଲୋକସଭା ସାଂସଦ ଓ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ପିନାକୀ ମିଶ୍ର । ଜର୍ମାନୀର ବର୍ଲିନ୍ ସହରରେ ଅଳ୍ପ କିଛି ନିକଟ ସମ୍ପର୍କୀୟଙ୍କ ଉପସ୍ଥିତିରେ ସେମାନେ ବିବାହ କରିଥିବା



ସୂଚନା ମିଳିଛି । ମହୁଆ ମଇତ୍ରୋଙ୍କ ଘନିଷ୍ଠ କୁହାଯାଉଥିବା ତୃଣମୂଳ ନେତ୍ରୀ ସାୟୋନୀ ଘୋଷ ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ଏକ ଫଟୋ ପୋଷ୍ଟ କରି ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ମହୁଆ ମଧ୍ୟ ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ଏକ ଫଟୋ ପୋଷ୍ଟ କରି ଏହି ଚର୍ଚ୍ଚା ସତ୍ୟ ବୋଲି ପ୍ରମାଣିତ କରିଛନ୍ତି ।

ଦୀର୍ଘବର୍ଷ ତଳେ କଂଗ୍ରେସରେ ଥିବାବେଳେ ସେମାନଙ୍କ ମଧ୍ୟରେ ପରିଚୟ ହୋଇଥିଲା ଓ ୨୦୧୯ରେ ମହୁଆ ସଂସଦକୁ ନିର୍ବାଚିତ ହେବା ପରେ ଏହି ପରିଚୟ ପ୍ରେମରେ ପରିଣତ ହୋଇଥିଲା। ଏପରିକି ‘ଟଙ୍କା ପାଇଁ ପ୍ରଶ୍ନ’ ବିବାଦରେ ଛନ୍ଦି ହୋଇଥିବା ମହୁଆ ଅସମୟରେ ପଡ଼ିଥିବାବେଳେ ପିନାକୀ ତାଙ୍କ ସହ ଠିଆ ହୋଇଥିଲେ। ସୂଚନା ଅନୁସାରେ ଉଭୟ ବିବାହ ନିମନ୍ତେ ବହୁଦିନ ପୂର୍ବରୁ ନିଷ୍ପତ୍ତି ନେଇଥିଲେ ମହୁଆଙ୍କ ବିରୋଧରେ ମାମଲା ପରେ ଏହା ସ୍ଥଗିତ ରହିଥିଲା। ଦୁବାଇର ବ୍ୟବସାୟୀ ଦର୍ଶନ ହିରାନନ୍ଦାନିଙ୍କୁ ଲୋକସଭା ସଦସ୍ୟଙ୍କ ୟୁଜରନେମ୍ ଏବଂ ପାସୱାର୍ଡ ଦେଇଥିବା ଅଭିଯୋଗରେ ମହୁଆ ଅଭିଯୁକ୍ତ ହୋଇଥିଲେ। ଏପରିକି ହିରାନନ୍ଦାନି ଏକ ସତ୍ୟପାଠରେ ଦାବି କରିଥିଲେ ଯେ ପିନାକୀ ଏବଂ ମହୁଆ ନିକଟତର ଥିଲେ ବୋଲି ଉଲ୍ଲେଖ କରିଥିଲେ। ସେହିପରି ଲୋକସଭାରୁ ବହିଷ୍କାର ହେବା ପରେ ଯେତେବେଳେ ମହୁଆଙ୍କୁ ବଙ୍ଗଳା ଖାଲି କରିବାକୁ କୁହାଯାଇଥିଲା, ପିନାକୀ ଏହା ବିରୋଧରେ ଅଦାଲତର ଦ୍ୱାରସ୍ଥ ହୋଇଥିଲେ।

୧୯୯୬ ମସିହାରେ କଂଗ୍ରେସ ଟିକେଟରେ ପ୍ରଥମ ଥର ପାଇଁ ସାଂସଦ ହୋଇଥିବା ପିନାକୀ ମିଶ୍ର ୨୦୦୯, ୨୦୧୪ ଓ ୨୦୧୯ରେ ବିଜେଡି ଟିକଟରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ।

### ମାଳାବଦଳ ପରେ କାଟିଲେ କେକ୍

ପିନାକୀଙ୍କ ପ୍ରଥମ ବିବାହ ୧୯୮୪ ମସିହାରେ ସଙ୍ଗୀତା ମିଶ୍ରଙ୍କ ସହିତ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଉଭୟ ଅଲଗା ରହୁଥିବା ସୂଚନା ମିଳିଥିଲା। ସେମାନଙ୍କ ମଧ୍ୟରେ କେବେ ଛାଡ଼ପତ୍ର ହେଲା ତାହା ଏଯାଏ ସ୍ପଷ୍ଟ ନୁହେଁ। ପିନାକୀଙ୍କ ଘନିଷ୍ଠତମ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପିନାକୀ ଏବଂ ସଙ୍ଗୀତା ଏବେ ବି ତିନୋଟି କମ୍ପାନୀରେ ନିର୍ଦ୍ଦେଶକ ଅଛନ୍ତି। ଓସନ୍ ଗ୍ରାଣ୍ଡ ରିସର୍ଟସ୍ ଆଣ୍ଡ ହୋଟେଲ୍ ପ୍ରାଇଭେଟ୍ ଲିମିଟେଡ୍, ଜୁପିଟର୍ ଇଷ୍ଟେଟ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ହ୍ୱାଇଟ୍ ଲିଲି ଇଷ୍ଟେଟ୍ସ ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀରେ ପିନାକୀ ଏବଂ ସଙ୍ଗୀତା ନିର୍ଦ୍ଦେଶକ ଅଛନ୍ତି।

ଅନ୍ୟପକ୍ଷରେ ମହୁଆ ମୋଇତ୍ରୋ ନ୍ୟୁୟର୍କ ଏବଂ ଲଣ୍ଡନରେ ଜେପି ମୋର୍ଗାନ୍ କମ୍ପାନୀରେ ଉଚ୍ଚ ପଦରେ କାର୍ଯ୍ୟ କରିଛନ୍ତି। ସେ ଡେନମାର୍କର ଜଣେ ଫାଇନାନ୍ସର ଲାର୍ସ ଭି ବୋରୋସନଙ୍କୁ ବିବାହ କରିଥିଲେ ଓ ପରେ ସେମାନଙ୍କର ବିବାହ ବିଚ୍ଛେଦ ହୋଇଛି। ୨୦୦୮ ମସିହାରେ ସେ ଚାକିରି ଛାଡି ଭାରତ ଫେରିଆସି ଯୁବ କଂଗ୍ରେସରେ ଯୋଗ ଦେଇଥିଲେ ଓ ଦୁଇ ବର୍ଷ ପରେ ଟିଏମ୍‌ସିରେ ସାମିଲ ହୋଇଥିଲେ। ୨୦୧୬ ରେ ପ୍ରଥମ ଥର ପାଇଁ କରିମ୍‌ନଗର ଆସନରୁ ବିଧାନସଭା ନିର୍ବାଚନ ଲଢ଼ିଥିଲେ ଏବଂ ୨୦୧୯ ଓ ୨୦୨୪ରେ କୃଷ୍ଣନଗର ଲୋକସଭା କ୍ଷେତ୍ରର ଟିଏମ୍‌ସି ପ୍ରାର୍ଥୀ ଭାବରେ ସଂସଦକୁ ନିର୍ବାଚିତ ହୋଇଛନ୍ତି ।

# ଆମ୍ବ ତୋଟାରେ ବଜ୍ରପାତ; ୨ ମୃତ

**କଣିହାଁ, ୫।୬(ସମିସ):** କଣିହାଁ ବ୍ଲକ୍ ବଜ୍ରକୋଟ ପଞ୍ଚାୟତ ଗୁଣ୍ଠୁରୀ ଗ୍ରାମରେ ଗୁରୁବାର ବଜ୍ରପାତରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ଗ୍ରାମର କାହ୍ନୁଚରଣ ମିଶ୍ର (୬୩) ଓ ଶିବ ନାଏକ (୧୫)। ସେହିପରି ଅନ୍ୟ ଜଣେ ନାବାଳକ ଶୁଭମ ମହାପାତ୍ର (୧୨) ଗୁରୁତର ହୋଇଛନ୍ତି। ତାଙ୍କୁ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ୩ଜଣ ଯାକ ଆଜି ଅପରାହ୍ଣରେ ତୋଟାକୁ ଆମ୍ବ ତୋଳିବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ଘଡ଼ଘଡ଼ି ସହ ବର୍ଷା-ପବନ ହେବାରୁ ସେମାନେ ଏକ ଆମ୍ବ ଗଛମୂଳରେ ଆଶ୍ରୟ ନେଇଥିଲେ। ତେବେ ସେଠାରେ ଗୋଟିଏ ବଜ୍ରପାତ ହେବାରୁ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ପରୀକ୍ଷାନିରୀକ୍ଷା କରି କାହ୍ନୁଚରଣ ଓ ଶିବଙ୍କୁ ମୃତ ଘୋଷଣା କରିଥିଲେ। କଣିହାଁ ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ୨ଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୬୫୦୦ କେଜି ବିସ୍ଫୋରକ ଜବତ

**ଭବାନୀପାଟଣା/ଜୟପାଟଣା, ୫।୬(ସମିସ):** ସଶସ୍ତ୍ର ମାଓବାଦୀମାନେ ସୁନ୍ଦରଗଡ଼ ଜିଲ୍ଲାରେ ୫ଟନ୍‌ରୁ ଊର୍ଦ୍ଧ୍ୱ ବିସ୍ଫୋରକ ଲୁଟିନେବା ଘଟଣାକୁ ଦିନ କେଇଟା ପୂରି ନଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ଆଜି ଏକାବେଳକେ ୬୫୦୦ କେଜି ବିସ୍ଫୋରକ ସହ ୧୧୫ଟି ଡିଟୋନେଟର୍ ଜବତ ହେବା ଘଟଣା ରାଜ୍ୟବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି। ବେଆଇନ ଭାବେ ଦୁଇଟି ଗାଡ଼ିରେ ଚାଲାଣ ହେଉଥିବା ବେଳେ ଖଣି ବିଭାଗ ଓ ପୁଲିସ୍ ମିଳିତ ଚଢ଼ଉ କରି



ଜୟପାଟଣା ଥାନା ଅଧୀନ ଲାଖବହାଲି ଜଗନ୍ନାଥ କ୍ରସରରୁ ଏହି ବିସ୍ଫୋରକ ଜବତ କରିଛି। ଜବତ ବିସ୍ଫୋରକ ମଧ୍ୟରେ ୭୫୦ମିଟର ୧୧୫ଟି ଡିଟୋନେଟର୍ ସହ ୩୦୦ ଏମଏମ ଲମ୍ବ ଓ ୮୩ ଏମଏମ ମୋଟା ବିଶିଷ୍ଟ କାଟ୍ରିଜ୍ ରହିଛି। ଏହାର ଓଜନ ୬୫୦୦ କେଜି ବୋଲି ଜଣାପଡ଼ିଛି। ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ, ଜଗନ୍ନାଥ କ୍ରସର୍‌ର ସୁପରଭାଇଜର୍ ଜଗନ୍ନାଥ ତିୱାରୀ, ଟ୍ରକ୍ ଚାଳକ ରଞ୍ଜନ କ୍ଷିତି, ପିକ୍-ଅପ୍ ଚାଳକ ଧର୍ମୁ ପୋଡ଼ ଓ ବ୍ଲାଷ୍ଟର୍ ଅରୁଣ କୁମାର। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଜୟପାଟଣା ଥାନାରେ ଏକ ମାମଲା ରୁଜୁ ହୋଇଛି।

ବିନା କୌଣସି ଅନୁମତି କିମ୍ବା ସଂରକ୍ଷଣ ପାଇଁ ବୈଧ ଲାଇସେନ୍ସ ନ ଥିବା ଉକ୍ତ ବିସ୍ଫୋରକ କଳିଙ୍ଗ ଆଣ୍ଡ କୋ ଆଲିସାନ ଲାଇଫ୍ ଷ୍ଟାଇଲ କମ୍ପାନୀର ମାଲିକ ଅନୁପ କୁମାର ଅଗ୍ରୱାଲ ଯୋଗାଣ କରିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହା ବିସ୍ଫୋରକ ସାମଗ୍ରୀର ସଂରକ୍ଷଣ ଓ ପରିବହନ ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି କୁହାଯାଉଛି। ଲାଖବାହାଲି ପଥର ଖଣି ମାଲିକ ଜନାର୍ଦ୍ଦନ ପଣ୍ଡାଙ୍କ ଖଣି ଅଞ୍ଚଳରେ ବିସ୍ଫୋରକ ସାମଗ୍ରୀ ବୋଝେଇ ୨ଟି ଗାଡ଼ି ଥିବା ବେଳେ ପଥର ଖଣି ସୁପଭାଇଜର ଜଗନ୍ନାଥ ତିୱାରି ଗାଡ଼ିକୁ ରଖିବାକୁ ଦେଇଥିଲେ ବୋଲି ପୁଲିସ୍ ଏକ ପ୍ରେସ୍‌ବାର୍ତ୍ତାରେ ସୂଚନା ଦେଇଛି। ତେବେ ସେ କିପରି ଏତେ ପରିମାଣରେ ବିସ୍ଫୋରକ ପରିବହନ କରୁଥିଲେ ଓ ଏହା କେଉଁଠିକୁ ଯାଉଥିଲା, ତାହା ପୁଲିସ ତଦନ୍ତ କରୁଛି। ସେହିପରି ବିସ୍ଫୋରକ ସାମଗ୍ରୀ ଦିନ ସମୟରେ ପରିବହନ ପାଇଁ ନିୟମ ଥିବା ବେଳେ ସନ୍ଧ୍ୟା ସମୟରେ କିପରି ଏହା ପରିବହନ ହେଉଥିଲା, ତାକୁ ନେଇ ପ୍ରଶ୍ନ ଉଠିଛି।

ଉଲ୍ଲେଖଯୋଗ୍ୟ, ଜୟପାଟଣାର ଯେଉଁ ଅଞ୍ଚଳରୁ ଏହା ଜବତ କରାଯାଇଛି, ତାହା ଜଙ୍ଗଲକୁ ଲାଗି ରହିଛି। ଏହା କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର ସୀମାନ୍ତ ଅଞ୍ଚଳ। ପାଖରେ ବହୁମୁଖୀ ଇନ୍ଦ୍ରାବତୀ ଡ୍ୟାମ, ଇନ୍ଦ୍ରାବତୀ ପ୍ରକଳ୍ପ, ମଙ୍ଗଳପୁର ବ୍ୟାରେଜ, ମେଗା ପାନୀୟ ଜଳ ପ୍ରକଳ୍ପ, ସ୍କୁଲ, କଲେଜ ଇତ୍ୟାଦି ରହିଛି। ଏହା ଅସାମାଜିକ ବ୍ୟକ୍ତିର ହାତରେ ପଡ଼ିଥିଲେ, କ’ଣ ହୋଇଥା’ନ୍ତା ବୋଲି ପ୍ରଶ୍ନ ଉଠିଛି। ଜିଲ୍ଲା ଖଣି ବିଭାଗ ଜୁନିୟର ଖଣି ଅଧିକାରୀ ପ୍ରଶାନ୍ତ କର ଓ ଜୟପାଟଣା ଥାନା ଅଧିକାରୀ ମମତା ହେମ୍ବ୍ରମ, ସବ୍-ଇନ୍ସପେକ୍ଟର ବିନୟକୁମାର ବାରା ତଦନ୍ତ ଆରମ୍ଭ କରିଛନ୍ତି।

## ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜରେ ରୋଗୀ ମୃତ୍ୟୁ ଘଟଣା

# ବିଧାୟକ-କଂଗ୍ରେସ କର୍ମୀ ଧସ୍ତାଧସ୍ତି

**କୋରାପୁଟ, ୫।୬ (ସମିସ):** କୋରାପୁଟ ସହିଦ ଲକ୍ଷ୍ମଣ ନାୟକ(ଏସ୍‌ଏଲ୍‌ଏନ୍) ମେଡିକାଲ କଲେଜ ଓ ହସ୍ପିଟାଲରେ ସ୍ୱଳ୍ପ ସମୟ ବ୍ୟବଧାନରେ ୬ ରୋଗୀଙ୍କ ମୃତ୍ୟୁ ଘଟଣାକୁ କେନ୍ଦ୍ର କରି ଆଜି ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଜି ଘଟଣାର ଅନୁଧ୍ୟାନ କରିବାକୁ ମେଡିକାଲ ଗସ୍ତରେ ଆସିଥିବା ବେଳେ କଂଗ୍ରେସ କର୍ମୀମାନେ ତାଙ୍କୁ ତୀବ୍ର ବିରୋଧ କରିଛନ୍ତି। ଏପରିକି, ସ୍ଥାନୀୟ ବିଧାୟକ ରଘୁରାମ ମାଛ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ଭଳି ଅପ୍ରୀତିକର ପରିସ୍ଥିତି ଉପୁଜିଛି।

ଅପରପକ୍ଷେ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଘଟଣାର ତଦନ୍ତ ଚାଲିଛି। ଭୁଲ୍ ଚିକିତ୍ସା ସ୍ପଷ୍ଟ ହେଲେ, ଦୋଷୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଆଜି ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍, ଏସ୍‌ପି ରୋହିତ ବର୍ମାଙ୍କ ସହ ହସ୍ପିଟାଲ ପରିଦର୍ଶନ କରିଥିଲେ। ତେବେ ଏହାକୁ ନେଇ ସେଠାରେ ଉପସ୍ଥିତ କଂଗ୍ରେସ କର୍ମୀମାନେ ପ୍ରଶ୍ନ ଉଠାଇଥିଲେ। ସେମାନେ କହିଥିଲେ ଯେ ମନ୍ତ୍ରୀ ମାତ୍ର ୫ ମିନିଟ୍‌ରେ ଏମିତି କ’ଣ ଅନୁଧ୍ୟାନ କଲେ? ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କଲେ ନା ଖାଲି ବୁଲିବାକୁ ଆସିଥିଲେ ବୋଲି କଂଗ୍ରେସ ପ୍ରଶ୍ନ କରିଥିଲା।

କଂଗ୍ରେସ ବିଧାୟକ ଦଳ ନେତା ତଥା ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ନିମାଇଁ ସରକାର, ପିସିସି ସମ୍ପାଦକ ରୂପକ ତୁରୁକ, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ସାଂସଦ ପ୍ରତିନିଧି ବାବୁଲା



ବେହିଆ, କଂଗ୍ରେସ ନେତା ରମେଶ ବାକ୍ଷିଆ, ଭବାନୀ ଶଙ୍କର ମିଶ୍ର ପ୍ରମୁଖ ଶତାଧିକ କର୍ମୀଙ୍କ ସହ ମନ୍ତ୍ରୀଙ୍କୁ ବିରୋଧ କରିଥିଲେ। ମନ୍ତ୍ରୀଙ୍କୁ ବିରୋଧ ସମୟରେ କୋରାପୁଟ ବିଧାୟକ ରଘୁରାମ ମାଛ ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏନେଇ ପୂର୍ବତନ ବିଧାୟକ ନିମାଇଁ ସରକାର ଅଭିଯୋଗ କରିଛନ୍ତି ଯେ କଂଗ୍ରେସ କର୍ମୀମାନଙ୍କୁ ବିଧାୟକ ଧକ୍କା ମାରିଛନ୍ତି। ସେମାନେ ମନ୍ତ୍ରୀଙ୍କୁ ଭେଟି କୋରାପୁଟ ମେଡ଼ିକାଲ କଲେଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବାକୁ ଚାହୁଁଥିଲେ। କିନ୍ତୁ ସ୍ଥାନୀୟ ବିଧାୟକ ଏହାକୁ ବିରୋଧ କରିଥିଲେ ବୋଲି କଂଗ୍ରେସ ବିଧାୟକ ଦଳନେତା ରାମଚନ୍ଦ୍ର କାଡାମ କହିଛନ୍ତି। ସେହିପରି ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ରୂପକ ତୁରୁକ ପ୍ରଶ୍ନ କରିଛନ୍ତି ଯେ ମନ୍ତ୍ରୀ ଆଇସିୟୁ ବିଭାଗକୁ ଯାଇ କ’ଣ ସ୍ଥିତି ଅଛି ଦେଖିବା କଥା। କିନ୍ତୁ ମନ୍ତ୍ରୀ ସେଠାକୁ

■ ମନ୍ତ୍ରୀଙ୍କ ଗସ୍ତକୁ କଂଗ୍ରେସର ଜୋର୍‌ଦାର୍ ବିରୋଧ
■ ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ
■ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ନଯାଇ କ’ଣ ଦେଖିବାକୁ ଆସିଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ, ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ଜୟନ୍ତ ଦାଶ ଜାତୀୟ ମାନାବାଧିକାର ଆୟୋଗ(ଏନ୍‌ଏଚ୍‌ଆରସିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ୍‌କୁ ଦାୟିତ୍ୱ ଦିଆଯିବା ସହ ଏନ୍‌ଏଚ୍‌ଆରସି ଟିମ୍ ମେଡ଼ିକାଲ ପରିଦର୍ଶନ କରିବାକୁ ସେ ଦାବି କରିଛନ୍ତି। ଏହାସହ, ସମସ୍ତ ମେଡ଼ିକାଲ ଷ୍ଟାଫ୍‌ଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ, ମୃତକଙ୍କ ପରିବାରକୁ ୩୦ଲକ୍ଷ କ୍ଷତିପୂରଣ ଦେବାକୁ ସରକାରଙ୍କ ନିର୍ଦ୍ଦେଶ ଦେବା ପାଇଁ ସେ ଅଭିଯୋଗରେ ଦର୍ଶାଇଛନ୍ତି।

### ୫ ଜଣିଆ କମିଟିର ତଦନ୍ତ ଆରମ୍ଭ

୬ ରୋଗୀ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଡିଏମଇଟିଙ୍କ ଦ୍ୱାରା ନିଯୁକ୍ତ ଟିମ୍ ବୁଧବାର ରାତିରେ କୋରାପୁଟ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହସ୍‌ପିଟାଲ ଅଧୀକ୍ଷକ ପ୍ରଫେସର୍ ସୁଶାନ୍ତ କୁମାର ସାହୁଙ୍କଠାରୁ ମିଳିଥିବା ସୂଚନାନୁସାରେ, ବ୍ରହ୍ମପୁର ଭେଷଜ ମହାବିଦ୍ୟାଳୟର ଆନାସ୍ଥିସିଆ ବିଶେଷଜ୍ଞ ପ୍ରଫେସର୍ ଏଚ୍.କେ ଦଳେଇ, ସର୍ଜରୀ ବିଶେଷଜ୍ଞ ସହକାରୀ ପ୍ରଫେସର୍ ଡାକ୍ତର ଆଇ. ଗୋପାଳ, ମେଡିସିନ୍ ସ୍ପେସିଆଲିଷ୍ଟ ପ୍ରଫେସର୍ ଡାକ୍ତର ସଚ୍ଚିଦାନନ୍ଦ ନାୟକ, କଟକ ବଡ଼ ମେଡ଼ିକାଲର ସର୍ଜରୀ ବିଶେଷଜ୍ଞ ପ୍ରଫେସର ଏଚ୍.କେ. ମାଝୀ ଏବଂ ସହକାରୀ ପ୍ରଫେସର ଡାକ୍ତର ବି.ସ୍ୱାଗତ କୁମାର ସୁବୁଦ୍ଧି ବୁଧବାର ରାତିରେ ପହଞ୍ଚି ତଦନ୍ତ କରିଛନ୍ତି। ତଦନ୍ତକାରୀ ଡାକ୍ତର ଟିମ୍ ଆଇସିୟୁ ଏବଂ ସର୍ଜରୀ ୱାର୍ଡ ଯାଇ ମୃତ ରୋଗୀମାନଙ୍କୁ ଦିଆ ଯାଇଥିବା ଔଷଧ, ଇଞ୍ଜେକସନ ଯାଞ୍ଚ କରିବା ସହ ସେତେବେଳେ ଡ୍ୟୁଟିରେ ଥିବା ଡାକ୍ତର ଓ ଷ୍ଟାଫ୍‌ନର୍ସମାନଙ୍କୁ ପଚରା ଉଚରା କରିଛନ୍ତି।

## ହତ୍ୟାର ହଟ୍‌ସ୍ପଟ୍ ଗଞ୍ଜାମ

# ୨୪ ଘଣ୍ଟାରେ ଗଡ଼ିଲା ଆଉ ୨ ମୁଣ୍ଡ

**କୋଦଳା/ଜଗନ୍ନାଥପ୍ରସାଦ, ୫।୬ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦିନିକିଆ ଗଞ୍ଜାମ ଗସ୍ତରେ ଆସିବା ପୂର୍ବରୁ ଜିଲ୍ଲାରେ ଦୁଇ ଦୁଇଟି ବୀଭତ୍ସ ହତ୍ୟାକାଣ୍ଡ ପୁଲିସ୍ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। କୋଦଳା ଥାନା ନାୟିକାଣୀପଲ୍ଲିରେ ନାତିର ଠେଙ୍ଗାମାଡ଼ରେ ଜେଜେମା’ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ଜମିବାଡ଼ି ବିବାଦରୁ ରାସ୍ତା ଉପରେ ଶାଳୀକୁ ହାଣି ହତ୍ୟା କରିଛି ଭିଣୋଇ।

ସୂଚନାନୁଯାୟୀ, ନାୟିକାଣୀପଲ୍ଲି ମାଗୁରା ସାହିରେ ଚିତ୍ରସେନ୍ ସ୍ୱାଇଁ, ସ୍ତ୍ରୀ ସୁମତି ଏବଂ ତାଙ୍କର ପୁଅ-ଝିଅ ରହନ୍ତି। ଚିତ୍ରସେନ୍ ପ୍ରାୟ ସମୟରେ ପାଗଳଙ୍କ ଭଳି ବ୍ୟବହାର କରି ବିଭିନ୍ନପ୍ରକାର ଅଘଟଣ ଘଟାଉଥିଲେ। ବାହାର ଲୋକଙ୍କୁ ମାରଧର କରିବା ସହ ଗାଡ଼ି, ସାଇକଲ ଆଦି ଭଙ୍ଗାରୁଜା କରିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା। କିଛି ଦିନ ତଳେ ପୁଲିସ ତାଙ୍କୁ ଅଟକ ମଧ୍ୟ ରଖିଥିଲା। ତେବେ ବୁଧବାର ରାତି ପ୍ରାୟ ୧୧ଟାରେ ସେ ହଠାତ୍ ସୁମତିଙ୍କୁ ଏକ କାଠଫାଳିଆରେ ଆକ୍ରମଣ କରିଥିଲେ। ସୁମତି କୌଶଳକ୍ରମେ ବାହାରକୁ ପଳାଇ ଆସିଥିଲେ ହେଁ ପୁଅ-ଝିଅ ଘର ଭିତରେ ରହିଯାଇଥିଲେ। ତେଣୁ ପିଲାଦ୍ୱୟଙ୍କୁ ଆଣିବା ପାଇଁ ଜେଜେମା’ ଅନି ସ୍ୱାଇଁ (୮୫)ଙ୍କୁ ସୁମତି ଘର ଭିତରକୁ ପଠାଇଥିଲେ। ଏହି ସମୟରେ ରାଗରେ ଥିବା ପାଗଳପ୍ରାୟ ଚିତ୍ରସେନ ଜେଜେମା’ଙ୍କୁ ବି ଛାଡ଼ିନଥିଲା। କାଠଫାଳିଆରେ ପିଟିପିଟି ଆଣି ରାସ୍ତା ଉପରେ ପକାଇ ଦେଇଥିଲା। ପାଟି ଶୁଣି ତାଙ୍କ ବଡ଼ବାପା ଦିବାନ ସ୍ୱାଇଁ ଏବଂ ବଡ଼ମା’ ସୁରି ସ୍ୱାଇଁ ପହଞ୍ଚି ମା’କୁ ବଞ୍ଚାଇବାକୁ ଚେଷ୍ଟା କରିବାରୁ ତାଙ୍କୁ ମଧ୍ୟ ଚିତ୍ରସେନ ଆକ୍ରମଣ କରିଥିଲା। ଗାଁ ଲୋକ ଏହା ଦେଖୁଥିଲେ ହେଁ ପାଖକୁ ଯିବାକୁ କେହି ସାହସ ଜୁଟାଇ ପାରିନଥିଲେ। ଚିତ୍ରସେନ୍ ଚାଲିଯିବା ପରେ ଏକ ଆମ୍ବୁଲାନ୍ସରେ ଅନି ଓ ଦିବାନଙ୍କୁ କୋଦଳା ମେଡିକାଲରେ

■ ନାତିର କାଠଫାଳିଆ ମାଡ଼ରେ ଜେଜେ ମା’ ମୃତ
■ ରାସ୍ତାରେ ହାଣିଲା ଭିଣୋଇ, ଶାଳୀ ମୃତ
■ ମୁଖ୍ୟମନ୍ତ୍ରୀ ଆସିବା ପୂର୍ବରୁ ହତ୍ୟାକାଣ୍ଡ; ପୁଲିସ୍‌ର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ





ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ଅନିଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯକ୍ତ ଚିତ୍ରସେନକୁ ଅଟକ ରଖି ପଚରାଉଚରା କରୁଛି।

ସେହିଭଳି ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ଜମିବାଡ଼ି ବିବାଦରୁ ଶାଳୀକୁ ଅତି ନୃଶଂସ ଭାବେ ହାଣି ହତ୍ୟା କରିଛି ଭିଣୋଇ। ମୃତକ ହେଲେ, ଜଗନ୍ନାଥପ୍ରସାଦ ଥାନା ଚଢ଼ିଆପଲ୍ଲୀ ଗ୍ରାମ ବଉଳସାହିର ଗଦାଧର ତ୍ରିପାଠୀଙ୍କ ଝିଅ ବିଜୟଲକ୍ଷ୍ମୀ ତ୍ରିପାଠୀ(୪୦) । ସେ ଜଣେ ଆଶାକର୍ମୀ। ଏକ ଧାରୁଆ ଅସ୍ତ୍ରରେ ଭିଣୋଇ ରାମଚନ୍ଦ୍ର ତ୍ରିପାଠୀ (୫୦) ତାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ଜଗନ୍ନାଥପ୍ରସାଦ ଥାନାରେ ଆତ୍ମସମର୍ପଣ କରିଛି। ପୁଲିସ୍ ରାମଚନ୍ଦ୍ର ଏବଂ ତାଙ୍କ ପତ୍ନୀଙ୍କୁ ଅଟକ ରଖି ପଚାରାଉଚରା କରୁଛି।

ସୂଚନାନୁସାରେ, ଗଦାଧରଙ୍କ ଝିଅ ବିନୋଦିନୀଙ୍କୁ ବିବାହ କରିବା ପରେ ରାମଚନ୍ଦ୍ର ଘରଜ୍ୱାଇଁ ଭାବେ ରହୁଥିଲେ। ଗଦାଧରଙ୍କ ମୃତ୍ୟୁ ପରେ ସମ୍ପତ୍ତି ଭଗବଣ୍ଟାକୁ ନେଇ ରାମଚନ୍ଦ୍ର ଓ ଶାଳୀ ବିଜୟଲକ୍ଷ୍ମୀଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏହାକୁ ନେଇ ଦୀର୍ଘବର୍ଷ ହେବ କୋର୍ଟରେ ମକଦ୍ଦମା ଲାଗି ରହିଥିଲା। ତେବେ ବିବାଦୀୟ ଜାଗାରେ ଘର ତିଆରି ପାଇଁ ବୁଧବାର ଦିନ ରାମଚନ୍ଦ୍ର ପଥର ପକାଇବାରୁ ବିଜୟାଲକ୍ଷ୍ମୀଙ୍କ ସହ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରାମଚନ୍ଦ୍ର ଧରିଥିବା ଏକ ଧାରୁଆ ଅସ୍ତ୍ରରେ ବିଜୟଲକ୍ଷ୍ମୀଙ୍କୁ ଚୋଟ ପରେ ଚୋଟ ପକାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଧିକାରୀ ବଂଶୀଧର ମଲ୍ଲିକ ସୂଚନା ଦେଇଛନ୍ତି। ଅପରାହ୍ନରେ ଛତ୍ରପୁରରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ଛାନଭିନ ଜାରି ରଖିଥିଲେ।

ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ରମ୍ଭା, ଛତ୍ରପୁର ଓ ବ୍ରହ୍ମପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଜିଲ୍ଲାରେ ଏହି ଦୁଇ ଦୁଇଟି ହତ୍ୟାକାଣ୍ଡ ପୁଲିସ୍‌ର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖାଲି ଏହି ୨ଟି ଘଟଣା ନୁହେଁ, ଜିଲ୍ଲାରେ ପ୍ରତି କିଛିଦିନ ଅନ୍ତରାଳରେ ହତ୍ୟାକାଣ୍ଡରେ କାହାର ନା କାହାର ମୁଣ୍ଡ ଗଡ଼ୁଛି। ୨ ଦିନ ତଳେ ଜଣେ ଜେଲ୍‌ଫେରନ୍ତା ଯୁବକଙ୍କୁ କିଛି ଦୁର୍ବୃତ୍ତ ଅତି ଅମାନବୀୟ ଭାବେ ଅପହରଣ କରି ହତ୍ୟା କରିଥିଲେ। କହିବାକୁ ଗଲେ, ବର୍ତ୍ତମାନ ଗଞ୍ଜାମ ପୂରା ରାଜ୍ୟରେ ‘ହତ୍ୟାକାଣ୍ଡ’ର ହଟ୍‌ସ୍ପଟ୍ ପାଲଟିଛି।

# ଲାଞ୍ଚ ନେଇ ସେକ୍ସନ୍ ଅଫିସର୍ ଗିରଫ

**ପୁରୀ, ୫।୬(ସମିସ):** ପୁରୀ ଉପଖଣ୍ଡ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟରେ କାର୍ଯ୍ୟରତ ସେକ୍ସନ ଅଫିସର୍ ମନୋଜ ମହାନ୍ତିଙ୍କୁ ଭିଜିଲାନ୍ସ ଗିରଫ କରିଛି। ୯ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଛି। ନିମାପଡ଼ା ରେଞ୍ଜର ଅଭିଯୋଗକାରୀ ଏବଂ ଅନ୍ୟ ପାଞ୍ଚଜଣଙ୍କ ବିଦ୍ୟୁତ୍ ଚାଳିତ ଗାଡ଼ିର ସୁବିଧା କରାଇବା ପାଇଁ ସେକ୍ସନ ଅଫିସର୍ ବିଳମ୍ବ କରାଉଥିଲେ। ଏଥିଲାଗି ସେ ୯ହଜାର ଟଙ୍କା ଦାବି କରିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ପୂର୍ବ ଯୋଜନା ଅନୁଯାୟୀ, ଗୁରୁବାର ଶ୍ରୀ ମହାନ୍ତି ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ କାବୁ କରିଥିଲା। ଶ୍ରୀ ମହାନ୍ତିଙ୍କଠାରୁ ୯ ହଜାର ଟଙ୍କା ଜବତ କରାଯାଇଛି। ଅନ୍ୟପଟେ ତାଙ୍କ ଆବାସିକ ଘର କଟକ ବୟାଳିଶମୌଜା, ମାହାଙ୍ଗାସ୍ଥିତ ପୈତୃକ ବାସଭବନ ଏବଂ ଅଫିସ୍‌ରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଭିଜିଲାନ୍ସ ତାଙ୍କ ବିରୋଧରେ ଏକେ ମାମଲା ରୁଜୁ କରିଛି।

# କଟିବ ୨୦ଲକ୍ଷ ହିତାଧିକାରୀଙ୍କ ରାସନ କାର୍ଡ

**ଭୁବନେଶ୍ୱର, ୫।୬(ସମିସ):** ଦୀର୍ଘ ୮ ମାସ ଧରି ଚାଲୁଥିବା ଇ-କେୱାଇସି ଏହି ମାସରେ ଶେଷ ହେବ। ହେଲେ ଏବେ ବି ୨୦ଲକ୍ଷରୁ ଅଧିକ ହିତାଧିକାରୀ ଇ-କେୱାଇସି କରିନାହାନ୍ତି। ତେଣୁ ଏହି ମାସ ଶେଷ ସୁଦ୍ଧା ଯେଉଁ ହିତାଧିକାରୀ ନିଜର ଇ-କେୱାଇସି ଶେଷ କରିବେନି, ସେମାନଙ୍କର ରାସନ କାର୍ଡ କଟିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେଣୁ ଚଳିତ ମାସ ଶେଷ ସୁଦ୍ଧା ଯେଉଁ ହିତାଧିକାରୀ ଇ-କେୱାଇସି ପ୍ରକ୍ରିୟା ଶେଷ କରିବେ ନାହିଁ, ସେମାନଙ୍କ ରାସନ କାର୍ଡ ବାତିଲ ହେବ। ପ୍ରାୟ ୨୦ ଲକ୍ଷ ହିତାଧିକାରୀ ଏଥିରୁ ବାଦ ପଡ଼ିବାର ସମ୍ଭାବନା ରହିଛି। ଗତ ୧୩ ବର୍ଷ ଧରି ନୂଆ ରାସନ କାର୍ଡ ଜାରି ହୋଇନାହିଁ। ନୂଆ ସରକାର ଗଠନ ପରେ ୧୭ ଲକ୍ଷ ନୂଆ ଆବେଦନ ଆସିଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।

# ବିଶ୍ୱ ପରିବେଶ ଦିବସରେ ଚାରାରୋପଣକୁ ଗୁରୁତ୍ୱ
















**ସମ୍ବଲପୁର, ୫।୬ (ସମିସ)**

'ମା'ଙ୍କ ନାମରେ ଗୋଟିଏ ଗଛ', ଯାହା ପ୍ରକୃତିର ସମ୍ମାନ ପ୍ରତି ଏକ ବଡ଼ ପ୍ରତିଜ୍ଞା। ଚାରାରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା କରିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଏହି ଅଭିଯାନ ମାଧ୍ୟମରେ ଜୁନ୍ ୫ ରୁ ଅଗଷ୍ଟ ୩୧ ତାରିଖ ମଧ୍ୟରେ ସମ୍ବଲପୁର ମହାନଗର ନିଗମ (ଏସଏମସି) ଅଞ୍ଚଳରେ ଆମେ ୧ ଲକ୍ଷ ଲଗାଇବାର ଲକ୍ଷ୍ୟ ରଖିଛୁ ବୋଲି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି। ଏହି ପ୍ରୟାସକୁ ନିଜର ଦାୟିତ୍ୱ ଭାବନ୍ତୁ ଏବଂ ଗୋଟିଏ ଲେଖାଏଁ ଗଛ ଲଗାନ୍ତୁ ଓ ଯତ୍ନ ନିଅନ୍ତୁ। ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆପଣ ମାନଙ୍କୁ ବିନା ମୂଲ୍ୟରେ ସମସ୍ତଙ୍କୁ ବୃକ୍ଷ ଯୋଗାଇଦିଆଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ଅବସରରେ ଜାମପାଲିସ୍ଥିତ ନର୍ସରୀଠାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସାଂସଦଙ୍କ ପ୍ରତିନିଧି ନାଉରୀ ନାଏକ, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ବନଖଣ୍ଡ ଡିଏଫ୍‌ଓ କଳିଙ୍ଗ ଗୋରାଖ ୱାମନ୍‌ଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ପରିବେଶପ୍ରେମୀ ମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ସବୁଜ ସମ୍ବଲପୁର ମିଶନର ଶୁଭାରମ୍ଭ ହୋଇଯାଇଛି, ଏହି ମିଶନ ମାଧ୍ୟମରେ ଜୁନ୍ ୫ ରୁ ଅଗଷ୍ଟ ୩୧ ମଧ୍ୟରେ ଏସଏମସି ଅଞ୍ଚଳରେ ୧ ଲକ୍ଷ ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି।

ସମ୍ବଲପୁର ବନଖଣ୍ଡ ଡିଏଫ୍‌ଓ କଳିଙ୍ଗ ଗୋରାଖ ୱାମନ୍ ନିଜ ସ୍ୱାଗତ ବକ୍ତବ୍ୟରେ କହିଥିଲେ, ଚଳିତବର୍ଷ ପାଇଁ ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁ ରହିଛି 'ଏଣ୍ଡିଙ୍ଗ୍ ପ୍ଲାଷ୍ଟିକ୍ ପଲ୍ୟୁସନ୍'। ଆମର ମୃତ୍ତିକା, ଜଳ, ଜଙ୍ଗଲ ଓ ଜୈବବିବିଧତା ପ୍ଲାଷ୍ଟିକ ଆବର୍ଜନା ବୃଦ୍ଧି ଯୋଗୁଁ ବିପଦର ସମ୍ମୁଖୀନ ହେଉଛି। ଏକକ ବ୍ୟବହୃତ ପ୍ଲାଷ୍ଟିକର ଅତ୍ୟଧିକ ଉତ୍ପାଦନ ଏବଂ ବ୍ୟବହାର, ଅପର୍ଯ୍ୟାପ୍ତ ବର୍ଜ୍ୟର ସୃଷ୍ଟି ଏବଂ ଉପଯୁକ୍ତ ପରିବେଶ ଅନୁକୂଳ ବିସ୍ଥାପନ ବ୍ୟବସ୍ଥା ନଥିବା ଯୋଗୁଁ ଆମ ପରିବେଶରେ ପ୍ଲାଷ୍ଟିକ୍ ଆବର୍ଜନା ବୃଦ୍ଧି ପାଉଛି। ରାଜ୍ୟ ସରକାର ପ୍ଲାଷ୍ଟିକ୍ ପ୍ରଦୂଷଣ ହ୍ରାସ କରିବା ପାଇଁ ସକ୍ରିୟ ଭାବରେ ପ୍ଲାଷ୍ଟିକ ବ୍ୟବହାର ନିୟନ୍ତ୍ରଣ, ପୁନଃଚକ୍ରଣ ବୃଦ୍ଧି କରିବା ଓ ପରିବେଶ ଅନୁକୂଳ ବିକଳ୍ପ ସ୍ଥାୟୀ ଅଭ୍ୟାସକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରୟାସ କରୁଛନ୍ତି ବୋଲି ସେ କହିଥିଲେ। ଜିଲ୍ଲାପାଳ ଶ୍ରୀ ବୋନ୍ଦର ଆମେ ବଡ଼ ବଡ଼ ଅଟ୍ଟାଳିକା, ନିଜ ପକ୍କା ଘରର ଛାତ ଉପରେ ରୁଫ୍ ଟପ୍ ଗାର୍ଡେନ୍‌ର କନସେପ୍ଟ ମାଧ୍ୟମରେ ଗଛ ଲଗାଇପାରିବା ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ 'ମା' ପାଇଁ ଗଛଟିଏ' ଅଭିଯାନ ନେଇ ଏକ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା।

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ସବୁଜ ଓ ବିକଶିତ ଭବିଷ୍ୟତ ପାଇଁ ଚାରାରୋପଣ ଉପରେ ପ୍ରତିବଦ୍ଧତାକୁ ପୁନଃପ୍ରତିପାଦନ କରାଯାଇଛି। ଆଜିର କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ, କୁଳସଚିବ ଡ. ଚିତ୍ତରଞ୍ଜନ ସାହୁ, ବିତ୍ତ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡ଼ଙ୍ଗୀଙ୍କ ସହ ଫେକଲ୍‌ଟି ମେମ୍ବର ତଥା କର୍ମଚାରୀମାନେ ସାମିଲ ହୋଇଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ୭୦ଟି ଆମ୍ବଚାରା, ୩୧ଟି ଫୁଲଚାରା ଓ ଗୋଟିଏ ଲେମ୍ବୁଚାରା ରୋପଣ କରାଯାଇଥିଲା। ଚଳିତବର୍ଷ ପରିବେଶ ଦିବସର ଥିମ୍ ଅନୁଯାୟୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ଲାଷ୍ଟିକ ବ୍ୟବହାରକୁ ବର୍ଜିତ କରାଯାଇଛି। ଏହି ଅବସରରେ ପୋଷ୍ୟ ଗ୍ରାମ ସାହାଜବାହାଲଠାରୁ ମାଟି ଚା'କପ୍ ଆଣି ବିଶ୍ୱବିଦ୍ୟାଳୟ ପରିସରରେ ବ୍ୟବହାର କରାଯାଉଛି।

## ସମ୍ବଲପୁର ରେଳମଣ୍ଡଳ

ପରିବେଶ ଓ ପ୍ରକୃତି ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ 'ବିଶ୍ୱ ପରିବେଶ ଦିବସ' ପାଳିତ ହୋଇଯାଇଛି। ବିଭିନ୍ନ ରେଳଷ୍ଟେସନ ଓ କଲୋନୀଗୁଡ଼ିକରେ ଚାରାରୋପଣ ଓ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଥିଲା। ବିଶ୍ୱ ପରିବେଶ ଦିବସ ଅବସରରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ରେଳନଗର ଠାରେ ପ୍ରଭାତଫେରୀ କରିବା ସହ ସମ୍ବଲପୁର ରେଳଷ୍ଟେସନରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ରେଳବାଇ କଲୋନୀ, କାର୍ଯ୍ୟାଳୟ ଓ ବିଭିନ୍ନ ଷ୍ଟେସନରେ ସଚେତନତାମୂଳକ ବ୍ୟାନର ପ୍ରଦର୍ଶନ କରାଯାଇଛି। ପରିବେଶ ଦିବସ ଅବସରରେ ମଣ୍ଡଳ ପ୍ରବନ୍ଧକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମକୁ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ଆରମ୍ଭ କରିଥିଲେ। ସମସ୍ତ ରେଳ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

## ବ୍ରହ୍ମାକୁମାରୀ

ପାବନ ସରୋବରଠାରେ ଗୁରୁବାର ବ୍ରହ୍ମାକୁମାରିଜ୍ ସମ୍ବଲପୁର ଉପକ୍ଷେତ୍ରୀୟ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପାର୍ବତୀ ଦିଦିଙ୍କ ଉଦ୍ୟମକ୍ରମେ ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପାବନ ସରୋବର ପରିସରରେ ଦେଢ଼ ଶହରୁ ଅଧିକ ଗଛ ଲଗାଯାଇଛି। ଯେଉଁଥିରେ ଆମ୍ବ, ନଡ଼ିଆ, ପିଜୁଳି, ସପେଟା, ନାସପାତି, ଫକ୍ସଟେଲ ପାମ, ସୁନାରୀ, କୃଷ୍ଣଚୂଡ଼ା ଆଦି ଗଛ ରହିଛି। ଚାରାରୋପଣ କାର୍ଯ୍ୟକ୍ରମରେ ସମ୍ବଲପୁର ଡିଏଫ୍‌ଓ ଗୋରଖ କାଲୁଙ୍ଗ ୱମନ୍ ଯୋଗଦେଇଥିଲେ। ଉଦ୍ୟାନକୃଷି ବିଭାଗ ଅଧିକାରୀ ବ୍ରହ୍ମାକୁମାରୀ ମୌସୁମୀ ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରାଜଯୋଗିନୀ ପାର୍ବତୀ ଦିଦି ଚାରାରୋପଣ କରିବାପରେ ବ୍ରହ୍ମାକୁମାରୀ ବିନି, ଆରତୀ, ଦୀପା, ଶକୁନ୍ତଳା, ରାସେଶ୍ୱରୀ ଏବଂ ବ୍ରହ୍ମକୁମାର ରୁପେଶ, ମୋହନ, ଅନିଲ, ନରୋତ୍ତମ, ଅମୂଲ୍ୟ, ସୁଧୀର, କୁମରମଣୀ ପ୍ରମୁଖଙ୍କ ସହ ଅଞ୍ଚଳବାସୀ ଚାରାରୋପଣ କରିଥିଲେ।

## ବିଶ୍ୱ ପରିବେଶ ଦିବସରେ ସାଇକଲ ରାଲି

ବିଶ୍ୱ ପରିବେଶ ଦିବସ ଅବସରରେ ଏକ ସଚେତନତା ସାଇକଲ ରାଲି ଆୟୋଜିତ ହୋଇଛି। ଏହା ସମ୍ବଲପୁର ରେଳଷ୍ଟେସନ ସାମ୍ନାରୁ ବାହାରି ଏହି ରାଲି ଫାର୍ମ ରୋଡ଼, ମୋଦିପଡ଼ା, ଲକ୍ଷ୍ମୀ ଟକିଜ୍ ଛକ ଦେଇ ହାଉସିଂ ବୋର୍ଡକୁ ଆସିଥିଲା। ସ୍ଥାନୀୟ ଛାତ୍ରଛାତ୍ରୀମାନେ ଏଥିରେ ଭାଗ ନେଇଥିଲେ। ପରିବେଶ ସୁରକ୍ଷା ଜୀବନ ରକ୍ଷା, ସେଭ୍ ଏନଭିରନ୍‌ମେଣ୍ଟ ସେଭ୍ ଲାଇଫ, ଡୋଣ୍ଟ କଟ୍ ଟ୍ରି, ବୃକ୍ଷ ହିଁ ଜୀବନ ଆଦି ପ୍ଲାକାର୍ଡ ସହ ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ସାଇକଲ ରାଲିକୁ ଯୁଗ୍ମ ଆୟୁକ୍ତ ବାଣିଜ୍ୟ କର ଲିଙ୍ଗରାଜ ପ୍ରଧାନ ସବୁଜ ପତାକା ଦେଖାଇ ଆରମ୍ଭ କରିଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡ. ସତ୍ୟନାରାୟଣ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମର୍ପଣ ସଂଗଠନ ଅଧକ୍ଷ ରାଧେଶ୍ୟାମ ପଣ୍ଡା ପରିଚାଳନା କରିଥିଲେ। ଟିକେଶ୍ୱର ପ୍ରଧାନ, ଆଲୋକ ଦାସ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ମନୋରଞ୍ଜନ ପ୍ରଧାନ, ଅଂଶୁମାଳା କୁସୁମ ମିଞ୍ଜ, ରାଜେଶ ପଟନାୟକ, ଶଭ୍ରାଂଶୁ ପାତ୍ର, ସୁସ୍ମିତା ନାୟକ, ବସନ୍ତ ନାୟକ, ଅଭୟ ଦେହୁରୀ, ସ୍ୱାଧୀନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଜ୍ୟୋତିବିହାର

ଆଲୋକ ଓ ସୋଏଲ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଆଲୋକ ଅନୁଷ୍ଠାନ କାର୍ଯ୍ୟାଳୟଠାରେ ସମ୍ପାଦକ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଶିଶୁମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜିତ ହୋଇଥିଲା। ଶିଶୁମାନେ ପ୍ଲାଷ୍ଟିକମୁକ୍ତ ପରିବେଶ ଗଠନ ବିଷୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ସହକାରୀ ପ୍ରାଧ୍ୟାପକ ଶ୍ରବଣ କୁମାର ବାଗଙ୍କ ଦ୍ୱାରା ରଚିତ ଏବଂ ଭୀମସାର ହାଉସ ସର୍ଜନ ଡା ଆଦିତ୍ୟ ନାରାୟଣ ପାଣିଗ୍ରାହୀ ଓ ଡା ଟିକେଶ୍ୱର ଶତନାମୀଙ୍କ ନିର୍ଦ୍ଦେଶନାରେ ଏକ କ୍ଷୁଦ୍ର ନାଟକ 'ମାଏଟ ଡାକୁଛେ' ପରିବେଶଣ କରିଥିଲେ। କାଯ୍ୟକ୍ରମ ଆୟୋଜନରେ ଶିକ୍ଷକ ଅଚ୍ୟୁତାନନ୍ଦ ମେହେର ଓ ରାଜାରାମ ସାହୁ ସହଯୋଗ କରିଥିଲେ।

## ମାନ୍ଧାତାବାବା କଲେଜ

ମାନେଶ୍ୱରସ୍ଥିତ ମାନ୍ଧାତା ବାବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଖେଳ ଶିକ୍ଷକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗିରିଧାରୀ ରାଉତ ମୁଖ୍ୟଅତିଥି ଏବଂ ଅପାରି ରାଉତ, ଭିକାରୀ ରାଉତ, ଆଶିଷ ରାଉତ, ଅମରେଶ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପରିବେଶର ଗୁରୁତ୍ୱ ଉପରେ ଆଲୋକପାତ କରିବାସହ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ବିଷୟରେ କହିଥିଲେ। ଏହି ଅବସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଭାରତ ନିର୍ମାଣ ଅନୁଷ୍ଠାନ

ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ ବିଶାଳଖିଣ୍ଡା ଗ୍ରାମ ପଞ୍ଚାୟତ ବଡଟିଠେଇପାଲି ଗ୍ରାମର ସାଲେଡୁଙ୍ଗୁରି ସଂରକ୍ଷିତ ଜଙ୍ଗଲ ପରିସରରେ ଭାରତ ନିର୍ମାଣ ଯୁବ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ତବଡ଼ାବାହାଲର ପୂର୍ବତନ ସରପଞ୍ଚ ପ୍ରମିଳା ସିଂ ମୁଖ୍ୟଅତିଥି ଏବଂ ତବଡ଼ାବାହାଲ ବନ ସଂରକ୍ଷଣ ସମିତି ସଭାପତି ରମଣି ବାଗ, ହୃଷିକେଶ ଲୁହା, ଚୁଡାମଣି ଗର୍ଡ଼ିଆ, ରମେଶ ଗର୍ଡ଼ିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଭାପତି ଚତୁର୍ଭୁଜ ଗର୍ଡ଼ିଆ ପରିଚାଳନା କରିଥିଲେ। ଏହି ଅନୁଷ୍ଠାନ ପକ୍ଷରୁ ଭିନ୍ନ ଭାବରେ ପରିବେଶ ସଚେତନତା ବାର୍ତ୍ତା 'ଲେତି ଖାଏମାଁ, ଟାଁକୋ ଜଗାମାଁ' ଅଭିଯାନ ଜୁଲାଇ ଶେଷ ପର୍ଯ୍ୟନ୍ତ ଜାରି ରହିବ ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ସୁଜିତ ଲୁହା, ରାଜିନ୍ଦ୍ର ମହାନନ୍ଦ, ରାହୁଲ ନିଖଣ୍ଡିଆ ପ୍ରମୁଖ ସହଯୋଗ କରିଥିବାବେଳେ ଶେଷରେ ସହସମ୍ପାଦକ ଅମିତ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ସାଂସ୍କୃତିକ ସମାଜ

ଓଡ଼ିଶା ସାଂସ୍କୃତିକ ସମାଜ ପ୍ରେକ୍ଷାଳୟରେ ସଭାପତି ଡଃ ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏଥିରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) କୁଳପତି ପ୍ରଫେସର ଦୀପକ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ପରିବେଶ ପାଇଁ ସୋଲାର ଶକ୍ତି ଦ୍ୱାରା ପରିବେଶ ପ୍ରଦୂଷଣରୁ ରକ୍ଷା କରିପାରିବ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିବେଶ ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ସଞ୍ଜିତ କୁମାର ସାହୁ ଏ ବର୍ଷର ଥିମ୍ ପ୍ଲାଷ୍ଟିକ୍‌ର ବ୍ୟବହାର ଶେଷ କରିବା ଉପରେ ଗୁରତ୍ୱାରୋପ କରି ତା'ର ପ୍ରଭାବରେ ବିଶ୍ୱ ପରିବେଶ ପ୍ରଦୂଷିତ ହେଉଥିବାରୁ ବ୍ୟବହାର ହ୍ରାସ କରିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଦୀନବନ୍ଧୁ ପଣ୍ଡା ଅତିଥି ପରିଚୟ ପ୍ରଦାନ ଏବଂ ପରିବେଶ ସୁରକ୍ଷା ସମିତି ଆବାହକ ଦିଲ୍ଲୀପ କୁମାର ବଘାର ପରିବେଶ ସଚେତନତା ବିଷୟରେ କହିଥିଲେ। ବିଶିଷ୍ଟ ପରିବେଶପ୍ରେମୀ ତରଭା, ସୁବର୍ଣ୍ଣପୁରର ଗିରିଧାରୀ ଭୋଇଙ୍କୁ ପରିବେଶ ସମ୍ମାନ - ୨୦୨୫ ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଉପସଭାପତି ପ୍ରଶାନ୍ତ କୁମାର ପାଟଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଏମ୍‌ସିଏଲ୍‌ରେ ବିଶ୍ୱ ପରିବେଶ ଦିବସ

**ସମ୍ବଲପୁର, ୫।୬(ସମିସ):** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ରେ ବିଶ୍ୱ ପରିବେଶ ଦିବସ ୨୦୨୫ ପାଳିତ ହୋଇଛି। ଏହି ଅବସରରେ 'ଏକ ପେଡ୍ ମା କେ ନାମ ୨.୦' ଅଭିଯାନ ଆରମ୍ଭ ହୋଇଛି। କମ୍ପାନୀ ଅଧ୍ୟକ୍ଷ-ସହ-



ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଚାରାରୋପଣ କରି ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। କେଶବ ରାଓ (ନିର୍ଦ୍ଦେଶକ - ମାନବ ସମ୍ବଳ), ପିକେ ପଟେଲ (ମୁଖ୍ୟ ସତର୍କତା ଅଧିକାରୀ), ଜେକେ ବୋରା (ନିର୍ଦ୍ଦେଶକ - ବୈଷୟିକ/ ସଞ୍ଚାଳନ), ଏକେ ବେହୁରା (ନିର୍ଦ୍ଦେଶକ - ଅର୍ଥ), ଏବଂ ସଞ୍ଜୟ ଝା (ନିର୍ଦ୍ଦେଶକ - ବୈଷୟିକ/ପ୍ରକଳ୍ପ ଏବଂ ଯୋଜନା) ପ୍ରମୁଖ ଏହି ଅଭିଯାନରେ ଅଂଶଗ୍ରହଣ କରିଥିଲେ। ସଞ୍ଜୟ ଝା କୋଲ୍ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ ପି ଏମ୍ ପ୍ରସାଦଙ୍କ ବାର୍ତ୍ତା ପାଠ କରିଥିଲେ। ଏହି ଦିବସ ଅବସରରେ ସପ୍ତାହ ବ୍ୟାପି ଚିତ୍ରକଳା, କୁଇଜ୍ ଇତ୍ୟାଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କର୍ମଚାରୀ, ପରିବାର ସଦସ୍ୟ, ନିକଟସ୍ଥ ଗ୍ରାମବାସୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇଥିଲେ। ଚଳିତବର୍ଷର ଥିମ୍ ଏକ ରାଷ୍ଟ୍ର, ଏକ ମିଶନ: ପ୍ଲାଷ୍ଟିକ୍ ପ୍ରଦୂଷଣ ରୋକିବା ଏବଂ 'ମିଶନ ଲାଇଫ' ବିଷୟବସ୍ତୁ ଉପରେ ସ୍ୱଚ୍ଛତା ଅଭିଯାନ, ୱେବିନାର, ପଥପ୍ରାନ୍ତ ନାଟକ ଏବଂ ସାଇକେଲ ରାଲି ଭଳି ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କମ୍ପାନୀ ସିଏସଆର ଅଧୀନରେ ଢେଙ୍କାନାଳ ଏବଂ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ସହିତ ତିନୋଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ପ୍ରାୟ ୧୮ କୋଟି ମୂଲ୍ୟର ପ୍ରାକୃତିକ ଜଳ ଉତ୍ସର ପୁନରୁଦ୍ଧାର, ଭୂତଳଜଳ ପୁନଃଚାର୍ଜ ଏବଂ ଇକୋ ପାର୍କ ବିକାଶ ଉପରେ କାର୍ଯ୍ୟ କରିବ। ଏକ ପେଡ୍ ମା କେ ନାମ ୨.୦' ଅଭିଯାନରେ, ଏମସିଏଲ ଦେଢ ଲକ୍ଷ ଚାରା ରୋପଣ ଏବଂ ବଣ୍ଟନ କରିବା ନେଇ ପ୍ରତିଶ୍ରୁତି ଦେଇଛି।

# ବୈଦିକ ଇଣ୍ଟରନାସନାଲ ସ୍କୁଲ

**ସମ୍ବଲପୁର, ୫।୬(ସମିସ):** ବୈଦିକ ଇଣ୍ଟରନେସନାଲ ସ୍କୁଲ, ପାବପାଲି, ଶାସନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ହୋଇଥିବା 'ଏକ୍ ପେଡ୍ ମା'କେ ନାମ୍ ୨.୦' ଅର୍ଥାତ 'ଗୋଟିଏ ଗଛ ମା'ଙ୍କ ପାଇଁ ୨.୦' ଅଭିଯାନରେ ଅଂଶଗ୍ରହଣ କରାଯାଇଛି। ଏହି ପ୍ରୟାସର ଉଦ୍ଦେଶ୍ୟ ହେଉଛି ନିଜ ମାଆଙ୍କ ନାଁରେ ଗଛ ଲଗାଇ ନିଜର ପରିବେଶ ପ୍ରତି ଦାୟିତ୍ୱ ବୋଧ ବଢ଼ାଇବା ଏବଂ ପ୍ରକୃତି ସହ ଭାବନାତ୍ମକ ସମ୍ପର୍କ ଗଢ଼ି ତୋଳିବା। ଏହି ଥିମ୍ ପ୍ରକୃତିରେ ଥିବା ମା'ପଣ ଭାବନାକୁ ସମ୍ମାନ ଜଣାଏ ଏବଂ ପରିବେଶ ସଚେତନତାକୁ ବଢ଼ାଇଥାଏ। ବୈଦିକ ଇଣ୍ଟରନେସନାଲ ସ୍କୁଲର ଛାତ୍ରଛାତ୍ରୀମାନେ ସ୍କୁଲ୍ ଡ୍ରେସ୍ ପିନ୍ଧି ସଂସ୍ଥାର ଉଦ୍ୟାନ କିମ୍ବା ଘରର ଟବ୍‌ରେ ଗଛ ଲଗାଇ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ପ୍ରଶାସନ ଛାତ୍ରଛାତ୍ରୀଙ୍କ ଆଗ୍ରହ ଓ ଅଂଶଗ୍ରହଣ ପ୍ରତି ଗର୍ବ ବ୍ୟକ୍ତ କରିଛନ୍ତି। ଏପରି ପରିବେଶମୂଳକ ପ୍ରୟାସମାନେ ଦୀର୍ଘକାଳୀନ ଭବିଷ୍ୟତ ପାଇଁ କେତେ ଜରୁରୀ, ସେଥିପାଇଁ ଆବଶ୍ୟକତା ଉପସ୍ଥାପନ କରିଛନ୍ତି। 'ଆମ ମାଆଙ୍କ ନାଁରେ ଗଛ ଲଗାଇ ଆମେ କେବଳ ସେମାନେ ପ୍ରତି ଗର୍ବ ଅନୁଭବ କରୁନି, ବରଂ ଆସନ୍ତା ପିଢି ପାଇଁ ସ୍ୱସ୍ଥ ପରିବେଶ ସୁନିଶ୍ଚିତ କରୁଛୁ' ବୋଲି କହିଛନ୍ତି। କାର୍ଯ୍ୟକ୍ରମକୁ ନେଇ ବିଦ୍ୟାଳୟର ସମସ୍ତ ଶିକ୍ଷକଗଣଙ୍କ ସହ ଅନୁଷ୍ଠାନର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ, ଉପାଧ୍ୟକ୍ଷ ମୋନେନ ଈଶ୍ୱରୀ ଓ ଗୀତା ଧର୍ମରାଜନ ଖୁସିବ୍ୟକ୍ତ କରିଛନ୍ତି।



# କ୍ଷତିପୂରଣ ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ଘୁନଘୁଟିପଡ଼ାବାସୀ

**ସମ୍ବଲପୁର, ୫।୬ (ସମିସ)**

'ସମଲେଇ' ଯୋଜନାରେ ବିସ୍ଥାପିତ ଘୁନଘୁଟିପଡ଼ାବାସୀ ଗତ ଏପ୍ରିଲ ୨୧ ତାରିଖ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ ହେଁ ଏଯାବତ୍ ସେମାନଙ୍କ ସମସ୍ୟା ସମାଧାନ ହୋଇପାରିନାହିଁ। ସେମାନଙ୍କ ଦାବି ମଧ୍ୟରେ ସମଲେଇ ଯୋଜନାରେ ଘୁଟଘୁଟିପଡ଼ା ବିସ୍ଥାପିତ ପରିବାରଙ୍କୁ ଉଚିତ କ୍ଷତିପୂରଣ, ବାଦ୍ ପଡ଼ିଥିବା ଯୋଗ୍ୟ ପରିବାରକୁ ସାମିଲ କରାଯିବା ତଥା ବିସ୍ଥାପିତ କଲୋନୀର ସମସ୍ତ ସମସ୍ୟା ରହିଛି। ଏନେଇ ଅଞ୍ଚଳବାସୀ ବାରମ୍ବାର ରାଜସ୍ୱ ମନ୍ତ୍ରୀ ଓ ଅନ୍ୟ ବିଭାଗୀୟ ମନ୍ତ୍ରୀ ମାନଙ୍କଠାରେ ଅଭିଯୋଗ କରିଥିଲେ ହେଁ କୌଣସି ପଦକ୍ଷେପ ନିଆଯାଉନଥିବା ଅଭିଯୋଗ କରିଛନ୍ତି। ଆଜି ଘୁନଘୁଟିପଡ଼ାବାସୀ ପୁଣି



ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଅନ୍ୟମାନଙ୍କ ସହିତ ସମାନ କ୍ଷତିପୂରଣ ଦାବି କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, 'ସମଲେଇ' ଯୋଜନାରେ ଅନ୍ୟମାନଙ୍କୁ ଘର ନିର୍ମାଣ ପାଇଁ ସହାୟତା ରାଶି ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବାବେଳେ ଘୁନଘୁଟିପଡ଼ା ବିସ୍ଥାପିତ ପରିବାରଙ୍କୁ ଦୁର୍ଗାପାଲିଠାରେ ୬୪୦ ବର୍ଗଫୁଟ ଜମି ଓ ଘର ନିର୍ମାଣ ପାଇଁ ମାତ୍ର ୩ ଲକ୍ଷ ଟଙ୍କା ଦିଆଯାଇଛି। ସେଥିରେ ଘର ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଅନ୍ୟମାନଙ୍କୁ ଘରଭଡ଼ା ବାବଦକୁ ମାସିକ ୧୨ ହଜାର ଟଙ୍କା ହିସାବରେ ବର୍ଷକ ପାଇଁ ୧, ୪୪, ୦୦୦ ଟଙ୍କା ଏବଂ ପରିବହନ ବାବଦକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବାବେଳେ ଘୁନଘୁଟିପଡ଼ାବାସୀଙ୍କୁ ମାସିକ ୨୫୦୦ ଟଙ୍କା ହିସାବରେ ୬ ମାସ ପାଇଁ ୧୫ ହଜାର ଟଙ୍କା ଓ ପରିବହନ ବାବଦକୁ ମାତ୍ର ୧୦ ହଜାର ଟଙ୍କା ଦିଆଯାଇଛି। କ୍ଷତିପୂରଣ ପ୍ରଦାନରେ ଘୁନଘୁଟିପଡ଼ାବାସୀଙ୍କ ସହ ପାତରଅନ୍ତର କରାଯାଇଥିବା ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ସମାଧାନ କରି ଘୁନଘୁଟିପଡ଼ା ବିସ୍ଥାପିତ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, ଘରଭଡ଼ା ମାସିକ ୧୨ ହଜାର ଟଙ୍କା ହିସାବରେ ୧ ବର୍ଷର ଭଡ଼ା ଏବଂ ପରିବହନ ପାଇଁ ୧ ଲକ୍ଷ ଟଙ୍କା ଦିଆଯିବାକୁ ଦାବି କରିଛନ୍ତି। ଏହାସହିତ ଘୁନଘୁଟିପଡ଼ାର ବାଦ୍ ପଡ଼ିଥିବା ୩୧ଟି ଯୋଗ୍ୟ ପରିବାରଙ୍କୁ ସମଲେଇ ଯୋଜନାରେ ସାମିଲ କରାଯିବାକୁ ସେମାନେ ଜିଲ୍ଲାପାଳଙ୍କଠାରେ ଦାବି ଜଣାଇଛନ୍ତି।

## ପ୍ରସନ୍ନ ଆଚାର୍ଯ୍ୟଙ୍କ ପତ୍ନୀ ବିୟୋଗ

**ବରଗଡ଼, ୫।୬(ସମିସ):** ବିରୋଧୀ ଦଳ ଉପନେତା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଧର୍ମପତ୍ନୀ ଚାରୁଶୀଳା ଆଚାର୍ଯ୍ୟ (୬୮)ଙ୍କ ହୃଦ୍‌ଘାତରେ ପରଲୋକ ହୋଇ ଯାଇଛି। ମୃତ୍ୟୁ ପରେ ନିଜ ଚକ୍ଷୁଦାନ କରି ଅନ୍ୟମାନଙ୍କ ପାଇଁ ସେ ଉଦାହରଣ ପାଲଟିଛନ୍ତି। ସ୍ୱର୍ଗତ ଚାରୁଶୀଳାଙ୍କ ଶେଷକୃତ୍ୟ ବରଗଡ଼ ଜୀରା ନଦୀ ସ୍ୱର୍ଗଦ୍ୱାରରେ ବିଧିମତେ ସମ୍ପନ୍ନ ହୋଇଛି। ତାଙ୍କ ଦୁଇ ଝିଅ ଲୋପାମୁଦ୍ରା ଓ ମୋନାଲିସା ତଥା ପୁତୁରା ଜନ ଆଚାର୍ଯ୍ୟ ମୁଖାଗ୍ନି ପ୍ରଦାନ କରିଥିଲେ। ସ୍ୱର୍ଗତା ଆଚାର୍ଯ୍ୟଙ୍କ ଶବାଧାରରେ ସହସ୍ରାଧିକ ଜନ ସାଧାରଣ ଓ ନେତୃ ମଣ୍ଡଳୀ ସାମିଲ ହୋଇ ଶେଷ ଦର୍ଶନ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗ ଖବର ପାଇ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ରୀତା ସାହୁ, ଅତାବିରା ବିଧାୟକ ନିହାର ମହାନନ୍ଦ, ସୋନପୁର ବିଧାୟକ ନିରଞ୍ଜନ ପୁଝାରୀ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।



## ନବନିର୍ମିତ ଡ୍ରେନ୍ ଯୋଗୁଁ ଦୁର୍ଘଟଣା



**ବରଗଡ଼, ୫।୬(ସମିସ):** ଲୋକଙ୍କ ଯାତାୟାତ ପାଇଁ ସରକାର ସୁଗମ ରାସ୍ତା ନିର୍ମାଣ କରୁଛନ୍ତି। ହେଲେ ନିର୍ମାଣରେ କେତେକ ଅବ୍ୟବସ୍ଥା, ତ୍ରୁଟି ଯୋଗୁଁ ଅନେକଥର ଦୁର୍ଘଟଣା ଘଟୁଛି। ଝାରବନ୍ଧରୁ ପାଇକମାଳ ରାସ୍ତା ଅନେକ ଦିନ ଯାଏଁ ଅତି ଶୋଚନୀୟ ଅବସ୍ଥାରେ ପଡ଼ି ରହିଥିଲା। ଜନସାଧାରଣଙ୍କ ଦାବି ପରେ ରାସ୍ତା ନିର୍ମାଣ ହେଲା। ବର୍ଷାଜଳ ନିଷ୍କାସନ ପାଇଁ ରାସ୍ତାକଡ଼ରେ ନଳା ମଧ୍ୟ ହେଲା। ହେଲେ ରାସ୍ତା ଆଉ ନଳାକୁ ସମାନ ସ୍ତରରେ ରଖାଯାଇଛି। ତେଣୁ ନଳା ବୋଲି ଲୋକେ ଜାଣି ପାରୁନାହାନ୍ତି। ବୁଧବାର ରାତିରେ ନଳାରେ ଜଣଙ୍କର ଗାଡ଼ି ଚଢ଼ି ଯିବାରୁ ଅଳ୍ପକେ ଦୁର୍ଘଟଣାରୁ ବଞ୍ଚିଥିଲେ। ଅନ୍ୟପଟେ ବୈତାଳିର ଏହି ରାସ୍ତାରେ ବୁଲାଣି ରହିଛି। ଦ୍ରୁତ ଗତିରେ ଆସୁଥିବା ଚାଳକଙ୍କ ହାବୁଡ଼ରେ ପଡ଼ିଲେ ଠିକ ଭାବେ ଆସୁଥିବା ଲୋକଙ୍କର ବି ଦୁର୍ଘଟଣାରେ ଜୀବନ ଯିବାର ଆଶଙ୍କା ରହିଛି। ତେଣୁ ଲୋକଙ୍କ ସୁରକ୍ଷା ପାଇଁ ନିର୍ମାଣକାରୀ ସଂସ୍ଥା ତଥା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଡ୍ରେନଟି ଚିହ୍ନଟ ହେବା ଭଳି ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି।

## ଗଜା ଧାନର କ୍ଷତିପୂରଣ ମାଗିଲେ ଚାଷୀ



**ଅତାବିରା, ୫।୬(ସମିସ):** ଲଘୁଚାପ ଜନିତ ବର୍ଷା ଯୋଗୁଁ ନିଜର ୪ ଏକର ଜମିରେ ଗଜା ହୋଇଥିବା ଧାନ ଫସଲକୁ ତହସିଲଦାର କେରିଚିଙ୍କୁ ରେଙ୍ଗାଲିପାଲିର ଚାଷୀ ଭଗବାନ ସେଠ ଦେଖାଇଛନ୍ତି। ଏହାସହ ତୁରନ୍ତ କ୍ଷତିପୂରଣ ଦାବି କରିଛନ୍ତି।

## ଚିନାବାଦାମ ଉତ୍ପାଦନ ପାଇଁ ଚାଷୀଙ୍କୁ ବିହନ ବଣ୍ଟନ



**ପାଇକମାଳ, ୫।୬(ସମିସ):** ଅନ୍ତଃରାଷ୍ଟ୍ରୀୟ ଅନୁଷ୍ଠାନ ଇକ୍ରିସେଟ ଦ୍ୱାରା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଜକା ସହଯୋଗରେ ଗୁରୁବାର ପାଇକମାଳ ବ୍ଲକର କାଂସଛା ପଞ୍ଚାୟତର ଢେଙ୍କିମୁଣ୍ଡା ଏବଂ କେରମେଳାବାହାଲ ପଞ୍ଚାୟତର ବିଜଡିହି ଗାଁର ୫୦ ଜଣ ଚାଷୀଙ୍କୁ ମାଗଣାରେ ବିହନ ଏବଂ ଡୋଲୋମାଇଟ ଯୋଗେଇ ଦିଆ ଯାଇଛି। ବିହନ ବଣ୍ଟନ ସମୟରେ ପାଇକମାଳ ପଞ୍ଚାୟତର ସରପଞ୍ଚ ତୁଳାବତୀ ତାଣ୍ଡି ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ହେକ୍ଟର ପ୍ରତି ୧୫୦ କେଜି ଚିନାବାଦାମ ବିହନ ଓ ୧୦୦ କେଜି ଡୋଲୋମାଇଟ ଯୋଗାଇ ଦିଆଯାଉଛି। ଠିକଣା ସମୟରେ ବିହନ ଯୋଗାଇ ଦିଆଯାଇ ଥିବାରୁ ଚାଷୀଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇଛି।

# ପରିବେଶ ଦିବସରେ ଉତ୍ସାହିତ କଲା ପୁରସ୍କାର

## କଟାବାହାଲ ପଞ୍ଚାୟତକୁ ପ୍ରକୃତି ମିତ୍ର ପୁରସ୍କାର

**ଗାଇସିଲେଟ, ୫।୬(ସମିସ)**

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ସେଣ୍ଟର୍ ଫର୍ ଏନଭର୍ମେଣ୍ଟାଲ ଷ୍ଟଡିଜର ମିଳିତ ଆନୁକୂଲ୍ୟରେ ଗୁରୁବାର ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ୨୦୨୫ ମହାସମାରୋହରେ ପାଳିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସରରେ ଥିବା କୃଷି ଶିକ୍ଷା ସଦନ ଶିରିପୁର ଠାରେ ଏହାର ଆୟୋଜନ ହୋଇଥିଲା। ମୁଖ୍ୟ ଶାସନ ସଚିବ ତଥା ରାଜ୍ୟ ପ୍ରଦୂଷଣ ବୋର୍ଡର ଅଧ୍ୟକ୍ଷ ମନୋଜ ଆହୁଜା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟ ବନ ସଂରକ୍ଷକ ଏବଂ ବନ ବାହିନୀ ମୁଖ୍ୟ ସୁରେଶ ପନ୍ତ ପ୍ରଧାନ, ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦୁରି ପ୍ରଧାନ, ସେଣ୍ଟର୍ ଫର୍ ଏନଭର୍ମେଣ୍ଟାଲ ଷ୍ଟଡିଜ୍ ନିର୍ଦ୍ଦେଶକ ଡ.କେ ମୁରୁଗେସନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିଥିବା ୩ ଟି ଇକୋ ମଡେଲ ପୁରସ୍କାର, ୩ ଟି ଇକୋ କ୍ଲବ୍ ପୁରସ୍କାର ଏବଂ ୧୮୫ ଟି ପ୍ରକୃତି ମିତ୍ର ପୁରସ୍କାର ପାଇଁ ବିବେଚିତ ହୋଇଥିବା ଅନୁଷ୍ଠାନକୁ ଅତିଥି ମାନେ ସମ୍ମାନିତ କରିଥିଲେ। ଏହି ଅବସରରେ ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅଧୀନ କଟାବାହାଲ ପଞ୍ଚାୟତକୁ ପ୍ରକୃତି ମିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସରପଞ୍ଚ ଅର୍ପିତା ପଣ୍ଡା ଏହି ସମ୍ମାନ ଗ୍ରହଣ କରିଥିଲେ। କଟାବାହାଲ ପଞ୍ଚାୟତ ୨୦୨୨ ମସିହାରୁ ନିରନ୍ତର ଭାବେ ବନ ମହୋତ୍ସବ, ପରିବେଶ ସୁରକ୍ଷା ଦିବସ, ସ୍ୱଚ୍ଛତା ଦିବସ, ବୃକ୍ଷରୋପଣ, ଜଙ୍ଗଲରେ ନିଆଁ ନିରାକରଣ ସଚେତନତା କାର୍ଯ୍ୟକ୍ରମମାନ କରିଆସିଛି। ଏହାଛଡ଼ା ଜଙ୍ଗଲ ପରିଚାଳନା କମିଟି ମାଧ୍ୟମରେ ଓ ବନ ବିଭାଗ ସହ ମିଶି ଅନେକ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ କରିଥିବାରୁ ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ଦ୍ୱାରା ପ୍ରମାଣପତ୍ର ଓ ୨୦ ହଜାର ଟଙ୍କାର ଚେକ୍ ଅତିଥିମାନେ କଟାବାହାଲ ପଞ୍ଚାୟତକୁ ପ୍ରଦାନ କରିଛନ୍ତି। ଏହି କୃତୀ ପାଇଁ ଅନେକ ପରିବେଶବିତ୍, ପ୍ରକୃତି ବନ୍ଧୁ, ପରିବେଶ ପ୍ରେମୀ, ବିଭିନ୍ନ ପଦାଧିକାରୀ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀଦିନରେ କଟାବାହାଲ ପଞ୍ଚାୟତ ପରିବେଶ ସୁରକ୍ଷା ଦିଗରେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରି କାର୍ଯ୍ୟ କରିବା, ଜଙ୍ଗଲରେ ନିଆଁ ନିରାକରଣ ରୋକିବା, ଜୈବ ସନ୍ତୁଳନ ସଭା, ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ସଂକଳ୍ପ ନେବା କଥା ସରପଞ୍ଚ ପଣ୍ଡା ସୂଚନା ଦେଇଥିଲେ।




## ପାଇକମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପ୍ରକୃତିମିତ୍ର ପୁରସ୍କାର



**ପାଇକମାଳ:** ପାଇକମାଳ ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚଳିତ ବର୍ଷ ଓଡ଼ିଶା ସରକାରଙ୍କଠାରୁ ପ୍ରକୃତି ମିତ୍ର ପୁରସ୍କାର ୨୦୨୫ରେ ପୁରସ୍କୃତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିଜେ ମୁଖ୍ୟମନ୍ତ୍ରୀ ରହିଥିଲେ। ସମ୍ମାନିତ ଅତିଥି ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆଙ୍କ କରକମଳରୁ ପ୍ରଧାନଶିକ୍ଷକ ସୁଶାନ୍ତ ସାହୁ ସମ୍ବର୍ଦ୍ଧନା ବାବଦକୁ ପ୍ରମାଣପତ୍ର ସହ ୨୦ ହଜାର ଚେକ ଗ୍ରହଣ କରିଛନ୍ତି। ପ୍ରକାଶଯେ, ବିଦ୍ୟାଳୟରେ ବର୍ଷ ସାରା ବିଭିନ୍ନ ପରିବେଶ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଛାତ୍ରଛାତ୍ରୀ, ଆଲୁମିନି ସଦସ୍ୟ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟମାନଙ୍କୁ ନେଇ ବୃକ୍ଷରୋପଣ, ବନାଗ୍ନି ରୋକିବା, ପ୍ଲାଷ୍ଟିକ ବ୍ୟବହାର ନକରିବା, ଜୈବିକ ସାର ପ୍ରୟୋଗ କରିବା ଉପରେ ଅନେକ କାମ କରାହୋଇଛି। ଚଳିତ ବର୍ଷ ପାଇକମାଳ ଉପ୍ରା ବିଦ୍ୟାଳୟ ଏହି ପୁରସ୍କାର ପାଇଥିବାରୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପରିଚାଳନା କମିଟି ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଆଗାମୀ ଜୁଲାଇ ପ୍ରଥମ ସପ୍ତାହରେ ବନ ମହୋତ୍ସବ ପାଳନ ଅବସରରେ ବିଦ୍ୟାଳୟ ଏବଂ ବାହାରେ ବହୁ ସଂଖ୍ୟାରେ ବୃକ୍ଷରୋପଣ କରିବାକୁ ଶ୍ରୀ ସାହୁ ଅନୁରୋଧ କରିଛନ୍ତି।




## ସାମାନ୍ୟ ବର୍ଷାରେ ଭୁକ୍ତା ଡାକ୍ତରଖାନା ପାଚେରି ଭାଙ୍ଗିଲା

**ଅମ୍ବାଭୋନା, ୫।୬(ସମିସ):** ଗ୍ରାମାଞ୍ଚଳର ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନା ମାଧ୍ୟମରେ ସରକାର ପଞ୍ଚାୟତ ସମିତି ଗୁଡ଼ିକୁ ବ୍ୟାପକ ଅର୍ଥ ଯୋଗାଇ ଦେଉଛନ୍ତି। ହେଲେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ମାନଙ୍କ ତଦାରଖ ଅବହେଳା ଯୋଗୁଁ ଠିକାଦାରଙ୍କ ନିମ୍ନ ମାନର କାର୍ଯ୍ୟ ଦେଖିବାକୁ ମିଳୁଛି। ଏଭଳି ଘଟଣା ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନସ୍ଥ ଅମ୍ବାଭୋନା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦେଖିବାକୁ ମିଳିଛି। କିଛିଦିନ ଆଗରୁ ହୋଇଥିବା ବର୍ଷା ପବନରେ ଅମ୍ବାଭୋନା ପ୍ରାଥମିକ ଚିକିତ୍ସାଳୟର ପଛ ପଟ ପାଚେରି ସମ୍ପୂର୍ଣ୍ଣ ଭାବେ ପଡ଼ିଯାଇଛି। ପାଚେରି ନିର୍ମାଣର ଅଳ୍ପ ବର୍ଷ ହୋଇଥିଲେ ହେଁ ଅତି ନିମ୍ନ ମାନର କାମ ହୋଇଥିବା ଜଳଜଳ ଦେଖାଯାଉଛି। ପାଚେରି ନିର୍ମାଣର ସୂଚନାଫଳକର କୌଣସି ଚିହ୍ନବର୍ଣ୍ଣ ଦେଖିବାକୁ ମିଳି ନାହିଁ। କିନ୍ତୁ ବ୍ଲକର ପ୍ରତ୍ୟେକ ପ୍ରକଳ୍ପ ନିର୍ମାଣ କାର୍ଯ୍ୟସ୍ଥଳରେ ସୂଚନାଫଳକ ଲଗାଯିବାର ନିୟମ ରହିଛି। କେଉଁ ମସିହାରେ କେଉଁ ବିଭାଗ ଦ୍ୱାରା କାମ ହେଉଛି, କାହା ନାମରେ କାର୍ଯ୍ୟାଦେଶ ରହିଛି, କେତେ ଟଙ୍କା ବ୍ୟୟ ବରାଦ ହୋଇଛି ଆଦି ବିବରଣୀ ସବିଶେଷ ଫଳକରେ ଉଲ୍ଲେଖ ରହିବା କଥା। ହେଲେ ବିଭାଗୀୟ ଯନ୍ତ୍ରୀ ଜାଣିଶୁଣି ପାଚେରି ତିଆରି ଅର୍ଥ ବାଟମାରଣା ପାଇଁ ନିମ୍ନ ମାନର ପାଚେରି କରି ସୂଚନାଫଳକ ଲେଖି ନାହାନ୍ତି। ଏପରି ସ୍ଥଳେ ପାଚେରିର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଇଛି।



**ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ**

**ବିନା ସୂଚନାଫଳକରେ ନିର୍ମାଣ ହୋଇଥିଲା**

## ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ

## ଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ କଲା ପରିବାର

**ବରଗଡ଼, ୫।୬(ସମିସ):** ନାବାଳିକା ଝିଅ ଅପହରଣ ହୋଇଥିବା ନେଇ ପରିବାର ଲୋକେ ବରଗଡ଼ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗୁରୁବାର ସୋହେଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା କରିବାକୁ ଜଣେ ଯୁବକ ଝିଅକୁ ଆଣିବା ପରେ ଡାକ୍ତର ନାବାଳିକାର ମୃତ୍ୟୁ ହୋଇଥିବା କହିଥିଲେ। ପରିବାର ଲୋକ ଏଥିପାଇଁ ଉକ୍ତ ଯୁବକ ଓ ପୁଲିସକୁ ଦାୟୀ କରିଛନ୍ତି। ସୂଚନା ମୁତାବକ, ବରଗଡ଼ ସଦର ଥାନା ଅଧୀନ ସରସରା ଟିକିରାର ଜଣେ ନାବାଳିକା ଗତ ମେ ୨୦ ତାରିଖରେ ବଲାଙ୍ଗିର ଜିଲ୍ଲା ଲୋଇସିଂହା ଅଞ୍ଚଳ ନିଜ ମାମୁଁ ଘରକୁ ଯାଇଥିଲେ। ସେଠାରେ ସେ ନିଖୋଜ ହେବା ନେଇ ପରିବାର ଲୋକେ ବରଗଡ଼ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସରସରା ଗାଁର ଜଣେ ଯୁବକ ସଞ୍ଜୀବ ମହାନନ୍ଦ ତାଙ୍କ ଝିଅକୁ ଅପହରଣ କରିଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ। ଅଭିଯୋଗକୁ ଭିତ୍ତିକରି ବରଗଡ଼ ସଦର ଥାନା ମାମଲାରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ପୁଲିସ ସୂଚନା ଦେଇଥିଲା। ହେଲେ ଝିଅ ନିଖୋଜ ହେବା ଘଟଣାକୁ ୭ ଦିନ ବିତିଗଲେ ମଧ୍ୟ ପୁଲିସକୁ କୌଣସି ସଫଳତା ମିଳି ନ ଥିଲା। ଶେଷରେ ଗୁରୁବାର ସକାଳ ୭ଟାରେ ଖୋଦ ଅଭିଯୁକ୍ତ ଯୁବକ ସଞ୍ଜୀବ ଏକ ଟେମ୍ପୁ ସାହାଯ୍ୟରେ ନାବାଳିକାକୁ ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲା। ସେଠାରେ ଡାକ୍ତର ନାବାଳିକାକୁ ମୃତ ବୋଲି ସୂଚନା ଦେଇଥିଲେ। ଚିକିତ୍ସାଳୟ କର୍ତ୍ତୃପକ୍ଷ ପୁଲିସକୁ ସୂଚନା ଦେବାରୁ ନାବାଳିକାର ମୃତ୍ୟୁ ଘଟିଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଘଟଣାରେ ସମ୍ପୃକ୍ତ ଦୋଷୀକୁ କଠୋର ଦଣ୍ଡ ଦେବା ପାଇଁ ପରିବାର ଲୋକେ ଦାବି କରିଛନ୍ତି। ଝିଅ ସହ ଦୁଷ୍କର୍ମ ହୋଇଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ଅନ୍ୟପଟେ ସଞ୍ଜୀବକୁ ସଦର ଥାନା ପୁଲିସ ଅଟକରଖି ପଚରାଉଚରା କରି ତଦନ୍ତ ଚଳାଇଛି। ଶୁକ୍ରବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତ ଶରୀର ହସ୍ତାନ୍ତର କରାଯିବା ନେଇ ପୁଲିସ ସୂଚନା ଦେଇଛି। ପୁଲିସର ନିଷ୍କ୍ରିୟତା ଯୋଗୁଁ ଝିଅର ଜୀବନ ଗଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ବ୍ରଜମୋହନ ପଣ୍ଡାଙ୍କ ଜୟନ୍ତୀ ପାଳିତ

**ଅତାବିରା, ୫।୬(ସମିସ):** ଅବିଭକ୍ତ ସମ୍ବଲପୁର ଜିଲ୍ଲା ଅତାବିରା ବ୍ଲକ ଲରମ୍ବା ମାଟିର ସୁପୁତ୍ର ବ୍ରଜମୋହନ ପଣ୍ଡା ଉଦ୍ୟମ କରି ନିଜ ଅର୍ଥରୁ ୧୯୦୨ରେ ଲରମ୍ବାରେ ଚାଟଶାଳୀ, ୧୯୩୮ରେ ଲରମ୍ବା ଉଚ୍ଚ ବିଦ୍ୟାଳୟ, ୧୯୬୪ରେ ଲରମ୍ବା ମହାବିଦ୍ୟାଳୟ ସ୍ଥାପନ କରିଥିଲେ। ଏହାଛଡ଼ା ବରଗଡ଼ ଜର୍ଜ ହାଇସ୍କୁଲ, ସମ୍ବଲପୁର ଲେଡିଲୁଇସ, ଗଙ୍ଗାଧର ମେହେର କଲେଜ ଓ ଏହାର ଟ୍ରଷ୍ଟଫଣ୍ଡ ହଷ୍ଟେଲ୍, ବୁଢ଼ାରଜାର ପ୍ରଫେସର କଲୋନୀର ଶିକ୍ଷକଙ୍କ ବାସଗୃହ ଓ ସମ୍ବଲପୁର ମହିଳା କଲେଜ ସ୍ଥାପନ ପାଇଁ ସେ ଆର୍ଥିକ ସାହାଯ୍ୟ କରିଥିଲେ। ଏପରିକି ସମ୍ବଲପୁରରେ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ସେ ପ୍ରଥମେ ପ୍ରସ୍ତାବ ଆଗତ କରିଥିଲେ। ୧୮୯୦ ଜୁନ ୫ ତାରିଖରେ ଲରମ୍ବା ଗାଁରେ ଜନ୍ମିତ ସ୍ୱର୍ଗତ ପଣ୍ଡା ସମ୍ବଲପୁର ଜିଲ୍ଲାରେ ପ୍ରାଥମିକ ଶିକ୍ଷାର ବିକାଶ ଓ ପ୍ରସାର ପାଇଁ ସବୁବେଳେ ଚେଷ୍ଟିତ ଥିଲେ। ଜଣେ ଶିକ୍ଷାବିତ୍, କୃଷିବିତ୍ ରାଜନୀତିଜ୍ଞ, ଆଇନଜୀବୀ, ସମାଜସେବୀ ଓ ସାହିତ୍ୟପ୍ରେମୀ ଭାବେ ସେ ବେଶ ଜଣାଶୁଣା। ବାସ୍ତବରେ ସେ ଶିକ୍ଷାନୁଷ୍ଠାନ ଗଢ଼ିବାର ଶିଳ୍ପୀ ଥିଲେ। ତାଙ୍କ ପୂଣ୍ୟ ଜନ୍ମ ତିଥିରେ ଲରମ୍ବା ପ୍ରାଥମିକ ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିସର ସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ଗୁଡ଼ିକରେ ମାଲ୍ୟାର୍ପଣ କରି ଏକ ସଭା ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ.ପ୍ରମୋଦ ଭୋଇ, ଲରମ୍ବା ଉଚ୍ଚବିଦ୍ୟାଳୟର ଶିକ୍ଷକ ବିନୟ ନାଏକ, ଅଶ୍ୱିନୀ ପ୍ରଧାନ, ପ୍ରଦୀପ ପଣ୍ଡା, ପବିତ୍ର ମାହାଣା, ସୁଶୀଳ ମହାକୁର, ସରୋଜ ନାୟକ, ସିଦ୍ଧେଶ୍ୱର ପ୍ରଧାନ, ଶିଶିର ସାହୁ, ଡ.ଅଜିତ ନାଥ, ସୁମନ୍ତ ପାଣିଗ୍ରାହୀ, ସଞ୍ଜୟ ଭୋଇ, ସୁବ୍ରତ ପଣ୍ଡା, ଲିଙ୍ଗରାଜ ପୋଢ଼, ଭରତ ପଣ୍ଡା, ବିଦେଶୀ ଛନ୍ଦ, ତାରାଚାନ୍ଦ କଣ୍ଟା, ମହେନ୍ଦ୍ର ସିନ୍ଧୁରିଆ ପ୍ରମୁଖ ଯୋଗଦେଇ ଥିଲେ।

## କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ‘ଗୁରୁକୁଳ-୨୦୨୫’ ଉଦ୍‌ଘାଟିତ

**ବରଗଡ଼, ୫।୬(ସମିସ)**

କ୍ରୀଷ୍ଣା ବିକାଶ ଗ୍ରୁପ୍‌ରେ ଗୁରୁାର ଶିକ୍ଷକ ତାଲିମ ଶିବିର “ଗୁରୁକୁଳ ୨୦୨୫” ବରଗଡ଼ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ତାଲିମ ଶିବିରଟି ଦୁଇ ଦିନ ଧରି ବରାହଗୁଡାସ୍ଥିତ କ୍ରୀଷ୍ଣା ବିକାଶ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହେବ। ଶିବିରରେ କ୍ରୀଷ୍ଣା ବିକାଶ ଅଧୀନ ବିକାଶ ଆବାସିକ ବିଦ୍ୟାଳୟ (ସିନିୟର ସେକେଣ୍ଡାରୀ) ଏବଂ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଛନ୍ତି। ସର୍ବଭାରତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ପ୍ରଶିକ୍ଷକ ଯଥା ଟି. ସାଇନାଥ (ଗଣିତ ବିଶାରଦ ଆଇ.ଆଇ.ଟି., ଧାନବାଦ), ଶ୍ରୀନିବାସରାଓ (ରସାୟନ ବିଜ୍ଞାନ ବିଶାରଦ, ନାରାୟଣ ଇନ୍‌ଷ୍ଟିଚ୍ୟୁଟ୍, ମାଧୋପୁର, ହାଇଦ୍ରାବାଦ), ମନୋଜ ଝା (ପଦାର୍ଥ ବିଜ୍ଞାନ ବିଶାରଦ, ଭିଲାଇ) ଓ ଦିଲ୍ଲିପ ତିୱାରୀ (ରସାୟନ ବିଜ୍ଞାନ ବିଶାରଦ, ଭିଲାଇ) ପ୍ରମୁଖ ଯୋଗଦେଇ ଶିକ୍ଷାଦାନ ପ୍ରଣାଳୀରେ ପରିବର୍ତ୍ତନଶୀଳତା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଭାରତର ୪ଜଣ ସୁନାମଧନ୍ୟ ଲେଖକ ଏବଂ ବିଶାରଦ ବିକାଶ ଗୁପ୍ତା (ଗଣିତ), ଅନୁରାଗ ମିଶ୍ର (ପଦାର୍ଥ ବିଜ୍ଞାନ), ସଦାବ ଅନସାରୀ (ବାୟୋଲୋଜି), ଡ.ରିତେଶ ପାଣ୍ଡେ (ରସାୟନ ବିଜ୍ଞାନ) ପ୍ରମୁଖ ଆଭାଷୀ ମାଧ୍ୟମରେ ଯୋଗ ଦେଇ ପ୍ରବେଶିକା ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ଉନ୍ନତ ପ୍ରଦର୍ଶନ ପାଇଁ ଶିକ୍ଷାଦାନ ପ୍ରଣାଳୀ ଉପରେ ତାଲିମ ଦେଇଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା ଶିବିରର ପ୍ରଥମ ଦିବସରେ ତିନୋଟି ପର୍ଯ୍ୟାୟରୁ ଦୁଇଟି ପର୍ଯ୍ୟାୟରେ ଇଣ୍ଟିଗ୍ରେଟେଡ୍ ଏକାଡେମିକ୍ସ ପ୍ରୋଗ୍ରାମ (ଆଇ.ଏ.ପି.) ଏବଂ ଗୋଟିଏ ପର୍ଯ୍ୟାୟରେ ସିୟୁଇଟି ଓ ଅନ୍ୟାନ୍ୟ ପ୍ରବେଶିକା ପରୀକ୍ଷା ଉପରେ ତାଲିମ ପ୍ରଦାନ କରିଥିଲେ। ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀ ଶିଶିର ପ୍ରସାଦରାଉଳ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ବୋର୍ଡର ପ୍ରଶ୍ନପତ୍ର ସହିତ ବିଶ୍ଳେଷଣ କରି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବ୍ଲୁମ୍ ଟେକ୍ସୋନୋମିର ବିଭିନ୍ନ ଦିଗ ଏବଂ ନ୍ୟୁଏଜୁକେସନ୍ ପଲିସି (ଏନଇପି) ଉପରେ ତାଲିମ ପ୍ରଦାନ କରିଥିଲେ। ବରଗଡ଼ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ନାରାୟଣରଥ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ବିକାଶ ଆବାସିକ ବିଦ୍ୟାଳୟ (ସିନିୟର ସେକେଣ୍ଡେରି)ର ଅଧ୍ୟକ୍ଷ ଚିତରଞ୍ଜନ ପତି ଅତିଥିଗଣଙ୍କ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏଚ୍‌ଆର୍ ହେଡ୍ ଅଶ୍ୱିନୀ ନାୟକଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଉତ୍ସବର ପ୍ରଥମ ଦିନର ତାଲିମ ଶିବିର ସମ୍ପାଦିତ ହୋଇଥିଲା। ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ ସାହୁ, ଏଚ୍‌ଆର୍ ମ୍ୟାନେଜର୍ କିରନ୍ ଆଚାର୍ଯ୍ୟ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର୍ ଏସ୍ କାନ୍ତାରାଓ ପ୍ରମୁଖ , କାର୍ଯ୍ୟକ୍ରମରେ ସଂଯୋଜନା ଦାୟିତ୍ୱ ତୁଲାଇଥିଲେ। କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ୍ ଦାଶରୀ ମୂରଲୀ କ୍ରିଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ କାର୍ଯ୍ୟକ୍ରମର କୋର୍ କମିଟୀର ସଦସ୍ୟମାନଙ୍କୁ କାର୍ଯ୍ୟକ୍ରମର ସଫଳ ରୂପାୟନ ଦେବା ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ବିକାଶ ଫାଷ୍ଟେପ୍‌ର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର ଓ ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ (ଏକାଡେମିକ୍ସ) ଡ.ମନୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।





### ଅମ୍ବାଭୋନା ଭୁକ୍ତା ବାଇପାସ୍

## ଅନିଶ୍ଚିତତାରେ ମୁଖ୍ୟରାସ୍ତାର ପ୍ରଶସ୍ତୀକରଣ

**ଅମ୍ବାଭୋନା, ୫।୬(ସମିସ):** ଓଡ଼ିଶା ସୀମାନ୍ତ ତଥା ଉପାନ୍ତ ଅଞ୍ଚଳକୁ ସଂଯୋଗ କରୁଥିବା ଆନ୍ତଃରାଜ୍ୟ ସଡ଼କ ପରିବହନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବରଗଡ଼ ଜିଲ୍ଲା ଅମ୍ବାଭୋନା ସଦର ଗାଁରୁ ରୁଚିଦା ସୀମାନ୍ତ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗର ରାସ୍ତା ଅତି ଶୋଚନୀୟ ଓ ସଂକୀର୍ଣ୍ଣ ଅବସ୍ଥାରେ ରହିଛି। ଦୀର୍ଘ ବର୍ଷ ହେବ ଏହି ରାସ୍ତାଟି କେବଳ ମରାମତିରେ ସୀମିତ ହୋଇ ରହିଛି। ଅମ୍ବାଭୋନା ଗାଁରୁ ଲୁଦୁପାଲି ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ମଝିରେ ବିରାଟ ଫାଟ ସୃଷ୍ଟି ହୋଇଛି। କେବଳ ଲୋକ ଦେଖାଣିଆ ମରାମତି ନାମରେ ପୂର୍ତ୍ତ ବିଭାଗ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରୁଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ଅନେକ ସମୟରେ ଖାଲରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ବର୍ତ୍ତମାନ ମହୁଲପାଲି ଚିଖିଲି ନୂତନ ବ୍ରିଜ ନିର୍ମାଣ ପରେ ଝାରସୁଗୁଡ଼ା ଜିଲ୍ଲାକୁ ସଂଯୋଗ ହେଉଥିବାରୁ ଏହି ରାସ୍ତାରେ ଭିଡ଼ ପରିଲକ୍ଷିତ ହେଉଛି। ଭୁକ୍ତାରୁ ପ୍ରକାଶପୁର ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ଜାଗାରେ ଗାଡ଼ ଥିବାରୁ ଅସରାଏ ବର୍ଷାରେ ପାଣି ଜମି ରହୁଛି। ଜନ ଶୁଣାଣି ଅଭିଯୋଗ ବେଳେ ଅମ୍ବାଭୋନାରୁ ରୁଚିଦା ପର୍ଯ୍ୟନ୍ତ ରାସ୍ତା ତିଆରି ପାଇଁ ଦାବି ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ପାରିନାହିଁ। ବିଭିନ୍ନ ସମୟରେ ଅମ୍ବାଭୋନା ଗାଁ ମଧ୍ୟରେ ଅନେକ ପରିବହନ ଗାଡି ଜାମ ରହୁଥିବାରୁ ଟ୍ରାଫିକ ସମସ୍ୟା ଦେଖାଯାଉଛି। ଅମ୍ବାଭୋନା ବାଇପାସ ରାସ୍ତାର ଜମି ଚିହ୍ନଟ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜମି ଅଧିଗ୍ରହଣ ହୋଇପାରି ନାହିଁ। ପ୍ରକାଶ ଯୋ, ଏହି ରାସ୍ତା ଦେଇ ବିଭିନ୍ନ ଯାତ୍ରିବାହୀ ବସ ଛତିଶଗଡ଼ର ରାୟଗଡ଼ ଜିଲ୍ଲାକୁ ପ୍ରତିଦିନ ଯିବା ଆସିବା କରିଥାନ୍ତି।



# ସମ୍ପାଦକୀୟ



କୃଷି ହିଁ ମଣିଷ ପାଇଁ ସବୁଠାରୁ ସ୍ୱାସ୍ଥ୍ୟପ୍ରଦ, ସର୍ବାଦୌ ଉପଯୋଗୀ ଓ ସର୍ବୋତ୍ତମ ନିଯୁକ୍ତି କ୍ଷେତ୍ର ।
-ଜର୍ଜ ୱାଶିଂଟନ୍

ସକାଳ
THE SAKALA

## ଜାତିସଂଘର ମତିଭ୍ରମ

ଜାତିସଂଘର ଆତଙ୍କବାଦ ନିରୋଧ ପରିଷଦରେ ପାକିସ୍ତାନକୁ ଚଳିତ ବର୍ଷ ଉପାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି । ଏଥିସହିତ ଜାତିସଂଘର ସବୁଠାରୁ ଶକ୍ତିଶାଳୀ ଓ ପ୍ରଭାବଶାଳୀ ଅନୁଷ୍ଠାନ ଭାବେ ପରିଚିତ ସୁରକ୍ଷା ପରିଷଦ ଅଧୀନସ୍ଥ 'ତାଲିବାନ୍ କଟକଣା କମିଟି' ଅଧ୍ୟକ୍ଷତା ମଧ୍ୟ ପାକିସ୍ତାନ କରିବ। ସାମ୍ପ୍ରତିକ ବିଶ୍ୱ କୂଟନୀତିରେ ଏହାଠାରୁ ବଳି ବଡ଼ ବିଡ଼ମ୍ବନା ଆଉ କ'ଣ ହୋଇପାରେ। ଏଭଳି ଦୁର୍ଭାଗ୍ୟଜନକ ଓ ହାସ୍ୟାସ୍ପଦ ବାସ୍ତବତାକୁ ଭାରତ ସମେତ ସାରା ବିଶ୍ୱ ଦେଖୁଛି । ଆତଙ୍କବାଦର ମୁଖ୍ୟ ରପ୍ତାନୀକାରୀ ରାଷ୍ଟ୍ର ପାକିସ୍ତାନକୁ ଦଣ୍ଡିତ କରିବା ବଦଳରେ ଜାତିସଂଘର ଏହି ନିଷ୍ପତ୍ତି ସେହି ରାଷ୍ଟ୍ରକୁ ପୁରସ୍କୃତ କରିବା ଭଳି ହୋଇଛି ।

ତାଲିବାନ୍ ଆତଙ୍କବାଦୀ ଅଧ୍ୟୁଷିତ ଆଫ୍‌ଗାନିସ୍ତାନରେ ଶାନ୍ତି ପ୍ରତିଷ୍ଠା ଓ ନାଗରିକଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଜାତିସଂଘ ଦ୍ୱାରା ଗଠିତ '୧୯୮୮ କମିଟି' ଭାବେ ଜଣାଶୁଣା 'ତାଲିବାନ୍ କଟକଣା କମିଟି'ର କର୍ତ୍ତବ୍ୟ ଓ ମୁଖ୍ୟ ଦାୟିତ୍ୱ ହେଉଛି ତାଲିବାନ୍ ସଂଗଠନ ଏବଂ ତା'ସହିତ ସମ୍ପର୍କ ରଖିଥିବା ସଂଗଠନର ସମ୍ପତ୍ତି ବାଜ୍ୟାପ୍ତି କରିବା, ସେ ଦେଶର ନାଗରିକଙ୍କ ପାଇଁ ପର୍ଯ୍ୟଟନ କଟକଣା ଲାଗୁ କରିବା, ଅସ୍ତ୍ରଶସ୍ତ୍ରର ଚୋରା ଚାଲାଣକୁ ନିରୁତ୍ସାହିତ କରିବା । ପ୍ରତିବର୍ଷ ଏହି କମିଟି ପୁନର୍ଗଠନ କରାଯାଇ ନୂଆ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଦାୟିତ୍ୱ ଜାତିସଂଘର ବିଭିନ୍ନ ସଦସ୍ୟ ରାଷ୍ଟ୍ରଙ୍କ ଉପରେ ନ୍ୟସ୍ତ କରାଯାଏ। ଚଳିତ ବର୍ଷ ପାଇଁ ପାକିସ୍ତାନ ଏହାର ଅଧ୍ୟକ୍ଷ ହୋଇଥିବା ବେଳେ ରୁଷିଆ ଭଳି ଶକ୍ତିଶାଳୀ ରାଷ୍ଟ୍ର ଉପାଧ୍ୟକ୍ଷ ପଦରେ ସନ୍ତୁଷ୍ଟ ହୋଇଛି । କେବଳ ସେତିକି ନୁହେଁ ବିଶ୍ୱରେ ଆତଙ୍କବାଦୀ କାର୍ଯ୍ୟକଳାପ ନିୟନ୍ତ୍ରଣ ପାଇଁ ଜାତିସଂଘ ଦ୍ୱାରା ଗଠିତ '୧୩୭୩ କାଉଣ୍ଟର ଟେରରିଜିମ୍ କମିଟି'ରେ ମଧ୍ୟ ପାକିସ୍ତାନ ସହିତ ସମାନ ସ୍ତରରେ ଫ୍ରାନ୍ସ, ରୁଷିଆ ଭଳି ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ରାଷ୍ଟ୍ର କାମ କରିବେ । ଆତଙ୍କବାଦୀ କାର୍ଯ୍ୟକଳାପରୁ ବହୁଦୂରରେ ଥିବା ଡେନ୍‌ମାର୍କ 'ଅଲ୍‌କାଏଦା ସାଙ୍ଗସନ୍ କମିଟି' ଓ '୧୨୬୭ ଆଇଏସଆଇଏଲ୍'ର ଅଧ୍ୟକ୍ଷ ପଦ ସମ୍ଭାଳିବେ । ଜାତିସଂଘର ସୁରକ୍ଷା ପରିଷଦର ୧୫ ଜଣିଆ ସଦସ୍ୟ ବିଶିଷ୍ଟ ଅସ୍ଥାୟୀ କମିଟିରେ ପାକିସ୍ତାନକୁ ସଦସ୍ୟତା ସହିତ କଟକଣା ଓ ପ୍ରକ୍ରିୟାଗତ କମିଟିରେ ମଧ୍ୟ ଉପାଧ୍ୟକ୍ଷତା କରିବାର ସୁଯୋଗ ମିଳିଛି ।

ପାକିସ୍ତାନର ପ୍ରଚ୍ଛନ୍ନ ଓ ପ୍ରାୟୋଜିତ ସୀମାପାର ଆତଙ୍କବାଦୀ କାର୍ଯ୍ୟକଳାପ ଘେନି ଭାରତ ସପ୍ରମାଣ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଆସୁଛି । ଜାତିସଂଘ ମଧ୍ୟ ଏ ବିଷୟରେ ବେଶ୍ ଅବଗତ ଅଛି । ଆମେରିକା, ବ୍ରିଟେନ୍, ଇରାନ୍ ଆଦି ଦେଶ ପାକିସ୍ତାନକୁ ଆତଙ୍କବାଦୀ ରପ୍ତାନୀ ଦେଶ ଭାବେ ଅଭିହିତ କରିଛନ୍ତି । ଫାଇନାନ୍ସିଆଲ୍ ଆକ୍‌ସନ୍ ଟାସ୍କ ଫୋର୍ସ(ଏଫଏଟିଏଫ୍) ତାଲିକାରେ ପାକିସ୍ତାନକୁ ସନ୍ଦେହାସ୍ପଦ ରାଷ୍ଟ୍ର ଭାବେ ତାଲିକାଭୁକ୍ତ କରାଯାଇଛି । ବିଶ୍ୱର ବିଭିନ୍ନ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ଅଲ୍ କାଏଦା, ଲସ୍କର ଏ ତୋଇବା, ଜୈସ ଏ ମହମ୍ମଦ ପରି କୁଖ୍ୟାତ ଆତଙ୍କବାଦୀ ସଂଗଠନକୁ ପାକିସ୍ତାନ ଆର୍ଥିକ, ସାମରିକ ସହାୟତା ଯୋଗାଇବା ସହିତ ନିଜ ମାଟିରେ ଲାଳନ ପାଳନ କରିଆସୁଛି। ପାକିସ୍ତାନ ମାଟିରେ ପରିପୁଷ୍ଟ ଅଲ୍‌କାଏଦା ଓ ଆଶ୍ରିତ ଓସାମା ବିନ୍ ଲାଡେନ୍‌କୁ ଆବୋଟାବାଦ୍(ପାକିସ୍ତାନ)ରେ ଆମେରିକା ୨୦୧୧ରେ ନିପାତ କରିବା ପରେ ପାକିସ୍ତାନର ଆତଙ୍କବାଦୀ ଉତ୍ପାଦନ କେନ୍ଦ୍ର ସମ୍ପର୍କରେ ବିଶ୍ୱର ଆଉ କୌଣସି ସନ୍ଦେହ ନଥିଲା ।

ଏହି ଆତଙ୍କବାଦୀ ସଂଗଠନଗୁଡ଼ିକ ପାକିସ୍ତାନୀ ସେନା ଓ ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇର ପ୍ରଚ୍ଛନ୍ନ ତାଲିମ୍, ଗୁଇନ୍ଦା ତଥ୍ୟ, ପାଣ୍ଠି ଓ ଅସ୍ତ୍ରଶସ୍ତ୍ରରେ ବଳୀୟାନ୍ ହୋଇଥିବା ବେଳେ ପ୍ରତିବଦଳରେ ସେମାନେ ପାକିସ୍ତାନ ସେନା ଓ ଆଇଏସ୍‌ଆଇକୁ ସେଠାକାର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ପ୍ରଭାବ ବିସ୍ତାରରେ ସହାୟତା କରିଆସୁଛନ୍ତି । ବିଶେଷକରି ପାକିସ୍ତାନର ମୁଖ୍ୟ ଶତ୍ରୁ ଭାରତକୁ ଅଶାନ୍ତ ରଖିବାରେ ପ୍ରଚ୍ଛନ୍ନ ଭୂମିକା ଗ୍ରହଣ କରିଛନ୍ତି । ଭାରତୀୟ ସଂସଦ ଉପରେ ଆକ୍ରମଣରୁ ଆରମ୍ଭ କରି ମୁମ୍ବାଇ ତାଜ୍ ହୋଟେଲ୍ ଆକ୍ରମଣ, ସିରିଜ୍ ବୋମା ବିସ୍ଫୋରଣ, ଉରି, ପଠାନକୋଟ, ପୁଲୱାମା ସେନା ବାହିନୀ ଉପରେ ଆକ୍ରମଣ ଏବଂ ସଦ୍ୟତମ କାଶ୍ମୀରର ପହଲ୍‌ଗାମ୍‌ରେ ୨୬ଜଣ ପର୍ଯ୍ୟଟକଙ୍କୁ ଧର୍ମ ପଚାରି ଅମାନୁଷିକ ହତ୍ୟା ପରି ଘଟଣା ଭିଆଇ ପାକିସ୍ତାନ ନିଜ ଆତଙ୍କବାଦୀ ଭାବମୂର୍ତ୍ତି ଉପରେ ସବର୍ଗେ ମୋହର ମାରିଛି ।

ଗତ ଏପ୍ରିଲ୍ ୨୨ ତାରିଖରେ କାଶ୍ମୀର ପହଲ୍‌ଗାମ୍ ଆତଙ୍କବାଦୀ ଘଟଣା ପ୍ରତିବାଦରେ ଗତ ମେ' ୭ ତାରିଖରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେସନ୍ ସିନ୍ଦୂର' ପରେ ନିହତ ଆତଙ୍କବାଦୀଙ୍କ ମରଶରୀରକୁ ପାକିସ୍ତାନ ସରକାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ସତ୍କାର କରିବା ହେଉ କିମ୍ବା ସେମାନଙ୍କ ଶବାଧାରରେ ପାକିସ୍ତାନୀ ସେନା ଓ ମନ୍ତ୍ରୀମାନେ ସାମିଲ୍ ହେବା ଏବଂ ସଦ୍ୟତମ ପଞ୍ଜାବ ପ୍ରଦେଶର ବାଚସ୍ପତି ଓ ଆମେରିକା ଦ୍ୱାରା କଳାତାଲିକାଭୁକ୍ତ ଲସ୍କର ଏ ତୋଇବାର ଦୁଇ ଆତଙ୍କବାଦୀଙ୍କ ସହିତ ଗୋଟିଏ ମଞ୍ଚରେ ଭାଷଣ ଦେବାର ଫଟୋ ଓ ଭିଡିଓ ଚିତ୍ର ଜରିଆରେ 'ପାକିସ୍ତାନ ସରକାର-ସେନା-ଆତଙ୍କବାଦୀ' ଘନିଷ୍ଠ ସମ୍ପର୍କର ଚାକ୍ଷୁସ ପ୍ରମାଣ ସାରା ବିଶ୍ୱ ଦେଖିଛି । ଏହା ସତ୍ତ୍ୱେ ଜାତିସଂଘର ଆତଙ୍କବାଦ ନିରୋଧ କମିଟିରେ ପାକିସ୍ତାନକୁ ଉପାଧ୍ୟକ୍ଷ ପଦ ଯାଚିଦେବା କେତେ ସମୀଚୀନ ତାହା ବିଚାର୍ଯ୍ୟ ।

ଆହୁରି ଉଦ୍‌ବେଗଜନକ ହେଲା ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଅଭିଯୋଗରେ ପାକିସ୍ତାନକୁ ଋଣ ଓ ଅନୁଦାନ ପ୍ରଦାନରେ କଟକଣା ଜାରି କରିଥିବା ଆନ୍ତର୍ଜାତିକ ମୁଦ୍ରାପାଣ୍ଠି 'ଅପରେସନ୍ ସିନ୍ଦୂର' ସମୟରେ ଭାରତର ବିରୋଧ ସତ୍ତ୍ୱେ ୨.୪ ବିଲିୟନ ଡଲାର ଯୋଗାଇ ଦେଇଥିଲା । ଏହା ପରେ ପରେ ପାକିସ୍ତାନକୁ ବିଶ୍ୱବ୍ୟାଙ୍କ ୪୦ ବିଲିଅନ୍ ଡଲାର ଯୋଗାଇ ଦେବା ପାଇଁ ନିଷ୍ପତ୍ତି ନେଇଛି ଏବଂ ଗତ ୩ ତାରିଖରେ ଏସିଆ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ ୮୦୦ ନିୟୁତ ଡଲାର ଯୋଗାଇ ଦେଇଛି ।

ଏଭଳି ଏକ ଦୁଷ୍ଟ ମନୋବୃତ୍ତି ସମ୍ପନ୍ନ ରାଷ୍ଟ୍ରକୁ ବିଶ୍ୱସ୍ତରରେ ସହାୟତା ଓ ସମ୍ମାନ ଦେବା ବିଶ୍ୱଶାନ୍ତିର ପରିପନ୍ଥୀ ଓ ମାନବ ସଭ୍ୟତା ପ୍ରତି ହିତକର ନୁହେଁ । ବିଶେଷକରି ଭାରତ ପାଇଁ ଏହା ଆଦୌ ଶୁଭସୂଚନା ନୁହେଁ । ଜାତିସଂଘର ଏହି ମତିଭ୍ରମ ପରେ ଏସିଆର ଭୂରାଜନୀତି ଓ କୂଟନୀତିରେ ଭାରତ ଆଗରେ ଅନେକ ଆହ୍ୱାନ ସୃଷ୍ଟି ହୋଇଛି । ତେଣୁ ଭାରତ ଏ ଦିଗରେ ତତ୍ପରତା ପ୍ରକାଶ କରିବା ସହିତ ବୈଦେଶିକ ଓ କୂଟନୀତିରେ ସମୟୋପଯୋଗୀ ପରିବର୍ତ୍ତନ ଆଣିବା ଦରକାର ।

# ଭାରତୀୟ କୃଷିରେ ଉପନିବେଶ ପ୍ରଭାବ

ଶ୍ରୀବତ୍ସ ନାୟକ

ଭାରତୀୟ ଅର୍ଥନୀତିର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି କୃଷି। ଉପନିବେଶବାଦ ପୂର୍ବରୁ ଭାରତୀୟମାନେ କୃଷି, ପଶୁପାଳନ, ମତ୍ସ୍ୟଚାଷ କରି ବେଶ୍ ଖୁସିରେ ଜୀବନ ଯାପନ କରୁଥିଲେ। ପ୍ରାକୃତିକ ସମ୍ପଦରେ ଭରପୂର ଏବଂ କୃଷି ଅନୁକୂଳ ଜଳବାୟୁ ଯୋଗୁଁ ଭାରତ ଖାଦ୍ୟଶସ୍ୟ ଉତ୍ପାଦନରେ ପୃଥିବୀରେ ବଳକା ଦେଶ ଭାବେ ପରିଗଣିତ ହେଉଥିଲା । ଶିଳ୍ପ ବିପ୍ଳବ ସମୟରେ ଏହି ଖାଦ୍ୟ ଶସ୍ୟକୁ ଇଂରେଜମାନେ ସେମାନଙ୍କ ଶିଳ୍ପରେ କଞ୍ଚାମାଲ ରୂପେ ବ୍ୟବହାର କରିବା ପାଇଁ ଭାରତର କୃଷି ବ୍ୟବସ୍ଥାକୁ ବାଣିଜ୍ୟକରଣ କରିଦେଲେ। ଦୀର୍ଘ ୨୦୦ ବର୍ଷ ଧରି ବ୍ରିଟିଶ କବଳରେ ରହି ଭାରତର କୃଷି ବ୍ୟବସ୍ଥା ବିଗିଡ଼ି ଗଲା । ଖାଦ୍ୟାଭାବ, ମରୁଡ଼ି ଓ ଅନାହାରରେ ଅନେକ ଲୋକ ମୃତ୍ୟୁବରଣ କଲେ ।

କୃଷି ବ୍ୟତୀତ ଭାରତର ହସ୍ତଶିଳ୍ପ ମଧ୍ୟ ବେଶ୍ ପ୍ରସିଦ୍ଧି ଲାଭ କରିଥିଲା। ରେଶମ ବସ୍ତ୍ର, ପଥର ଖୋଦେଇ, ତାରକସି କାମ, ତାଳପତ୍ର ଲିଖନ, ଚାନ୍ଦୁଆ ଆଦି କ୍ଷେତ୍ରରେ ଉଚ୍ଚମାନର କାରିଗରୀ ଏବଂ ଉତ୍ତମ ଗୁଣବତ୍ତାର ସାମଗ୍ରୀଗୁଡ଼ିକର ଚାହିଦା ବିଦେଶ ବଜାରରେ ଢେର ଅଧିକ ଥିଲା। ଏହା ହିଁ ଇଉରୋପୀୟ ଆର୍ଥିକ ସମୃଦ୍ଧି ପୃଷ୍ଠଭୂମି ଥିଲା। ସପ୍ତଦଶ ଶତାବ୍ଦୀରେ ବାଣିଜ୍ୟ ମାର୍ଗରେ ଅଧିକାର ସ୍ଥାପିତ ସତ୍ତ୍ୱେ ଉରୋପୀୟମାନେ(ଡଚ୍, ବ୍ରିଟିଶ, ପର୍ତ୍ତୁଗୀଜ) ଦୀର୍ଘକାଳୀନ ଭିତ୍ତିରେ ଭାରତ ଓ ପାଶ୍ଚାତ୍ୟ ଦେଶମାନଙ୍କ ମଧ୍ୟରେ ଚାଲି ଆସିଥିବା ମୂଳ ବ୍ୟବସାୟୀ ଢାଞ୍ଚାକୁ ବଦଳାଇବାର ସୁଯୋଗ ପାଇ ନ ଥିଲେ। କିନ୍ତୁ ପଲାସି ଯୁଦ୍ଧରେ ବ୍ରିଟିଶମାନେ ବଙ୍ଗର ନବାବ ସିରାଜୌଦ୍ଦୌଲାଙ୍କୁ ପରାସ୍ତ କରି ୧୭୫୭ ମସିହାରେ ବଙ୍ଗ, ବିହାର ଓ ଓଡ଼ିଶା ଶାସନ ନିଜ ହାତକୁ ନେଇ ତାଙ୍କ ସାମ୍ରାଜ୍ୟର ମୂଳଦୁଆ ଭାରତରେ ସ୍ଥାପିତ କରାଇଥିଲେ। ତତ୍କାଳୀନ ଇଂରେଜ ଶାସକ କ୍ଲାଇବଙ୍କର ମୁଖ୍ୟ ଲକ୍ଷ୍ୟ ରହିଲା ଅର୍ଥ ଓ ଯୁଦ୍ଧ ।

ଜୀବନ ଜୀବିକା ନିମନ୍ତେ ଭାରତରେ ଉତ୍ପାଦନ ହେଉଥିବା ପାରମ୍ପରିକ ଖାଦ୍ୟଶସ୍ୟ ବଦଳରେ ବ୍ରିଟିଶ ଶିଳ୍ପପତିମାନେ ମାତ୍ରାଧିକ ପାରିଶ୍ରମିକ ମୂଲ୍ୟ ମାଧ୍ୟମରେ ଅର୍ଥକରୀ ଫସଲ(ଔଦୌଗିକ କ୍ଷେତ୍ରରେ ବ୍ୟବହୃତ କଞ୍ଚାମାଲ ଯଥା ଆଖୁ, ତୈଳବୀଜ, ଚା, କଫି, ଝୋଟ, କପା) ଚାଷ କରିବା ପାଇଁ ଭାରତୀୟ ଚାଷୀମାନଙ୍କୁ ପ୍ରୋତ୍ସାହିତ କରୁଥିଲେ। ବିଶେଷକରି ବ୍ରିଟେନ୍‌ରେ ଦ୍ରୁତଗତିରେ ଅଭିବୃଦ୍ଧି କରୁଥିବା କପଡ଼ା ଶିଳ୍ପ ନିମନ୍ତେ ଉତ୍ତମ ଗୁଣବତ୍ତାର କଞ୍ଚାମାଲ୍ ବା କପା ଉତ୍ପାଦନ ନିମନ୍ତେ ସେମାନେ ଧ୍ୟାନ ଦେଇଥିଲେ। ତେଣୁ ସେମାନେ ନିଜକୁ ସୁହାଇଲା ଭଳି ନୀତି ନିୟମ ପ୍ରଣୟନ କରି ଔଦ୍ୟୋଗିକ ଫସଲ ଉତ୍ପାଦନ କ୍ଷେତ୍ରରେ ସମସ୍ତ ଚାଷୀଙ୍କୁ ନିୟୋଜିତ କରେଇଥିଲେ ଏବଂ ବେଶ୍ ଲାଭବାନ ହେଉଥିଲେ। ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଭାରତୀୟ ଚାଷୀମାନେ ଅଫିମ, ଝୋଟ, କପା, ରେଶମ, ନୀଳ ଚା, ଅଫିମ, କଫି ଆଦି ଉତ୍ପାଦନ କରୁଥିଲେ। ଦି କେମ୍ବ୍ରିଜ୍ ଇକୋନୋମିକ ହିଷ୍ଟ୍ରି ଅଫ୍ ଇଣ୍ଡିଆ(ଭାଗ ଦୁଇ, ୧୯୮୩)ର ତଥ୍ୟ ଅନୁସାରେ ୧୮୮୧ରୁ ୧୯୪୧ ମସିହା ମଧ୍ୟରେ ଭାରତରୁ ୭୫୪.୧ ନିୟୁତ ଟଙ୍କାର ଝୋଟ, ୧୬୧୯ ନିୟୁତ ଟଙ୍କାର କପା, ୯୬୭୪.୧ ନିୟୁତ ଟଙ୍କାର ଚା', ୨୪୯.୪ ନିୟୁତ ଟଙ୍କାର କଫି ବିଦେଶକୁ ରପ୍ତାନୀ କରାଯାଇଥିଲା ।

ତେଣୁ ଉପନିବେଶବାଦ ଯୁଗରେ ଭାରତରେ ଅର୍ଥକରୀ ଫସଲର ଉତ୍ପାଦନ ବଢ଼ିବା ସହିତ ଚାଷୀମାନଙ୍କୁ ପାରମ୍ପରିକ ଖାଦ୍ୟଶସ୍ୟ ଉତ୍ପାଦନରୁ ନିବୃତ୍ତ କରାଗଲା। ବ୍ରିଟିଶ ସୈନିକମାନଙ୍କ ପାଇଁ ଭାରତରେ ଉତ୍ପାଦନ ହେଉଥିବା ଖାଦ୍ୟଶସ୍ୟ ପଠାଗଲା । ଅର୍ଥନୀତିରେ ନୋବେଲ ପୁରସ୍କାର ପ୍ରାପ୍ତ ଅମର୍ତ୍ତ୍ୟ ସେନ୍ ତାଙ୍କ ପୁସ୍ତକ 'ଇନ୍ ଫେମିନ ଅଫ୍ ୧୯୪୩'ରେ ଦର୍ଶାଇଛନ୍ତି ଯେ '୧୮୮୧ ରୁ ୧୯୪୧ ମସିହା ମଧ୍ୟରେ ମଧ୍ୟରେ ଭାରତରେ ବାଣିଜ୍ୟଭିତ୍ତିକ ଦ୍ରବ୍ୟ ଉତ୍ପାଦନ ୮୫ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଜୀବନ ଧାରଣ ନିମନ୍ତେ ଖାଦ୍ୟଶସ୍ୟର ପରିମାଣ ମାତ୍ର ୭ ପ୍ରତିଶତ ବୃଦ୍ଧି ହୋଇଥିଲା । ବାର୍ଷିକ ଅର୍ଥକାରୀ ଫସଲ ଉତ୍ପାଦନର ହାର ୦.୫୭ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ପାରମ୍ପରିକ ଖାଦ୍ୟଶସ୍ୟର ଉତ୍ପାଦନର ହାର ୧.୧୫ ପ୍ରତିଶତ ହ୍ରାସ ପାଇଥିଲା । ଫଳରେ ଭାରତରେ ଖାଦ୍ୟାଭାବ ଦେଖାଯିବା ସହ ଦୁର୍ଭିକ୍ଷର ସୂତ୍ରପାତ୍ର ହେଲା । ଉପନିବେଶବାଦ ଯୁଗରେ ଭାରତରେ ମୋଟ ୩୩ ଥର ଛୋଟବଡ଼ ଦୁର୍ଭିକ୍ଷ ହୋଇଥଲା । ଏହି ସମୟ ମଧ୍ୟରେ ଦେଶରେ ଖାଦ୍ୟଶସ୍ୟର ଉତ୍ପାଦନ ହାର ୦.୩୭ ପ୍ରତିଶତ ଥିବା ବେଳେ ଜନସଂଖ୍ୟା ବୃଦ୍ଧିର ହାର ଥିଲା ୦.୬୭ ପ୍ରତିଶତ । ତେଣୁ ଭାରତରେ ଜନସଂଖ୍ୟାର ବିସ୍ଫୋରଣ ସାଙ୍ଗକୁ ଖାଦ୍ୟଶସ୍ୟର ଉତ୍ପାଦନର ହାର କମ୍ ହେବା ମଧ୍ୟ ଦୁର୍ଭିକ୍ଷର ଅନ୍ୟଏକ କାରଣ ଥିଲା ।

ସେ ସମୟରେ ଚାଷୀମାନଙ୍କୁ ଅଧିକ ଖଜଣା ଦେବାକୁ ପଡୁଥିବାରୁ ସେମାନେ ଲାଭଦାୟକ କୃଷି କରିବାକୁ ବାଧ୍ୟ ହେଉଥିଲେ। ଯଦିଓ ଇଂରେଜ ସରକାର ଜଳସେଚନ ଏବଂ କୃଷି ନିମନ୍ତେ ଆଧୁନିକ ଜ୍ଞାନକୌଶଳର ପ୍ରଚଳନ କରିଥିଲେ, ତଥାପି ଏହା ମହଙ୍ଗା ଥିବାରୁ ଛୋଟ ଚାଷୀ ଉପକୃତ ହୋଇପାରିଲେ ନାହିଁ । ୧୮୭୦ ମସିହାରେ ଡଲାର ଚାହିଦା ପୃଥିବୀରେ କମିଯିବା ଫଳରେ କୃଷକମାନେ ଋଣଗ୍ରସ୍ତ ହୋଇ ଦୁର୍ଭିକ୍ଷରେ ପୀଡ଼ିତ ହେଲେ । ଏହାର ଫଳ ହେଲା କୃଷକ ଆନ୍ଦୋଳନ। ୧୯୩୦ରେ ଝୋଟ ଶିଳ୍ପଗୁଡ଼ିକ ଧ୍ୱଂସ ପାଇବା ଫଳରେ ବଙ୍ଗଳାରେ ୧୯୪୩ରେ ଏକ କରାଳ ଦୁର୍ଭିକ୍ଷ ଦେଖାଦେଲା ।

ଭାରତରେ ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରୁଥିବାରୁ ଭାରତର କୃଷି ବ୍ରିଟିଶ ସରକାରଙ୍କ ପାଇଁ ରାଜସ୍ୱର ଏକ ପ୍ରମୁଖ ଉତ୍ସ ଥିଲା। ସେଥିପାଇଁ ୧୭୯୩ ମସିହାରେ ଲର୍ଡ କର୍ଣ୍ଣୱାଲିସ୍ ଚିରସ୍ଥାୟୀ ବନ୍ଦୋବସ୍ତ ଓ ଅସ୍ଥାୟୀ ବନ୍ଦୋବସ୍ତ ନାମରେ ଦୁଇପ୍ରକାରର ଭୂ-ରାଜସ୍ୱ ନୀତି ପ୍ରଣୟନ କରିଥିଲେ। ଭାରତର ପୂର୍ବପଟେ ଜମିଦାର, ପଶ୍ଚିମରେ ମହଲୱାରି, ଦକ୍ଷିଣରେ ରୟତମାନଙ୍କ ଦ୍ୱରା ଭୂ-ରାଜସ୍ୱ ଆଦାୟ ଦାୟିତ୍ୱ ଇଂରେଜମାନେ ନ୍ୟସ୍ତ କରିଥିଲେ। ବହୁବର୍ଷ ପର୍ଯ୍ୟନ୍ତ ସେମାନେ ନିଷ୍ଠୁର ଭାବେ ରାଜସ୍ୱ ଆଦାୟ କଲେ। ଏପରିକି ଇଂରେଜମାନଙ୍କ ପ୍ରିୟପାତ୍ର ହେବା ପାଇଁ ସେମାନେ ସାଧାରଣ ଗରିବ, ଖଟିଖିଆ, କ୍ଷୁଦ୍ର ଚାଷୀମାନଙ୍କଠାରୁ ଜୋରଜବରଦସ୍ତି କର ଆଦାୟ କଲେ। ପ୍ରାକୃତିକ ଦୁର୍ବିପାକ ଯୋଗୁଁ ଆମଦାନୀ କମ୍ ହେଲେ ମଧ୍ୟ ଖଜଣା ଓ କର ପରିମାଣ ଅପରିବର୍ତ୍ତିତ ରହିଲା । ଖଜଣା ଖିଲାପକାରୀଙ୍କୁ ମିଳିଲା ଅକଥନୀୟ ଅତ୍ୟାଚାର। ଫିରିଙ୍ଗି ଶାସନର ଜୁଲମ ଅତ୍ୟାଚାର, ନିର୍ଯାତନା ଭୋଗିଲେ ଚାଷୀମାନେ ।

ଇଂରେଜମାନେ ଭଲରୂପରେ ଜାଣିଥିଲେ ଯେ, ଭାରତୀୟ କୃଷି ବ୍ୟବସ୍ଥା ଆତ୍ମନିର୍ଭରଶୀଳ ହୋଇଗଲେ ଭାରତ ବିକଶିତ ଦେଶ ରୂପେ ପରିଗଣିତ ହେବ ଏବଂ ବ୍ରିଟିଶ ରାଜ୍ ଚାଲିବନି। ତେଣୁ ସେମାନେ ସର୍ବଦା ଭାରତର କୃଷିକୁ ବରବାଦ କରିବା ପାଇଁ ଚାଷୀମାନଙ୍କଠାରୁ ମାତ୍ରାଧିକ କର ଦାବି କରୁଥିଲେ, ପାରମ୍ପରିକ କୃଷିକୁ ଧ୍ୟାନ ନଦେଇ ଲାଭଜନକ କୃଷିକୁ ପ୍ରୋତ୍ସାହନ ଦେଉଥିଲେ, ବ୍ରିଟିଶ ଶିଳ୍ପର ଅଭିବୃଦ୍ଧି ପାଇଁ ଭାରତକୁ କଞ୍ଚାମାଲ ଯୋଗାଣର ଦେଶ ବୋଲି ଅଭିହିତ କରୁଥିଲେ । କୃଷକ ଓ କୃଷି ମାରଣ ପନ୍ଥା ଅବଲମ୍ବନ କରି ଭାରତର କୃଷିକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେଇଥିଲେ ।

ଉପନିବେଶବାଦ ଯୁଗର ପ୍ରଭାବ ଏପରି ପଡ଼ିଥିଲା ଯେ ସ୍ୱାଧୀନତା ପ୍ରାପ୍ତିର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ଉପେକ୍ଷିତ ଅବସ୍ଥାରେ ପଡ଼ିରହିଛି ଭାରତୀୟ କୃଷି ଓ କୃଷକ। କୃଷି ମନ୍ତ୍ରାଳୟର ତଥ୍ୟ ଅନୁସାରେ ୧୯୫୧ମସିହାରେ ଅର୍ଥବ୍ୟବସ୍ଥାକୁ କୃଷି କ୍ଷେତ୍ରର ଅବଦାନ ଥିଲା ୫୧ ପ୍ରତିଶତ। ଏବେ ଏହା ୧୮.୨ ପ୍ରତିଶତକୁ ଖସି ଆସିଛି । ୧୯୫୧ରେ କୃଷି କ୍ଷେତ୍ରରେ ୭୦ ପ୍ରତିଶତ ଶ୍ରମଶକ୍ତି ନିୟୋଜିତ ଥିବା ବେଳେ ସଂପ୍ରତି ଏହା କମି କମି ୪୬.୩ ପ୍ରତିଶତରେ ପହଞ୍ଚିଛି । କୃଷିପ୍ରଧାନ ଦେଶ ପାଇଁ ଏହାଠାରୁ ବଳି ଦୁର୍ଭାଗ୍ୟର ବିଷୟ ଆଉ କ'ଣ ଥାଇପାରେ! କୃଷି କ୍ଷେତ୍ରରେ ଏପରି ନିମ୍ନଗତିରୁ ଗୋଟିଏ କଥା ପ୍ରମାଣିତ ହେଉଛି ଯେ, କୃଷି କ୍ଷେତ୍ରର ବିକାଶ ପାଇଁ ଯାହା କରାଯିବା କଥା ଏବଂ ଯେପରି ଇଚ୍ଛାଶକ୍ତି ଆବଶ୍ୟକ, ତାହା ନାହିଁ । ସରକାର ପରେ ସରକାର ବଦଳିଛନ୍ତି । କିନ୍ତୁ ଫଳ ଶୂନ । ସମସ୍ତେ ଏଠାରେ ଚାଷୀ ଓ ଚାଷ ପାଇଁ ବିକଳ ହୁଅନ୍ତି, କାନ୍ଦନ୍ତି । କିନ୍ତୁ କାହାରି ଆଖିରେ ଲୁହ ନଥାଏ। ଅଧୁନା ଆମର ସରକାର ବିକଶିତ ଭାରତ ଓ ଆତ୍ମନିର୍ଭରଶୀଳ ଭାରତ କଥା କହୁଛନ୍ତି। କୃଷି ବ୍ୟବସ୍ଥାକୁ ଆତ୍ମନିର୍ଭରଶୀଳ ନକରି ପରାଧୀନ ତଥା ବଜାର ନିର୍ଭରଶୀଳ ବ୍ୟବସ୍ଥାକୁ ବଜାୟ ରଖିଲେ ଏହି ଲକ୍ଷ୍ୟ କେବେ ମଧ୍ୟ ସାକାର ହୋଇପାରିବ ନାହିଁ ।

(ଅଧ୍ୟାପକ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ)
କଟକ, ମୋ: ୯୪୩୮୦୭୦୮୪୯

# ଚେତନା: ଏକ ଅନୁତ୍ତରିତ ପ୍ରଶ୍ନବାଚୀ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

୧୯୯୮ ମସିହାରେ 'ଆସୋସିଏସନ୍ ଫର୍ ଦି ସାଇଣ୍ଟିଫିକ୍ ଷ୍ଟଡି ଅଫ୍ କନ୍‌ସସ୍‌ନେସ୍ (ଏଏସ୍‌ଏସ୍‌ସି)'ର ଏକ ସମ୍ମିଳନୀରେ ସ୍ନାୟୁବିଜ୍ଞାନୀ (ନ୍ୟୁରୋସାଇଣ୍ଟିଷ୍ଟ) 'କ୍ରିଷ୍ଟୋଫ୍ କୋକ୍' ବିଜ୍ଞାନୀ ଦାର୍ଶନିକ 'ଡେଭିଡ୍ ଚାମଜ୍'ଙ୍କ ସହ ଗୋଟିଏ ବାଜି ଲଗାଇଥିଲେ । କଗ୍‌ନିଟିଭ୍ ବା ସଜ୍ଞାନାତ୍ମକ ବିଜ୍ଞାନରେ ଗଭୀର ରୁଚି ରଖିଥିବା କୋକ୍ ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ ଯେ ଖୁବ୍ ଶୀଘ୍ର ନ୍ୟୁରୋସାଇନ୍ସ ଚଳାଇଥିବା ପରୀକ୍ଷା ନିରୀକ୍ଷାରୁ ସ୍ପଷ୍ଟ ହୋଇଯିବ ଯେ ଚେତନା ବା ଆତ୍ମାନୁଭୂତି ଓ ସେଥିରୁ ସୃଷ୍ଟି ହେଉଥିବା 'ମୁଁ' ତ୍ୱ ବା ମମତ୍ୱବୋଧ ମୂଳରେ ରହିଛି ମଣିଷର ମସ୍ତିଷ୍କରେ ଥିବା କୋଟି କୋଟି ନିଉରନ ମଧ୍ୟରେ ନିରବଚ୍ଛିନ୍ନ ଭାବେ ଚାଲିଥିବା ପାରସ୍ପରିକ କ୍ରିୟା ପ୍ରତିକ୍ରିୟା । ସେ ବିଶ୍ୱାସ କରୁଥିଲେ ଯେ କନ୍‌ସସ୍‌ନେସ୍ ବ୍ୟାପାରଟି ସମ୍ପୂର୍ଣ୍ଣ ଏକ ଭୌତିକ ବ୍ୟାପାର ଏବଂ ସେଥିପାଇଁ ଏହା ମିଜରେବଲ୍ ବା ପରିମାପ ଯୋଗ୍ୟ । କିନ୍ତୁ ବିଜ୍ଞାନୀ-ଦାର୍ଶନିକ ଚାମଜ୍, ଯିଏ ବହୁ ପୂର୍ବରୁ କନ୍‌ସସ୍‌ନେସ୍‌କୁ ଏକ କଠିନତମ ସମସ୍ୟା ବୋଲି କହି ପଦାର୍ଥ ବିଜ୍ଞାନୀମାନଙ୍କୁ ସତର୍କ କରାଇ ଦେଇଥିଲେ, ସିଏ କୋକ୍‌ଙ୍କ ସହ ଏକମତ ହୋଇ ନଥିଲେ। ତେଣୁ କୋକ୍ ଯେତେବେଳେ ୧୯୯୮ ମସିହାର ସେ ସମ୍ମିଳନୀରେ କହିଲେ ଯେ ଆଉ ମାତ୍ର ୨୫ ବର୍ଷ ପରେ ବିଜ୍ଞାନ ନିଉରନ୍‌ମାନଙ୍କ ପାରସ୍ପରିକ ସମ୍ବନ୍ଧ ଓ କ୍ରିୟା ପ୍ରତିକ୍ରିୟାରୁ କିପରି ଚେତନା ତଥା ବ୍ୟକ୍ତିକୈନ୍ଦ୍ରିକ ଅନୁଭୂତି ସୃଷ୍ଟି ହୁଏ ତାହା ପ୍ରମାଣିତ କରିଦେବ, ଡେଭିଡ ଚାମଜ୍ ସ୍ୱାଭାବିକ ଭାବରେ ତାଙ୍କ ସହ ଅସହମତ ହେଲେ । ଜିଦ୍‌ବଶତଃ ହେଉ ବା ତୁଚ୍ଛା କୌତୁକବଶତଃ ହେଉ, କୋକ୍ ସିଧା ସିଧା ବାଜିଟିଏ ଲଗାଇ ଦେଇ ଘୋଷଣା କରିଦେଲେ ଯେ ଯଦି ୨୦୨୩ ମସିହା ସୁଦ୍ଧା ତାଙ୍କ କଥା ସତ୍ୟ ନ ହୁଏ, ତେବେ ସେ ଚାମଜ୍‌ଙ୍କୁ ଏକ ପେଟି ଦୁର୍ମୁଲ୍ୟ ମଦ୍ୟ ଦେବେ ।

କୋକ୍ ମହାଶୟ ତାଙ୍କ ବାଜିଟି ଅବଶ୍ୟ ହାରିଗଲେ ଓ ଅଗତ୍ୟା ଡେଭିଡ ଚାମଜଙ୍କୁ ବାଜି ମୁତାବକ ଏକ ପେଟିକା ମଦ୍ୟ ପ୍ରଦାନ କରିବାକୁ ବାଧ୍ୟ ହେଲେ ୨୦୨୩ ମସିହାର ଏସ୍.ଏସ୍.ଏସ.ସି ବୈଠକରେ, ଅନେକ ଦିଗ୍‌ଗଜ ବୈଜ୍ଞାନିକ ଓ ସ୍ନାୟୁବିଜ୍ଞାନୀମାନଙ୍କ ଉପସ୍ଥିତିରେ। ତେବେ ମଜାର କଥା ହେଉଛି, 'କୋକ୍ ଚାମଜ୍'ଙ୍କୁ ପୁନଶ୍ଚ ଆହ୍ୱାନ ଦେଲା ଭଳି ସ୍ୱରରେ ସେ କହିଲେ ଯେ ତାଙ୍କୁ ଆଉ ଗୋଟିଏ '୨୫ ବର୍ଷର' ଅବଧି ଦିଆଗଲେ, ଅର୍ଥାତ୍ ୨୦୪୮ ମସିହାରେ ସେ ନ୍ୟୁରୋସାଇନ୍ସ ସୌଜନ୍ୟରୁ ପ୍ରାପ୍ତ ହୋଇଥିବା ତଥ୍ୟ ଉପସ୍ଥାପନ କରି ପ୍ରମାଣିତ କରିଦେବେ ଯେ ଚେତନା ସୃଷ୍ଟି ହୁଏ ମସ୍ତିଷ୍କର ନିଉରନ୍‌ମାନଙ୍କ ନେଟ୍‌ୱାର୍କରୁ, ଅନ୍ୟଥା ନୁହେଁ । କୋକ୍‌ଙ୍କ ଏଇ ଅନୁରୋଧ ବା ଆହ୍ୱାନକୁ ଚାମଜ୍ ଗ୍ରହଣ କରି କୌତୁକରେ କହିଥିଲେ, 'ଠିକ୍ ଅଛି । ଆହୁରି ୨୫ ବର୍ଷ ଆପଣଙ୍କୁ ଦେଲି। କିନ୍ତୁ ଆପଣଙ୍କ ଜିତାପଟ ଦେଖିବାକୁ ମୁଁ ସେତେବେଳେ ଥିବି କି ନ ଥିବି, କିଏ ଜାଣେ!'

ଆଧ୍ୟାତ୍ମବାଦୀ ଚିନ୍ତକ, ଦାର୍ଶନିକ, ବିଶେଷ କରି ଭାରତୀୟ ବେଦାନ୍ତ ଦର୍ଶନର ପ୍ରବକ୍ତାମାନେ କନ୍‌ସସ୍‌ନେସ ବା ଚେତନା ଏ ସକଳ ସୃଷ୍ଟିର ମୂଳାଧାର ବୋଲି ସର୍ବଦା କହି ଆସିଛନ୍ତି । ଏଇ ମେଟାଫିଜିକାଲ ବା ଆଧିଭୌତିକ ଅବଧାରଣାକୁ କ୍ୱାଣ୍ଟମ୍ ମେକାନିକ୍ସ ଦ୍ୱାରା ପ୍ରତିଷ୍ଠିତ ଅନିଶ୍ଚିତତା (ଲ' ଅଫ୍ ଅନ୍‌ସର୍ଟନଟି) ତତ୍ତ୍ୱ ଓ କଣିକାମାନଙ୍କ ସହବନ୍ଧନ (ଲ' ଅଫ୍ ଏନ୍‌ଟାଙ୍ଗଲମେଣ୍ଟ) ତତ୍ତ୍ୱ ସମର୍ଥନ କରୁଛି ବୋଲି ସେମାନେ ଦାବି କରିଥା'ନ୍ତି ।

କ୍ୱାଣ୍ଟମ୍ ପାର୍ଟିକଲ୍ ବା କ୍ୱାଣ୍ଟମ୍ କଣିକାର ତରଙ୍ଗ-କଣିକା ଦ୍ୱୈତସ୍ଥିତି ଓ ସେଇ ସ୍ଥିତିର ଉଦ୍‌ଘାଟନରେ ପରିମାପ (ମେଜରମେଣ୍ଟ) ଓ ନିରୀକ୍ଷଣ (ଅବଜରଭେସନ୍)ର ଭୂମିକା ରହିଛି ବୋଲି ଜଣାପଡ଼ିବା ପରେ ଆଧିଭୌତିକତାବାଦୀ ଦାର୍ଶନିକମାନେ ପରମ ଚୈତ୍ୟସତ୍ତା ଦୃଶ୍ୟମାନ ବସ୍ତୁସକଳ ସୃଷ୍ଟି କରିଥାଏ ବୋଲି କହିବା ପାଇଁ ନୂତନ ପ୍ରେରଣା ପାଇଛନ୍ତି । ଅନ୍ୟପକ୍ଷରେ, ଅଧିକାଂଶ ଦିଗ୍‌ଗଜ କ୍ୱାଣ୍ଟମ୍ ପଦାର୍ଥ ବିଜ୍ଞାନୀ କନ୍‌ସସ୍‌ନେସ୍ ବା ଚେତନା ପୂରାପୂରି ଏକ ଭୌତିକ ବ୍ୟାପାର ବୋଲି କହିବା ସଙ୍ଗେ ସଙ୍ଗେ ଆଧିଭୌତିକତାବାଦୀ, ଆଧ୍ୟାତ୍ମବାଦୀ ଓ ଈଶ୍ୱରବାଦୀମାନଙ୍କୁ ନିରନ୍ତର ପରିହାସ କରି ଚାଲିଛନ୍ତି । କୋକ୍‌ଙ୍କ ଭଳି ଅନେକ ସ୍ନାୟୁବିଜ୍ଞାନୀ ଦୃଢ଼ ନିଶ୍ଚିତ ଯେ ମଣିଷର ବ୍ୟକ୍ତିକୈନ୍ଦ୍ରିକ ଅନୁଭୂତି, ଅଭିଜ୍ଞତା ଆଦୌ କୌଣସି ସ୍ୱର୍ଗୀୟ ପରମ ଚୈତ୍ୟସତ୍ତାର ସର୍ବ ବ୍ୟାପକ ଉପସ୍ଥିତି ଯୋଗୁଁ ସୃଷ୍ଟି ହୁଏ ନାହିଁ । ଏହା ସୃଷ୍ଟି କରିଥାଏ ମଣିଷର ମସ୍ତିଷ୍କର ନିଉରନ୍‌ମାନଙ୍କ ନେଟ୍‌ୱାର୍କ। ସେମାନେ ଦୃଢ଼ ନିଶ୍ଚିତ ଯେ ନ୍ୟୁରୋସାଇନ୍ସ ଦିନେ ନା ଦିନେ ଚେତନା ସୃଷ୍ଟି ପଛରେ ଥିବା ନିଉରାଲ କୋରିଲେଟସ୍ (ନିଉରନ୍‌ମାନଙ୍କ ପାରସ୍ପରିକ ସମ୍ବନ୍ଧ) ସମ୍ପର୍କରେ ପ୍ରାମାଣିକ ତଥ୍ୟଗୁଡ଼ିକ ସାର୍ବଜନୀନ କରିଦେବ ।

ମାତ୍ର ଏ ଲେଖକ ବିଶ୍ୱାସ କରେ ଯେ ଚେତନାର ସ୍ୱରୂପ ସମ୍ପର୍କରେ ଜାଣିବା ମଣିଷ ପକ୍ଷରେ କେବେହେଲେ ସମ୍ଭବ ହୋଇ ନପାରେ। ଜଣାଯାଉଛି ପଦାର୍ଥ ବିଜ୍ଞାନୀ ଓ ଆଧ୍ୟାତ୍ମବାଦୀ ବା ଆଧିଭୌତିକତାବାଦୀଙ୍କର ଏଇ ତର୍କ ବିତର୍କ, ମତମତାନ୍ତର ଅନିର୍ଦ୍ଦିଷ୍ଟ କାଳ ଯାଏ ଚାଲି ରହିଥିବ । କୋକ୍ ପୁନଶ୍ଚ ୨୦୪୮ ମସିହାର ଯେଉଁ ସମୟସୀମା ନିର୍ଦ୍ଧାରଣ କରିଛନ୍ତି ତାହା ଅତିକ୍ରାନ୍ତ ହୋଇଗଲା ପରେ ମଧ୍ୟ କନ୍‌ସସ୍‌ନେସ୍ ବ୍ୟାପାରଟି କଠିନତମ ସମସ୍ୟା (ହାର୍ଡ ପ୍ରୋବ୍ଲେମ) ହୋଇ ରହିଥିବ; ଚିରକାଳ ପାଇଁ ଅନୁତ୍ତରିତ ପ୍ରଶ୍ନବାଚୀଟିଏ ହୋଇ ରହିଥିବ ।

ଏଇ ପରିପ୍ରେକ୍ଷୀରେ ମନେ ପଡ଼ିଯାଏ ରବି ଠାକୁରଙ୍କ ଏଇ କେତୋଟି ପଙ୍କ୍ତି: 'ରଥ ବୋଲେ ଆମି ଦେବ / ପଥ ବୋଲେ ଆମି / ମୂର୍ତ୍ତିର୍ ବୋଲେ ଆମି ଦେବ / ହାସେ ଅନ୍ତର୍ଯ୍ୟାମୀ' । ପରମ ସତ୍ୟ ବା ପରମ ଚୈତ୍ୟସତ୍ତାର ସତ୍‌ସ୍ୱରୂପ ଜାଣିବା ପାଇଁ ମଣିଷର ଏଇ ତୀବ୍ର ଅଭୀପ୍‌ସା ଓ ନିରବଚ୍ଛିନ୍ନ ପ୍ରଚେଷ୍ଟା କେଉଁ ଅଲୌକିକ ଓଷ୍ଠାଧାରରେ ସ୍ମିତ ହାସ୍ୟଟିଏ ଯେ ଖେଳାଇ ଦେଉ ନଥିବ, କିଏ ଜାଣେ?

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାରଙ୍ଗ,
ମୋ-୯୮୫୩୩୫୫୧୦୭

# ବାକ୍‌ସମସ୍ୟା ଦୂର କରନ୍ତି ଇନ୍ଦ୍ରଙ୍କ ସାତ ପରୀ

ବିଶ୍ୱାସ ଓ ବିଜ୍ଞାନ

ଓଜସ୍ୱିନୀ

ଶିଶୁଟିଏ ଜନ୍ମ ହୋଇ କୈଶୋରରେ ପାଦ ଦେବା ପର୍ଯ୍ୟନ୍ତ ବିଭିନ୍ନ ଶାରୀରିକ ବିକାଶର ପ୍ରକ୍ରିୟା ଦେଇ ଗତି କରେ। ଏହି ପ୍ରକ୍ରିୟା ଅନେକ ଶିଶୁଙ୍କ କ୍ଷେତ୍ରରେ ସ୍ୱାଭାବିକ ବା ପ୍ରାକୃତିକ ହୋଇଥିବା ବେଳେ ଆଉ କେତେଜଣ ଶିଶୁଙ୍କ ବିଭିନ୍ନ ଅଙ୍ଗରେ କେତେକ ଅସ୍ୱାଭାବିକତା ପରିଲକ୍ଷିତ ହୁଏ। ଶିଶୁଙ୍କ କ୍ଷେତ୍ରରେ ଦେଖାଯାଉଥିବା ଏମିତି ଗୋଟିଏ ସମସ୍ୟା ହେଉଛି ଖନା ବା ପାଟି ଲାଗିବା । କଥା ହେବା ସମୟରେ ଶବ୍ଦକୁ ଠିକ୍ ଭାବେ ଉଚ୍ଚାରଣ କରି ନପାରିବା ବା ଶବ୍ଦଟିକୁ କହିବା ପୂର୍ବରୁ ଅଧିକ ସମୟ ନେବା, ସ୍ପଷ୍ଟ ନ କହିପାରିବା ଆଦିକୁ 'ଖନା ସମସ୍ୟା' ବା ଇଂରାଜିରେ 'ଷ୍ଟଟରିଙ୍ଗ' କୁହାଯାଏ । ଏହି ସମସ୍ୟାର ଦୂରୀକରଣ ପାଇଁ ପ୍ରାଚୀନକାଳରେ ଘରୋଇ ଉପାୟ ଅବଲମ୍ବନ କରାଯାଉଥିଲା। କିନ୍ତୁ ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ଏହି ଶାରୀରିକ ସମସ୍ୟାର ପ୍ରତିକାର ପାଇଁ 'ସ୍ପିଚ୍ ଥେରାପି'ର ସାହାରା ନିଆଯାଉଛି। କିନ୍ତୁ 'ସ୍ପିଚ୍ ଥେରାପି' କେତେଜଣଙ୍କ କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ଆଣୁଥିବା ବେଳେ ଆଉ କେତେଜଣ ଶିଶୁଙ୍କ କ୍ଷେତ୍ରରେ ପୂର୍ଣ୍ଣମାତ୍ରାରେ ସହାୟକ ହୋଇପାରୁନାହିଁ। କିନ୍ତୁ ଭାରତରେ ଏଭଳି ଗୋଟିଏ ମନ୍ଦିର ଅଛି, ଯେଉଁଠି ଖନା ସମସ୍ୟା ସମ୍ପୂର୍ଣ୍ଣ ଭାବେ ଦୂର ହୋଇଯାଉଛି ବୋଲି ବିଶ୍ୱାସ ରହିଛି । ଭକ୍ତମାନେ ଏହାର ପ୍ରତ୍ୟକ୍ଷ ପ୍ରମାଣ ମଧ୍ୟ ଦିଅନ୍ତି ।

ରାଜସ୍ଥାନର ଚୋମୁ-ଅଜିତଗଡ଼ ରାଜ୍ୟ ରାଜପଥ ନିକଟବର୍ତ୍ତୀ ସାମୋଦର ବନ୍ଦୋଲ୍‌ଠାରେ ଅବସ୍ଥିତ ଏହି ଚମତ୍କାରୀ ମନ୍ଦିରର ନାମ ହେଉଛି 'ମହାମାୟା ମାତା ମନ୍ଦିର'। ଏଠାରେ ଦେବରାଜ ଇନ୍ଦ୍ରଙ୍କର ୭ଜଣ ପରୀ ମହାମାୟା ଭାବେ ପୂଜିତା। ଆରାବଳି ପର୍ବତଶୃଙ୍ଖଳା ବେଷ୍ଟିତ ଏହି ପ୍ରସିଦ୍ଧ ମନ୍ଦିର ୭୦୦ ବର୍ଷ ପୁରୁଣା ବୋଲି କୁହାଯାଏ। ସ୍ଥାନୀୟ ଭକ୍ତମାନଙ୍କ ବ୍ୟତୀତ ଏଠାକୁ ଭାରତର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ । ବିଶେଷଭାବେ ଶିଶୁମାନଙ୍କ ଖନା ସମସ୍ୟା ଦୂର କରିବା ପାଇଁ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳେ। ଖନା ସମସ୍ୟା ଦୂର କରିବା ପାଇଁ ଭକ୍ତମାନେ ମାନସିକ କରିବା ସହିତ ଶିଶୁଙ୍କୁ ୭ଥର 'ଯାତ୍' ଲଗାଇବାକୁ ପଡ଼ିଥାଏ। 'ଯାତ୍' ଅର୍ଥ ଶିଶୁଙ୍କ ନାମରେ ମନ୍ଦିର ଭିତରେ ବିଶେଷ ଭାବେ ପୂଜାନୁଷ୍ଠାନ କରି ଦେବୀଙ୍କ ଚରଣରେ ଶିଶୁଙ୍କ ହାତରେ ନଡ଼ିଆ, ବସ୍ତ୍ର ଓ ପୁଲଫଳ ଆଦି ସମର୍ପଣ କରିବା । ଏଭଳି ୭ଥର କରିବା ପରେ ଶିଶୁଙ୍କ ଖନା ସମସ୍ୟା ଧୀରେ ଧୀରେ ସମ୍ପୂର୍ଣ୍ଣ ଦୂର ହୋଇଯାଏ ବୋଲି ଭକ୍ତମାନେ କହିଥା'ନ୍ତି। ମାନସିକ ପୂରଣ ହେବା ପରେ ଦେବୀ ମା'ଙ୍କୁ ରୁପା କିମ୍ବା ତମ୍ବାର ଜିଭ ଅର୍ପଣ କରାଯିବାର ପ୍ରଥା ଅଛି। ଆଦୌ କଥା କହିପାରୁନଥିବା କେତେଜଣ ଶିଶୁ ମଧ୍ୟ ଦେବୀ ମା'ଙ୍କ ଆଶିଷରୁ କଥା କହୁଛନ୍ତି ବୋଲି ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳେ ।

ଏଠାରେ ଦେବରାଜ ଇନ୍ଦ୍ରଙ୍କର ୭ଜଣ ପରୀ କାହିଁକି ପୂଜା ପାଇଲେ, ସେ ସମ୍ପର୍କରେ ଏକ କିମ୍ବଦନ୍ତୀ ଅଛି। ୭୦୦ ବର୍ଷ ପୂର୍ବେ ଏହି ସ୍ଥାନରେ ସନ୍ଥ ଦ୍ୱାରକା ଦାସ ମହାରାଜ ତପସ୍ୟା କରୁଥିଲେ । ତପସ୍ୟା ସ୍ଥଳ ନିକଟରେ ଥିବା ଜଳାଶୟକୁ ପ୍ରତିଦିନ ଦେବରାଜ ଇନ୍ଦ୍ରଙ୍କର ୭ଜଣ ପରୀ ସ୍ନାନ କରିବା ପାଇଁ ଆସୁଥିଲେ। ସେମାନେ ସ୍ନାନ କରିବା ସମୟରେ କୋଳାହଳ କରୁଥିବାରୁ ସନ୍ଥ ଦ୍ୱାରକା ଦାସଙ୍କ ତପସ୍ୟାରେ ବିଘ୍ନ ଘଟୁଥିଲା। କୋଳାହଳ ନ କରିବା ପାଇଁ ସନ୍ଥ ପରୀମାନଙ୍କୁ ଅନେକ ଥର ଅନୁରୋଧ କଲେ ମଧ୍ୟ ସେମାନେ ସନ୍ଥଙ୍କ କଥାକୁ ଭ୍ରୂକ୍ଷେପ କଲେ ନାହିଁ। ଏକଦା ସନ୍ଥ ଦ୍ୱାରକା ଦାସ ଅତିଷ୍ଠ ହୋଇ ପରୀମାନଙ୍କୁ ଉଚିତ ଦଣ୍ଡ ଦେବାକୁ ମନସ୍ଥ କଲେ। ପରୀମାନେ ସ୍ନାନ କରୁଥିବା ସମୟରେ ସନ୍ଥ ସେମାନଙ୍କର ବସ୍ତ୍ର ଲୁଚାଇ ଦେଲେ । ସ୍ନାନ ସାରି ପରୀମାନେ ଆସିବା ପରେ ବସ୍ତ୍ର ନ ପାଇ ବିଚଳିତ ହେଲେ ଏବଂ ବସ୍ତ୍ର ଫେରାଇ ଦେବା ପାଇଁ ପରୀମାନେ ସନ୍ଥଙ୍କୁ ଅନୁରୋଧ କଲେ । କିନ୍ତୁ ସନ୍ଥ ସେମାନଙ୍କର ବସ୍ତ୍ର ଫେରାଇଲେ ନାହିଁ ଏବଂ ଅଭିଶାପ ଦେଲେ ଯେ, ସେମାନେ ଏହି ଜଳାଶୟ ନିକଟରେ ଅନନ୍ତ ସମୟ ପାଇଁ ରହି ଭକ୍ତମାନଙ୍କର ମନୋକାମନା ପୂରଣ କରିବେ। ତେଣୁ ପରୀମାନେ ଇନ୍ଦ୍ରଲୋକକୁ ଫେରି ନପାରି ସେବେଠାରୁ ଏଠାରେ ମହାମାୟା ଭାବେ ପୂଜା ପାଇ ଆସୁଛନ୍ତି । ନବରାତ୍ରି ଏବଂ ବୈଶାଖ ଓ ଭାଦ୍ରବ ମାସରେ ୧୫ ଦିନ ଏଠାରେ ବଡ଼ ମେଳାର ଆୟୋଜନ ହୋଇଥାଏ ।

ଏଥିରୁ ପ୍ରମାଣିତ ହେଉଛି ଯେ, ଚିକିତ୍ସା ବିଜ୍ଞାନ ଯେତେ ଅଗ୍ରଗତି କଲେ ମଧ୍ୟ ଭାରତରେ ଜନସାଧାରଣ ଏ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ଧର୍ମବିଶ୍ୱାସ ଓ ଈଶ୍ୱରଙ୍କ ଉପରୁ ଆସ୍ଥା ହରାଇନାହାନ୍ତି । ଭାରତୀୟ ସଂସ୍କୃତିର ଏହା ହିଁ ବୈଶିଷ୍ଟ୍ୟ ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ରବି ଧାନ ସଂଗ୍ରହ ସମୀକ୍ଷା କଲେ ମନ୍ତ୍ରୀ

ଭୁବନେଶ୍ୱର, ୫ ।୬(ସମିସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟରେ ଚଳିତ ଋତୁରେ ରବି ଧାନ ସଂଗ୍ରହ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ରବି ଧାନ ସଂଗ୍ରହ ସମ୍ପର୍କରେ ଅବଗତ କରାଇଥିଲେ । ରାଜ୍ୟରେ ଚଳିତ ରବି ଋତୁରେ ଏପର୍ଯ୍ୟନ୍ତ ପ୍ରାୟ ୮୮ ହଜାର ଚାଷୀଙ୍କ ଠାରୁ ପ୍ରାୟ ୬ ଲକ୍ଷ ୬ ହଜାର ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି । ଏଥିସହ ସର୍ବନିମ୍ନ ସହାୟତା ମୂଲ୍ୟ ଓ ଇନ୍‌ପୁଟ ସହାୟତା ବାବଦକୁ ପାଖାପାଖି ୧୫୬୬ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏଥିସହ ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ଧାନ ସଂଗ୍ରହ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ମଣ୍ଡିରେ ଚାଷୀମାନଙ୍କ ଧାନ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି । ଧାନ ସଂଗ୍ରହ ସମୟରେ କୌଣସି ଅନିୟମିତତାର ଅଭିଯୋଗ ଆସିଲେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ରାଜ୍ୟରେ ବର୍ତ୍ତମାନ ଥିବା ୨୧୪ଟି ଗୋଦାମ ଗୃହର ଆଧୁନିକୀକାରଣ ଓ କ୍ଷମତା ବୃଦ୍ଧି ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବୈଠକରେ ଆଲୋଚନା ହୋଇଥିଲା ।

# ଶିକ୍ଷକଙ୍କୁ ଦିଆଯିବ କରୋନା ସତର୍କତା

ଭୁବନେଶ୍ୱର,୫ ।୬(ସମିସ): ଦେଶ ଓ ରାଜ୍ୟରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖିଛନ୍ତି । ଖରାଛୁଟି ପରେ ବିଦ୍ୟାଳୟ ଖୋଲିଲେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ କୋଭିଡ୍ ନେଇ ସତର୍କ କରାଯିବ । କାହାକୁ ଥଣ୍ଡା ହେଲେ ମାସ୍କ ପିନ୍ଧି ବିଦ୍ୟାଳୟକୁ ଆସିବେ । ଅଧିକ ସ୍ୱାସ୍ଥ୍ୟ ଖରାପ ହେଲେ ସ୍କୁଲ୍ ନ ଆସି ଘରେ ରହିବେ ଛାତ୍ରଛାତ୍ରୀ । ଆଗାମୀ ଦିନରେ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯିବ । ସ୍ୱାସ୍ଥ୍ୟ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ।

# ଡିରୋଟରେ ୬୦ ଛୁଇଁବ ଆଳୁ; ଯୋଗାଣମନ୍ତ୍ରୀ ବେଫିକର

- ଟେନସନ ନିଏନି, ଟେନସନକୁ ପେନସନ ଦିଏ: ମନ୍ତ୍ରୀ
- ଯୋଗାଣମନ୍ତ୍ରୀଙ୍କୁ ଛାଡୁ ନାହିଁ 'ଆଳୁ ଦୋଷ: ବିଜେଡି
- ଫିଲ୍ଡ ଯାଇ ଦେଖନ୍ତୁ, ଫାଇଲ କଥା ନକୁହନ୍ତୁ: କଂଗ୍ରେସ

ଭୁବନେଶ୍ୱର,୫।୬(ସମିସ): ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରଠାରୁ ଆଳୁ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁ ନାହିଁ । ଆଳୁ ବିହନ ଯୋଗାଣରେ ଅସଙ୍ଗତି ଯୋଗୁଁ ଚଳିତ ବର୍ଷ ଉତ୍ପାଦନ ଆଶାନୁରୂପ ହୋଇ ନାହିଁ । ଡିରୋଟରେ ଆଳୁ କେଜି ୬୦ ଛୁଇଁବ ବୋଲି ବ୍ୟବସାୟୀମାନେ ଆଶଙ୍କା କଲେଣି, ନିଜେ ଯୋଗାଣମନ୍ତ୍ରୀ ରାଜ୍ୟର ଆବଶ୍ୟକତା ଅନୁସାରେ ଉତ୍ପାଦନ ହେଉ ନାହିଁ ବୋଲି ଉଲ୍ଲେଖ କରି ଅନ୍ୟୂନ ୧୦ ଲକ୍ଷ ଟନ୍ ଆଳୁ ଆମଦାନୀର ଆବଶ୍ୟକତା ଥିବା କଥା କହୁଛନ୍ତି । ଏପରି ସମୟରେ ମନ୍ତ୍ରୀ ଆଳୁକୁ ନେଇ ବେଫିକର ମନ୍ତବ୍ୟ ପ୍ରଦାନ କରିବାକୁ ସମାଲୋଚନା କରିଛନ୍ତି ବିରୋଧୀ । ଯୋଗାଣମନ୍ତ୍ରୀଙ୍କୁ 'ଆଳୁ ଦୋଷ' ଛାଡୁନାହିଁ ବୋଲି ବିରୋଧୀ କଂଗ୍ରେସ କଟାକ୍ଷ କରିଛି ।

ଦୀର୍ଘଦିନ ଧରି ରାଜ୍ୟରେ ଆଳୁ ଦରରେ ସୁଧାର ଆସୁନାହିଁ । ହେଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କରମୁହଁ ଫୁଟାଣି ଛାଡୁନି । ଆଳୁ ଦର ନିୟନ୍ତ୍ରଣ ସହ ଅଧିକ ଉତ୍ପାଦନ ପାଇଁ ପଦକ୍ଷେପ ନେବା ପରିବର୍ତ୍ତେ କହିଛନ୍ତି ଯେ ମୁଁ ଟେନସନ୍ ନିଏନାହିଁ ବରଂ ଟେନସନକୁ ପେନସନ୍ ଦେଇ ଦେବା ମୋର ଅଭ୍ୟାସ । ଓଡ଼ିଶାରେ ମୋଟ ୧୩ ଲକ୍ଷ ଟନ ଆଳୁର ଆବଶ୍ୟକତା ଥିବାବେଳେ ୩ ଲକ୍ଷ ମେଟ୍ରିକ ଟନ ଆଳୁ ଉତ୍ପାଦିତ ହେଉଛି । ରାଜ୍ୟରେ ଆଉ ୨ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ବଢ଼ିଛି । ଆମେ ଶୀତଳ ଭଣ୍ଡାରର ବ୍ୟବସ୍ଥା କରୁଛୁ । ମୋ କାମରେ ମୁଁ ସନ୍ତୁଷ୍ଟ , ଆପଣମାନେ ସନ୍ତୁଷ୍ଟ କି ନାହିଁ ମୁଁ ସନ୍ଦେହରେ ଅଛି ବୋଲି ମନ୍ତ୍ରୀ କହିଛନ୍ତି । ଅପରପକ୍ଷେ ମନ୍ତ୍ରୀଙ୍କ ବୟାନ ଉପରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟକ ପ୍ରଦୀପ ଦିଶାରୀ କହିଛନ୍ତି ଯେ ଆଳୁ ମନ୍ତ୍ରୀଙ୍କ ଆଳୁ ଦୋଷ ଯାଇନାହିଁ । ସେଥିପାଇଁ ଲୋକେ ତାଙ୍କୁ ଆଳୁ ମନ୍ତ୍ରୀ ଡାକିଲେଣି । ବର୍ଷେ ହେବ ଉତ୍ତର ପ୍ରଦେଶରୁ ଆଳୁ ଟ୍ରେନ ଆସୁଛି, ତାହା କେଉଁଠି ହେଲାଣି ମନ୍ତ୍ରୀ କହିପାରିବେ କି ? କେତେ ଦିନ ନିଜ ଦାୟିତ୍ୱ ଭୁଲି ପୂର୍ବ ସରକାରଙ୍କୁ ଦୋଷ ଦେବେ ବୋଲି ଶ୍ରୀ ଦିଶାରୀ ପ୍ରଶ୍ନ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଯୋଗାଣ ମନ୍ତ୍ରୀ କହିଥିଲେ ଆଳୁ ପାଇଁ ଆମେ କାହା ଉପରେ ନିର୍ଭର କରିବୁ ନାହିଁ । ଗତ ବର୍ଷେ ମଧ୍ୟରେ ଆଳୁ ଉତ୍ପାଦନ ବୃଦ୍ଧି ପାଇ କଣ କରିଛନ୍ତି ଏବଂ କେତୋଟି ଶୀତଳ ଭଣ୍ଡାର କରିଛନ୍ତି ତାହାର ଉତ୍ତର ରଖନ୍ତୁ ବୋଲି ସେ ପ୍ରଶ୍ନ କରିଛନ୍ତି । ସେହିପରି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ ଆଳୁ ମନ୍ତ୍ରୀଙ୍କ ଦୋଷ ଆହୁରି ଟିକେ ଅଛି । ସେ କହିଲେ ଟ୍ରେନରେ ଆଳୁ ଉତ୍ତର ପ୍ରଦେଶରୁ ଆସୁଛି, ତାହା ପରବର୍ତ୍ତୀ ସମୟରେ ମିଛ ପ୍ରମାଣିତ ହେଲା । ଏବେ କହୁଛନ୍ତି ଆମେ ରାଜ୍ୟରେ ଉତ୍ପାଦନ ବଢାଇଦେଲୁ । ମାତ୍ର ରାଜ୍ୟରେ ବର୍ଷେ ହେଲାଣି ଗୋଟେ ହେଲେ ମଧ୍ୟ ଆଳୁ ଉତ୍ପାଦନ ବଢ଼ିନାହିଁ । ଯୋଗାଣ ମନ୍ତ୍ରୀ କେବଳ କହିବା ଶିଖିଛନ୍ତି ଓ ରଙ୍ଗ ବଦଳାଇବା ଶିଖିଛନ୍ତି । ମନ୍ତ୍ରୀଙ୍କୁ ଅନୁରୋଧ ଦୟାକରି ସେ ଫିଲ୍ଡକୁ ଯାଆନ୍ତୁ ଫାଇଲକୁ ଆସନ୍ତୁ ନାହିଁ ବୋଲି ଶ୍ରୀ ବାହିନୀପତି କଟାକ୍ଷ କରିଛନ୍ତି ।

■ ଟ୍ରକ୍ ପଛରେ ପିଟିହେଲା ବସ୍

# ଝରିଗାଁ ବ୍ଲକ୍ କନିଷ୍ଠ ଯନ୍ତ୍ରୀ ମୃତ; ୫ ଗୁରୁତର

କୋକସରା/ଚାରବାହାଲ, ୫ ।୬(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଚାରବାହାଲ ସ୍କୁଲ ନିକଟରେ ଗୁରୁବାର ଭୋର୍‌ରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି । ଏଥିରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ବସ୍‌ରେ ଥିବା ଅନ୍ୟ ୫ଜଣ ଯାତ୍ରୀ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ମୃତକ ହେଲେ, ଅନୁଗୋଳର ବିନୋଦ ବେହେରା । ସେ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ । ସେ ଭୁବନେଶ୍ୱରରୁ କାର୍ଯ୍ୟସ୍ଥଳ ଝରିଗାଁ ଆସୁଥିଲେ । ଜୁନାଗଡ଼ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ହେବାପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

ଅନ୍ୟପକ୍ଷେ ଗୁରୁତରମାନେ ହେଲେ ନବରଙ୍ଗପୁର ଜିଲ୍ଲା ଝରିଗାଁ ତରାବେଡାର ଜଗତ ଗଉଡ଼, ନୟାଗଡ଼ର ଅଶୋକ ମହାନ୍ତି, ସଞ୍ଜୟ ଦାସ, ସୁଶୀଲ ସାହୁ ଓ ଅନ୍ୟ ଜଣେ । ଭୁବନେଶ୍ୱରରୁ ଉମରକୋଟ ଯାଉଥିବା ଏହି ଘରୋଇ ଯାତ୍ରୀବାହୀ ବସ୍‌ଟି ରାସ୍ତାରେ ଠିଆ ହୋଇଥିବା ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବସ୍‌ର ଆଗପଟ ଚୂରମାର ହୋଇଯାଇଛି । ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ କୋକସରା ଦମକଳ କେନ୍ଦ୍ର କର୍ମଚାରୀ ଓ ଓ ମୋଟେର ଫାଣ୍ଡି ପୁଲିସ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ କର୍ମଚାରୀମାନେ ବସ୍‌ରୁ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ । ୬ଜଣ ଯାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜୁନାଗଡ ଡାକ୍ତରଖାନା ପଠାଇଥିଲେ । ସେଠାରେ ବିନୋଦ ବେହେରାଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟ ୫ଜଣ ଯାତ୍ରୀ ଜୁନାଗଡ଼ରେ ଚିକିତ୍ସାଧୀନ ରହିଛନ୍ତି । ମୋଟେର ଫାଣ୍ଡି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଦୀପ ନିଆଁ ଲାଗି ମହିଳା ଗୁରୁତର

ଆଳି, ୫।୬(ସମିସ): ଆଜି ସୁଦଶା ବ୍ରତ ଅବସରରେ ସବୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିବା ବେଳେ ଆଳିର ଆରାଧ୍ୟଦେବତା ପ୍ରଭୁ ଲକ୍ଷ୍ମୀବରାହ ମନ୍ଦିରରେ ଏକ ଅଘଟଣ ଘଟିଛି । ଦୀପ ନିଆଁ ଲାଗି ଜଣେ ମହିଳା ଭକ୍ତ ଗୁରୁତର ଆହତ ହୋଇଛନ୍ତି । ମହିଳାଜଣଙ୍କ ହେଲେ, ରାଜକନିକା ବ୍ଲକ ଅନ୍ତର୍ଗତ ବଳରାମପୁର ଛଦେଶ ଗ୍ରାମର ଇନ୍ଦ୍ରମଣୀ ନାୟକଙ୍କ ପତ୍ନୀ ସୁପ୍ରିୟା ନାୟକ । ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସୁପ୍ରିୟା ନିଜ ଘର ଆଳି ବ୍ଲକ ଅନ୍ତର୍ଗତ କୋଚିଳା ଗ୍ରାମକୁ ଆସିଥିଲେ । ଆଜି ସୁଦଶା ବ୍ରତ କରିଥିବାରୁ ସେ ଲକ୍ଷ୍ମୀବରାହ ମନ୍ଦିରକୁ ପୂଜା କରିବାକୁ ଆସିଥିଲେ । ସେ ଦୀପ ଲଗାଉଥିବା ସମୟରେ ଅସାବଧାନତା ଯୋଗୁଁ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା । ତାଙ୍କ ଚିତ୍କାର ଶୁଣି ସେଠାରେ ଉପସ୍ଥିତ ଦୁଇଜଣ ପୂଜକ ଶିବପ୍ରସାଦ ପଣ୍ଡା ଓ ନଟବର ଦୀକ୍ଷିତ ତାଙ୍କ ଦେହରୁ ନିଆଁ ଲିଭାଇବା ସହ ତାଙ୍କୁ ନିଜର ବସ୍ତ୍ର ଦ୍ୱାରା ଢାଙ୍କି ଦେଇଥିଲେ । ପରେ ତାଙ୍କୁ ଆଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରଯାଇଥିବା ନେଇ ଆଳି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଣବ ଶୁକ୍ଳା ସୂଚନା ଦେଇଛନ୍ତି ।

# ଆଜି ରାଜ୍ୟ କ୍ୟାବିନେଟ

ଭୁବନେଶ୍ୱର,୫।୬(ସମିସ): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତାକାଲି ଅପରାହ୍ନ ୪ଟା ସମୟରେ ଲୋକସେବା ଭବନରେ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ଆସନ୍ତା ୧୨ ତାରିଖରେ ରାଜ୍ୟ ବିଜେପି ସରକାରକୁ ଶାସନ ଭାର ସମ୍ଭାଳିବାର ପ୍ରଥମ ବର୍ଷ ପୂରଣ ହେଉଛି । ତେଣୁ ବର୍ଷ ପୂର୍ତ୍ତିକୁ ଦୃଷ୍ଟିରେ ରଖି ଆସନ୍ତାକାଲି ସରକାର କିଛି ବଡ଼ ଘୋଷଣା କରିବାର ସମ୍ଭାବନା ରହିଛି ।

# ଭଦ୍ରକ ଏସ୍‌ପି ହେଲେ ମନୋଜ ରାଉତ

ଭୁବନେଶ୍ୱର,୫।୬(ସମିସ): ଭଦ୍ରକର ନୂଆ ଏସ୍‌ପି ହେଲେ ମନୋଜ କୁମାର ରାଉତ । ସେ କେଉଁଝର ଜିଲ୍ଲାରେ ଅତିରିକ୍ତ ଏସ୍‌ପି କାର୍ଯ୍ୟ କରୁଥିଲେ । ସେହିଭଳି ଭଦ୍ରକ ଏସ୍‌ପି ଥିବା ୨୦୧୨ ବ୍ୟାଚ୍‌ର ଆଇପିଏସ୍ ମଡ଼କର ସନ୍ଦୀପ ସମ୍ପଦଙ୍କୁ ନବରଙ୍ଗପୁର ଜିଲ୍ଲାର ଏସ୍‌ପି ଭାବେ ବଦଳି କରାଯାଇଛି । ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଇ କରାଯାଇଛି ।

# ସଂରକ୍ଷିତ ଜଙ୍ଗଲରୁ ହାତୀର ଗଳିତ ମୃତଦେହ ଠାବ

ବାରିପଦା, ୫।୬(ସମିସ): ବାରିପଦା ବନଖଣ୍ଡ ଅଧୀନ ମଞ୍ଜାବନ୍ଧା ସଂରକ୍ଷିତ ଜଙ୍ଗଲରୁ ଗୁରୁବାର ଏକ ଦନ୍ତା ହାତୀର ଗଳିତ ମୃତଦେହକୁ ବନବିଭାଗ ଠାବ କରିଛି । ହାତୀଟି ଏକ ଖାଲ ମଧ୍ୟରେ ପଡିଥିବାରୁ ବନବିଭାଗର କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ତେବେ ହାତୀ ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ହାତୀ-ହାତୀ ମଧ୍ୟରେ ଲଢେଇ ଜନିତ ମୃତ୍ୟୁ ଘଟିଥାଇପାରେ ବୋଲି ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଅନୁମାନ କରୁଛନ୍ତି । ଶବ ବ୍ୟବଚ୍ଛେଦ କରିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ । ମୃତ ହାତୀର ବୟସ ୧୦ ବର୍ଷ ମଧ୍ୟରେ ହେବ ।

# ରାଜ୍ୟର '୧୦୮' ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ

- ଡବଲ ଇଞ୍ଜିନ ଏବେ ରାଜ୍ୟ ପାଇଁ ଡବଲ ବିନାଶ ଆଣିଛି: ବିଜେଡି
- ବିଜେପି ସରକାରକୁ ଆସିବା ପରେ ଆମ୍ବୁଲାନ୍ସର ହେଉନି ରକ୍ଷଣାବେକ୍ଷଣ
- ସ୍ୱାସ୍ଥ୍ୟ ସେବା ପ୍ରଦାନରେ ବିଫଳ ସରକାର ବର୍ଷପୂର୍ତ୍ତି ଉତ୍ସବ ପାଳନ କରୁଛି
- ଉତ୍ସବ ପାଳନ ବନ୍ଦ କରି ସେହି ଅର୍ଥରେ ୧ ହଜାର ଆମ୍ବୁଲାନ୍ସ କିଣାଯାଉ

ଭୁବନେଶ୍ୱର,୫।୬(ସମିସ): ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଉଦ୍‌ବେଗଜନକ ସ୍ଥିତିରେ ଥିବାବେଳେ ଆମ୍ବୁଲାନ୍ସ ସେବା ମଧ୍ୟ ବିପର୍ଯ୍ୟସ୍ତ ଅବସ୍ଥାକୁ ଆସିଗଲାଣି । ଆମ୍ବୁଲାନ୍ସ ଭଳି ଏକ ଜରୁରୀକାଳୀନ ସେବା ଏକ ପ୍ରକାର ବନ୍ଦ ହୋଇଯାଇଥିବା ବେଳେ ସରକାର ଏକ ବର୍ଷ ପୂର୍ତ୍ତି ଉତ୍ସବ ରାଜ୍ୟବ୍ୟାପୀ ପାଳନ କରୁଛି ବୋଲଲି କ୍ଷୋଭ ପ୍ରକାଶ କରିଛି ବିଜେଡି । ରାଜ୍ୟବାସୀଙ୍କ କଷ୍ଟ ଉପାର୍ଜିତ ଧନରୁ ଟିକସ ମାଧ୍ୟମରେ ରାଜକୋଷକୁ ଆସିଥିବା ଅର୍ଥକୁ ବିଜେପି ଉତ୍ସବ ପାଳନରେ ଖର୍ଚ୍ଚ ନ କରି ସେହି ଅର୍ଥରେ ୧ ହଜାର ଆମ୍ବୁଲାନ୍ସ କିଣାଯାଉ ବୋଲି ଦଳ ଦାବି କରିଛି ।

ଗୁରୁବାର ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଡଃ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ ଗତକାଲି କୋରାପୁଟର ସହିଦ ଲକ୍ଷଣ ନାୟକ ମେଡିକାଲ କଲେଜରେ ଭୁଲ୍ ଇଞ୍ଜେକସନ ଦିଆଯିବା ଦ୍ୱାରା ୬ ଜଣଙ୍କ ମୃତ୍ୟୁ ହୋଇଥିବା ଭଳି ଦୁଃଖଦ ଖବର ସାମ୍ନାକୁ ଆସିଥିଲା । ଆଜି ରାଜ୍ୟରେ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇ ପଡିଥିବାର କରୁଣ ଚିତ୍ର ସାମ୍ନାକୁ ଆସିଛି । ଜଗତସିଂହପୁର ଜିଲ୍ଲାରେ ଏକ ୧୦୮ ଆମ୍ବୁଲାନ୍ସରେ ରୋଗୀ ଓ ତାଙ୍କ ପରିବାର ସଦସ୍ୟଙ୍କ ସହିତ ହସ୍ପିଟାଲକୁ ଆସୁଥିବା ବେଳେ ରାସ୍ତାରେ ଆମ୍ବୁଲାନ୍ସର ଟାୟାର ପଙ୍କଚର ହୋଇ ଯାଇଥିଲା । ସେହି ଆମ୍ବୁଲାନ୍ସଟିରେ ଷ୍ଟେପିନ୍ ଟାୟାର ନ ଥିଲା । ଡ୍ରାଇଭର କଲ୍ ସେଣ୍ଟରର ସହାୟତା ମାଗିଥିଲେ ମଧ୍ୟ କୌଣସି ସହାୟତା ମିଳି ପାରି ନଥିଲା । ଆମ୍ବୁଲାନ୍ସରେ ମୁମୂର୍ଷୁ ଅବସ୍ଥାରେ ଥିବା ରୋଗୀଙ୍କ ଅବସ୍ଥା ଆହୁରି ଖରାପ ହୋଇଥିଲା । ଏହି ଖବର ପାଇ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସାଦ ଜେନା ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଏକ ଗାଡ଼ିରେ ରୋଗୀଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ ।

ଡଃ ସାମନ୍ତସିଂହାର କହିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ଆରମ୍ଭ କରାଯାଇଥିଲା ଏବଂ ବ୍ୟବସ୍ଥିତ ଢଙ୍ଗରେ ଏସବୁ ଚାଲି ଆସୁଥିଲା । କିନ୍ତୁ ରାଜ୍ୟରେ ବିଜେପି ସରକାର ଆସିବା ପରେ ଆମ୍ବୁଲାନ୍ସଗୁଡିକର ରକ୍ଷଣାବେକ୍ଷଣା କରା ନ ଯିବା କାରଣରୁ ଏହି ଜରୁରୀକାଳୀନ ସେବା ଏବେ ରୋଗୀଙ୍କ ପାଇଁ ମରଣଯନ୍ତାରେ ପରିଣତ ହୋଇଛି । ୧୦୮ ଆମ୍ବୁଲାନ୍ସଗୁଡିକ ଅକାମି ହୋଇ ପଡ଼ି ରହିଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବାବେଳେ ରାଜ୍ୟ ସରକାରଙ୍କର କିନ୍ତୁ ଏଥିପ୍ରତି ନିଘା ନାହିଁ । ରାଜ୍ୟର ଅତ୍ୟାବଶକ ସେବା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ବିଜେପି ସରକାର ଉତ୍ସବ ପାଳନ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି । ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରି ଏହି ଉତ୍ସବ ପାଳନ ପ୍ରସ୍ତାବକୁ ତୁରନ୍ତ ବାତିଲ କରି ସେହି ଅର୍ଥରେ ୧୦୦୦ଟି ଜରୁରୀକାଳୀନ ସେବା ଥିବା ଆମ୍ବୁଲାନ୍ସ କିଣାଯାଉ ବୋଲି ଡଃ ସାମନ୍ତସିଂହାର ଦାବି କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପାକିସ୍ତାନର ଗୁଇନ୍ଦା...

କରିବାରେ ସହାୟତା କରିଛନ୍ତି । ତାଙ୍କର ପ୍ରଭାବ ଦିଲ୍ଲୀରେ ଥିବା ପାକିସ୍ତାନୀ ହାଇକମିସନରେ ମଧ୍ୟ ରହିଛି । ସେ ନିୟମିତ ଭାବେ ପ୍ରଥମ ସଚିବ(ଭିସା) ସୁହେଲ କମର ଓ କାଉନସେଲର (ବାଣିଜ୍ୟ) ଉମର ସେ ।।ହେରୟାରଙ୍କ ସହ ଯୋଗାଯୋଗ କରୁଥିଲେ । ସେ ଯାହାକୁ ପାକିସ୍ତାନ ଆସିବା ଦରକାର ବୋଲି ଅନୁଭବ କରୁଥିଲେ, କେବଳ ଗୋଟିଏ ଫୋନ କଲେ ସେମାନଙ୍କୁ ଭିସା ତୁରନ୍ତ ମିଳିଯାଉଥିଲା । ନୂଆଦିଲ୍ଲୀରେ ପାକିସ୍ତାନ ହାଇକମିସନରେ କାମ କରୁଥିବା ଆଇଏସ୍ଆଇ ଏଜେଣ୍ଟ ଦାନିଶ ଓରଫ ଏହସାନୁର ର ।।ହେମାନଙ୍କ ସହ ସେହଜାଦଙ୍କର ଭଲ ସମ୍ପର୍କ ଥିଲା । ଦାନିଶ ପାକିସ୍ତାନ ଦୂତାବାସରେ ଭିସା ଅଫିସର ଭାବେ କାମ କରୁଥିଲେ । ଭାରତୀୟ ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ସହିତ ଦାନିସଙ୍କର ଭଲ ସଂପର୍କ ଥିଲା । ଅପରସନ ସିନ୍ଦୂର ବେଳେ ଦାନିସଙ୍କୁ ଭାରତ ସରକାର ଅବାଞ୍ଛିତ ବ୍ୟକ୍ତି ଘୋଷଣା କରି ବହିଷ୍କାର କରିଥିଲେ । ଆହୁରି ଜଣାପଡ଼ିଛି ଯେ ପାକିସ୍ତାନ ଯିବା ଲାଗି ପର୍ଯ୍ୟଟନ ଭିସାର କୌଣସି ବ୍ୟବସ୍ଥା ନଥିବା ବେଳେ ସେହଜାଦଙ୍କ ଇସାରାରେ ପାକିସ୍ତାନ ହାଇକମିସନ ଭାରତୀୟ ନାଗରିକଙ୍କୁ ପର୍ଯ୍ୟଟକ ଭିସା ଯୋଗାଉଥିଲା । ଏହି ଗସ୍ତର ପ୍ରାୟୋଜନ କରୁଥିଲେ ମ୍ୟାଡମ୍ ସେହଜାଦ ।

### ବର୍ଷକରେ ବିକାଶ..

ଆନ୍ତରିକତାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି । ସ୍ଥାନୀୟ ଅଞ୍ଚଳର ବିକାଶ, ପଞ୍ଚାୟତସ୍ତରରେ ଆବଶ୍ୟକତା ଅନୁସାରେ କାର୍ଯ୍ୟ ପାଇଁ ପୂର୍ବ ସରକାର ଯେଉଁ ପଦକ୍ଷେପ ନେଇଥିଲେ, ତାହାକୁ ବନ୍ଦ କରି ଶାସକ ବିଜେପି ରାଜନୈତିକ ଦୃଷ୍ଟିରୁ ଲାଭବାନ ହୋଇଥିବା ମନେ କରୁଥିଲେ ହେଁ, ଏହା ରାଜ୍ୟର ଗ୍ରାମାଞ୍ଚଳରେ ରହୁଥିବା ସାଢ଼େ ୩ କୋଟି ଲୋକଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଛି । ଗତ ମାର୍ଚ୍ଚ ମାସରେ ବିଧାନସଭାରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ରାଜ୍ୟର ୫,୧୯୭ଟି ଗାଁ ଓ ପଡ଼ାକୁ ସବୁଦିନିଆ ରାସ୍ତା ନ ଥିବା ସୂଚନା ଦିଆଯାଇଥିଲା । ୨୦୨୪-୨୫ ମସିହାରେ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ଦ୍ୱାରା କରାଯାଇଥିବା ଏକ ସର୍ଭେ ମାଧ୍ୟମରେ ଏହି ଗାଁ ଓ ପଡ଼ାଗୁଡ଼ିକୁ ଚିହ୍ନଟ କରାଯାଇ ରାସ୍ତା ନିର୍ମାଣ କରାଯିବ ବୋଲି କୁହାଗଲା । ମାତ୍ର ସରକାରଙ୍କ ଏହି ଘୋଷଣା କେବଳ ଗଣମାଧ୍ୟମର ଶୀର୍ଷକ ମଧ୍ୟରେ ଅଟକି ଗଲା ଓ ବିକଶିତ ଗାଁ, ବିକଶିତ ଓଡ଼ିଶା କେବଳ ଏକ ଶ୍ରୁତମଧୁର ସ୍ଲୋଗାନ ହୋଇ ରହିଗଲା ।

### ଓଡ଼ିଶାରେ 'ପିସି'...

ଏପରି ସମୟରେ ପିସି କାରବାର ଅଭିଯୋଗ ରାଜ୍ୟ ସରକାରଙ୍କ ଛବିକୁ ମଳିନ କରିଛି । ବିଶେଷକରି ବିଜେପି ବିଧାୟକମାନେ ଜିତିଥିବା ଅଞ୍ଚଳକୁ ଦିଆଯାଇଥିବା ଅନୁଦାନରେ ପିସି କାରବାର ସୀମା ଟପିଥିବା ବି ଅଭିଯୋଗ ଶୁଣିବାକୁ ମିଳୁଛି ।

ଦିନକ ତଳେ ବିଜେପିର ଅନ୍ୟତମ ବରିଷ୍ଠ ନେତା ତଥା ଦଳର ମୁଖପାତ୍ର ସମୀର ଦାସ ଏଭଳି ପ୍ରସଙ୍ଗ ଲୋକଲୋଚନକୁ ଆଣିବା ସହ ସରକାରୀସ୍ତରରେ ଚାଲିଥିବା ପିସି ବ୍ୟବସ୍ଥାର ମୁଖା ଖୋଲିଛନ୍ତି । ବିଭିନ୍ନ ଗଣମାଧ୍ୟମ ସହ ଆଲୋଚନା ବେଳେ ସେ କହିଛନ୍ତି ଯେ ନୂଆ ସରକାରକୁ ବର୍ଷେ ବିତିଲାଣି । ହେଲେ ମାଟି ମୁଠାଏ ପଡ଼ି ନାହିଁ । ଯାହା ବି ହୋଇଛି ତାହା ତାଙ୍କ ସମୟର ଅନୁଦାନ ତଥା ଅର୍ଥାତ୍ ପୂର୍ବ ସରକାରର ଅର୍ଥରେ ହୋଇଛି । ବର୍ତ୍ତମାନ ଯେଉଁ କାମର ଶୁଭ ଦିଆଯାଇଛି ସେ ଟଙ୍କା ୨୦୨୨-୨୩ ଓ ୨୦୨୩-୨୪ରେ ମଞ୍ଜୁର ହୋଇଥିଲା । ନୂଆ ଯୋଜନା କି କାମ କିଛି ବି ମଞ୍ଜୁର ହୋଇନି । ୧୫ ବର୍ଷ ଭିତରେ ଏମ୍ଏଲ୍ଏ ଏବଂ ଏମ୍‌ପି ଲ୍ୟାଡ୍‌ରେ ପିସି କାରବାର ନ ଥିଲା । ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠି ଓ ଅନ୍ୟ ଉନ୍ନୟନମୂଳକ କାମରେ ପିସିର ନାଁ ଗନ୍ଧ ନ ଥିଲା । ଅଫିସରମାନେ ପିସି ମାଗିବାକୁ ସାହସ କରୁ ନ ଥିଲେ । ମାତ୍ର ଏବେ ବର୍ଷକ ଭିତରେ ବିନା ପିସିରେ ଏମ୍ଏଲ୍ଏ ହାତପାଣ୍ଠି ଅନୁଦାନରେ ହେଉଥିବା କାମରେ ବିଲ୍ ହେଉନି ବୋଲି ସମୀର ଖୋଲାଖୋଲି କହୁଛନ୍ତି ।

ବିଜେପିର ରାଜ୍ୟ ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଏପରି ମନ୍ତବ୍ୟ ରାଜ୍ୟରେ ଚାଲିଥିବା 'ପିସି' କାରବାରର ଗୁମର ଖୋଲି ଦେଇଛି । ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଯଦି ବିନା ପିସିରେ କାମ ହେଉନି, ତେବେ ରାଜ୍ୟର ଅନ୍ୟ ନିର୍ବାଚନମଣ୍ଡଳୀରେ ସ୍ଥିତି କ'ଣ ଥିବ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି । ଓଡ଼ିଶାରେ ଓଡ଼ିଆ ଲୋକଙ୍କର ଏକ ଦୁର୍ନୀତିମୁକ୍ତ ସରକାର ଗଠନ ହେବ ବୋଲି ବିଜେପି ଘୋଷଣା ଦେଇଥିଲା । ମାତ୍ର ଏବେ ରାଜ୍ୟରେ ଡ଼ବଲ ଇଞ୍ଜିନ୍ ସରକାରରେ ଡ଼ବଲ ଦୁର୍ନୀତି ଓ ରାଜ୍ୟରେ ୩୦% ପିସି ସରକାର ଚାଲିଥିବା ନେଇ କଂଗ୍ରେସର ଅଭିଯୋଗ ଯେ ସତ୍ୟ ତାହା ପ୍ରମାଣିତ ହୋଇଛି ।

### ଆଜିଠୁ ବଢ଼ିବ...

ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେବ ଓ ଅପରାହ୍ଣରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ । ଏନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ୯ ତାରିଖ ଯାଏଁ ଅସହ୍ୟ ଗରମ ଓ ଗୁଳୁଗୁଳି ଅନୁଭବ ହେବ । ବିଶେଷ କରି ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଏହାର ପ୍ରଭାବ ଅଧିକ ରହିବ । ତେଣୁ ଗଞ୍ଜାମ ଗଜପତି, ଖୋର୍ଦ୍ଧା ନୟାଗଡ, ପୁରୀ, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ବାଲେଶ୍ୱର ଆଦି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।

### ମୁଖ୍ୟମନ୍ତ୍ରୀଙ୍କ ଅଫିସ୍...

ରୋକିବାକୁ ହେଲେ ଦୁଇ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲା । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫୋନ୍ ଆସିଥିବାରୁ ପ୍ରତାପ ଭୟରେ ତାଙ୍କ କଥାରେ ରାଜି ହୋଇଥିଲେ । ସମ୍ପୃକ୍ତ ବ୍ୟକ୍ତିଙ୍କ ଭିମଟାଙ୍ଗୀ ସ୍ଥିତ ଘରକୁ ଆସି ୨ ଲକ୍ଷ ଟଙ୍କା ଦେଇଥିଲେ । ଏହାପରେ ମଧ୍ୟ ଜାନକୀର ଆତଙ୍କ ଥମି ନଥିଲା । ସେ ପୁଣିଥରେ ଫୋନ୍ କରି ଆହୁରି ୫ ଲକ୍ଷ ଟଙ୍କା ମାଗିଥିଲା । ପ୍ରତାପର ଅରାଜି ହେବାରୁ ଜାନକୀ ଗାଳିଗୁଲଜ କରିବା ସହିତ ଜୀବନରେ ମାରିଦେବାକୁ ଧମକ ଦେଇଥିଲା । ଶେଷରେ ପ୍ରତାପ କୌଣସି ଉପାୟ ନପାଇ ଏୟାରଫିଲ୍ଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ମଧ୍ୟ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

### ଏନ୍‌କାଉଣ୍ଟର୍‌ରେ କୁଖ୍ୟାତ...

ସୂଚନାନୁଯାୟୀ, ଛତିଶଗଡ଼ ବିଜାପୁରରେ ଥିବା ଜାତୀୟ ଉଦ୍ୟାନରେ ମାଓ ଦମନ ପାଇଁ ଡିଆର୍‌ଜି ଏବଂ ଏସ୍‌ଟିଏଫ୍ ଯବାନମାନଙ୍କ ପକ୍ଷରୁ ମିଳିତ କମ୍ବିଂ ଅପରେସନ୍ କରାଯାଇଥିଲା । ଏହି ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏଥିରେ ବହୁ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ସେଥିରେ ମାଓନେତା ସୁଧାକର ଥିବା ଜଣାଯାଇଛି । ତେବେ, ଶେଷ ଖବର ଲେଖା ହେବା ସୁଦ୍ଧା ସୁରକ୍ଷାବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି । କିନ୍ତୁ, ବର୍ତ୍ତମାନ ସୁଦ୍ଧା ପୁଲିସ୍ ପକ୍ଷରୁ ଏନେଇ କୌଣସି ସୂଚନା ପ୍ରଦାନ କରାଯାଇନାହିଁ । ସୁଧାକରଙ୍କ ମୃତ୍ୟୁ ମାଓଗଡ଼ ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି । ଉଲ୍ଲେଖଯୋଗ୍ୟ, ଗତ ମେ' ୨୧ତାରିଖରେ କେନ୍ଦ୍ରୀୟ କମିଟି ସଦସ୍ୟ ବାସବରାଜୁର ଏନକାଉଣ୍ଟରରେ ମୃତ୍ୟୁ ହୋଇଥିଲା ।


**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112

**ପୂର୍ବ ତଟ ରେଳପଥ**

ସାମଗ୍ରୀଗୁଡ଼ିକର ଯୋଗାଣ

ନିମ୍ନଲିଖିତ ଟେଣ୍ଡର ୱେବସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି ।

ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/KUR/EP/2025-26/02, ତା.04.06.2025 ରିଖ

କ୍ରମ ସଂ.01: ଟେଣ୍ଡର ସଂ. 81255611, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: 60 କି.ଗ୍ରା. ରେଲ୍ ଇତ୍ୟାଦି ନିମନ୍ତେ ଜଗଲ୍ଡ (Joggled) ଫିସ୍ ପ୍ଲେଟ୍ ର ନିର୍ମାଣ ଏବଂ ଯୋଗାଣ, ପରିମାଣ: 1781 ସେଟ୍ ।

ବନ୍ଦ ହେବା ତାରିଖ ଓ ସମୟ: ତା.23.06.2025 ରିଖ 1500 ଘଟିକା ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-208/Q/25-26

**AFFIDAVIT**

By virtue of an Affidavit before Executive Magistrate, Bhubaneswar, CF No.-95/ Date 05.06.2025, that I D. Soumya Priyadarshini, D/o- Sramika Digal permanent resident of Pipudidei, Po.-Kainjhar, Ps.- Tikabali, Kandhamala, Odisha, PIN- 760219 state that my former name was D. Soumya Prayadarshini which has been corrected to **D. Soumya Priyadarshini**. So **D. Soumya Prayadarshini** and **D. Soumya Priyadarshini** is one and same person. Henceforth I will be known as D. Soumya Priyadarshini for all future purposes.

**AFFIDAVIT**

I, **Kalpana Mohapatra**, W/o- Girish Mohapatra, resident of Plot no 223, Near Empires Hotel, Sahid Nagar, Po/Ps- Sahid Nagar , Dist- Khordha , Pin-751007 Odisha declare by this affidavit No. 93 dtd-11/02/2025 that now onwards I shall be known as **Kalpana Rath** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF No. 56, dated: 22/05/2025, I, **NIBASHI MAJHI**, W/o- Purusattam Majhi, resident of At/Po- Ghatikia, Ps- Bharatpur, Bhubaneswar, Pin-751003, Dist-Khordha, Odisha declare that I have changed my name from **Nibasatam Majhi** (Old Name) to **NIBASHI MAJHI** (New Name). Henceforth, I shall be known as **NIBASHI MAJHI** for all purposes.

**NIBASHI MAJHI**

**AFFIDAVIT**

By virtue of an affidavit, **I Pranati Das**, aged 56 yeards, W/o- Prasanna Kumar Das, resident of Vill/Po- Dainlo, Ps- Krushnaanandpur, Dist- Jagatsinghpur, Odisha declared that my actual / real name is **Pranati Das** which has recorded in my voter id bearing No- TL00361329 but in my Aadhar Card bearing No- 3383 2016 6094 my name has been wrongly mentioned as **Panati Das**. Henceforth, both the names **Pranati Das** and **Panati das** is one and same person for all purposes.

**PRANATI DAS**

**AFFIDAVIT**

By virtue of an Affidavit sworn before the Executive Magistrate, Derabish, Kendrapara on dated 02.06.25 I Anwar Alli Khan, S/o- Asgar Alli Khan, Resident of Vill- Mantripada, Po-Fakirabad, PS- Derabish, Dist- Kendrapara, Odisha-754250, declare that my name has been wrongly mentioned in my Postal Term Depost Account Passbook Anuar Ali Khan Insted of Anwar Alli Khan. Henceforth I shall be know as Anwar Alli Khan for all future purpose.

Sd/- Anwar Alli Khan

**AFFIDAVIT**

By virtue of an affidavit sworn before The Executive Magistrate, Titilagarh, dated- 20/03/2025. I, **Rabin Majhi**, aged about 43 years, Son of Chintamani Majhi, resident of At- Sargiguda, Kandh pada, P.O./P.S. Titilagarh, Dist. Bolangir, (Odisha) declare that, now I have changed my name from **Robin Majhi To Rabin Majhi**. Henceforth, I shall be known as **Rabin Majhi** for all purposes.

**RABIN MAJHI**

**AFFIDAVIT**

I, Mahindra Mohan Sahoo, S/o- Late Harihar Sahoo, resident of Plot No. 219/2572, Gobinda Prasad, Near Baishnab Vihar Apartment, Bomikhal, PO- Rasulgarh, Bhubaneswar, PIN- 751010, Odisha declared by this affidavit No. 8941, dtd- 02/06/2025 that now onwards I shall be known as **MAHINDRA MOHAN SAHU** for all future purposes.

**AFFIDAVIT**

I **Mahitosh Kumar Deo**, S/o- Balaram Singh, resident of Plot No-325, Tower - 7, Royal Lagoon, Nandankanan Road, Near Lalchand Jewellers , Raghunathpur, Bhubaneswar, Pin- 751024, Odisha declare by this Affidavit number CF No - 1136, Dtd. 03/06/2025 I have changed my son's name from **Harshvardhan Dev to Harshvardhan Deo** for all future purposes.

O-233 | Email:- rw_dharmagarh@yahoo.com

GOVERNMENT OF ODISHA
OFFICE OF THE SUPERINTENDINGENGINEER
RURAL WORKS DIVISION, DHARMAGARH

BID IDENTIFICATION NO. DMGH/Online-01 OF 2025-26Dates: 30.05.2025

**"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e www.tendersorissa.gov.in

1.Name of the Work : Road works in the district of Kalahandi as mentioned in DTCN
2. Total No of Works : 01 No.
3.Estimated Cost: : Rs.33.57 lakhs
4.Period of Completion: : 02 Calendar Month
5.Other Details:

| Availability of Tender online for bidding | | Last date & time seeking tender clarification | Date &timeof Opening of tender |
|---|---|---|---|
| From | To | | |
| 05.06.2025 At 10.00 AM | 16.06.2025 Up to 5.00 PM | 13.06.2025 Up to 5.00 PM | 17.06.2025 At 11.00 AM |

Further details can be seen from the website www.tendersorissa.gov.in

Superintending Engineer
Rural Works Division
Dharmagarh

OIPR-25100/11/0024/2526

C-464

GOVERNMENT OF ODISHA
OFFICE OF THE EXECUTIVE ENGINEER, P.H. DIVISION, ANGUL
Ph : 06764-296431, Email: eephangul@yahoo.in

**CANCELLATION OF TENDER CALL NOTICE**

The Tender invited vide Bid Identification No. 29 of 2024-25 dt. 19.02.2025 for the work:"Improvement of Korian Junction on Dhenkanal town road from CH.7/200 to 7/816 & link in District Dhenkanal for the year 2024-25"is hereby cancelled due to 1st time single tender.

Er. Prasanta Behara
Superintending Engineer,
P.H. Division, Angul

OIPR-13056/11/0020/2526

# ବିଶ୍ୱ ପରିବେଶ ଦିବସରେ ଚାରାରୋପଣ ଅଭିଯାନ ଜୋରଦାର










**ବରଗଡ଼, ୫।୬(ସମିସ)**

ବରଗଡ଼ ବନଖଣ୍ଡ ବିଭାଗ ତଥା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଗଣପତି ହୋଟେଲ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ୨୦୨୫ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଜେପୁର ବିଧାୟକ ସନତ ଗଡ଼ତିଆ ଯୋଗ ଦେଇଥିଲେ। ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ବନ୍ଦକରି ଅଧିକରୁ ଅଧିକ ବୃକ୍ଷରୋପଣ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ। ଜିଲ୍ଲା ବନଖଣ୍ଡ ଅଧିକାରୀ ବିକ୍ରମଦେବ ପଟ୍ଟନାୟକଙ୍କ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରସନ୍ନ ମିଶ୍ର, ବରଗଡ଼ ମୁଖ୍ୟ ପ୍ରାଣି ଚିକିତ୍ସା ଅଧିକାରୀ ବିରୂପାକ୍ଷ ନାୟକ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲାର ୯ ଜଣ ସୁବାସ ପ୍ରଧାନ (ରେଙ୍ଗାଲି ପାଲି), ସୁମତି ଖମାରୀ(ରାମ ଖୋଲ), ଦିବାକର ମାଝି (ଖୁଣ୍ଟପାଲି), ବିକାଶ ସାହୁ (କୁସନ୍ ପୁରୀ), ସୁଶିଲ ସାହୁ( ଖଲିଆ ପାଲି), ଭୁକୁଲାନନ୍ଦ ଦାଶ (ଗଣ୍ଡ ତୁରୁମ୍), ତ୍ରିଲୋଚନ ମିଶ୍ର (ମାଝୀପାଲି), ତ୍ରିଲୋଚନ ବେହେରା (ପଦମପୁର), ରାମ ଚନ୍ଦ୍ର ସାହୁ (କନଗାଁ) ପ୍ରମୁଖଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରଯାଇଥିଲା। ଶେଷରେ ସହକାରୀ ବନ ସଂରକ୍ଷକ ଡ.ହର ମୋହନ ରଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇ ଥିଲା।

ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅଧୀନ ଗୋପାଳପୁର ଆଶ୍ରମ ବିଦ୍ୟାଳୟ ପରିସରରେ ଗୁରୁବାର ଆମ ଓଡ଼ିଶା ସମ୍ବାଦ ସାହିତ୍ୟଘର ଭଟଲି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ନରସିଂହ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଉଦ୍ୟାନ କୃଷି ଅଧିକାରୀ ଉବେଶ ଦଳାଇ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ତଥା ପରିବେଶବିତ୍ ସଞ୍ଜୟ ଖମାରୀ, ତିଆରାମ ଡନସନା ଓ ତେଜରାଜ ହୋତା, ଗୋପାଳପୁର ଆଶ୍ରମ ବିଦ୍ୟାଳୟର ଶିକ୍ଷକ ତଥା ପ୍ରକୃତିପ୍ରେମୀ ଉଚ୍ଛବ ଭୁଏ, ପଞ୍ଚବଟୀ ବନ ସୁରକ୍ଷା ସମିତି ବେଲବାହାଲିର ସମ୍ପାଦକ ଖତୁ ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅନନ୍ତ ସାହୁ, ଅଶୋକ ସାହୁ, ଦୁର୍ଯୋଧନ ହାତୀ ପ୍ରମୁଖ ଯୋଗଦାନ କରିଥିଲେ। ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ପରିବେଶ ସଚେତନତା ଏବଂ ସୁରକ୍ଷା ପାଇଁ ଚଳିତ ବର୍ଷର ବିଷୟବସ୍ତୁ 'ବିଟ୍ ପ୍ଲାଷ୍ଟିକ୍ ପଲ୍ୟୁସନ୍' ଉପରେ ଆଲୋଚନା ହୋଇଥିଲା। ଏହାସହିତ 'ଏକ୍ ପେଡ୍ ମାଁ କେ ନାମ୍ ୨.୦' ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରି ଆଗାମୀ ଦିନରେ ଚାରାରୋପଣ କରିବା ପାଇଁ ବୈଠକରେ ସ୍ଥିରୀକୃତ ହୋଇଥିଲା। ଶେଷରେ ଶିକ୍ଷକ ଅଷ୍ଟମନ୍ୟୁ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

ସାରା ବିଶ୍ୱରେ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳନ ହେଉଛି। ଝାରବନ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ ତରଫରୁ ଏହି ଅବସରରେ 'ମା ପାଇଁ ଗଛଟିଏ' ବୃକ୍ଷରୋପଣ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ହୋଇଛି। ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ଚାରାରୋପଣ କରି ସବୁଜ ପରିବେଶ ନିର୍ମାଣ ଦିଗରେ ସମସ୍ତେ ବୃକ୍ଷରୋପଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିଜେପି ନେତା ଦୁର୍ଗା ପ୍ରସାଦ ଅଗ୍ରୱାଲ, ଏପିଓ ବେଲାଲ ସିଂ ସେନାପତିଙ୍କ ସହିତ ଝାରବନ୍ଧର ପରିବେଶପ୍ରେମୀ ଉପସ୍ଥିତ ଥିଲେ।

ବରଗଡ଼ ବ୍ଲକ ଅଧୀନ ନୂଆଁ ସରସରା ଗାଁରେ ଗୁରୁବାର ବୀଣାପାଣି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କ ଦ୍ୱାରା ପରିବେଶ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ସଭାନେତ୍ରୀ ପ୍ରେମଶିଳା ପଧାନ ଓ ସମ୍ପାଦିକା ଅନୁପମା ପଣ୍ଡାଙ୍କ ଦ୍ୱାରା ପରିବେଶ ସୁରକ୍ଷା ପାଇଁ ଆବର୍ଜନା କୁଣ୍ଡ ବ୍ୟବହାର, ସ୍ୱଚ୍ଛତା ହିଁ ସେବା ଆଦି ସଚେତନତା ସଭା ଆୟୋଜନ କରାଯାଇଥିଲା। ପ୍ରକୃତି ଓ ସଂସ୍କୃତି ପ୍ରେମୀ ସୁଶାନ୍ତ ପଣ୍ଡାଙ୍କ ପୌରୋହିତ୍ୟରେ 'ଗଛ ଆମର ଜୀବନ, ଗଛ ଲଗାଇ କରମା ଯତନ୍' ଭଳି ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା। ପ୍ରେରଣା ବାଗ, ନୀଳାଚଳ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ସମରୁ ସଲମା, ବୀଣା ଥପା, ସି ଏସ ଓ ସ୍ୱାଗତିକା ବାଗ, ଧନୁର୍ଦ୍ଧର ପୋଢ଼, ନିତେଇ ଭୋଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

**ଅତାବିରା:** ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ଲାଦରପାଲି ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃପୁରୀଠାରେ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଅଛି। ଏହି ଅବସରରେ ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଶେଷଦେବ ନାଏକ, କୋଷାଧ୍ୟକ୍ଷ ଜୟପ୍ରକାଶ ଅଗ୍ରୱାଲ, ଅଧ୍ୟକ୍ଷ ବବ୍ରୁବାହନ ମିଶ୍ର, ଉପାଧ୍ୟକ୍ଷ ଯତୀନ୍ଦ୍ର ପ୍ରଧାନ, ଟିକେଲାଲ ଚାନ୍ଦ, ବିଜ୍ଞାନ ବିଭାଗୀୟ ମୁଖ୍ୟରତନ ଦୀପ, କୃଷି ପରିଷଦର ମୁଖ୍ୟ ହେମାନନ୍ଦ ଭୋଇ ମଞ୍ଚାସୀନ ଥିଲେ। ଅତିଥିମାନେ ବିଶ୍ୱ ପରିବେଶ ଦିବସ ପାଳନର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ପରିବେଶ ଅସନ୍ତୁଳନର ପ୍ରଭାବ ଶୀର୍ଷକରେ ଛାତ୍ରଛାତ୍ରୀ ନିଜ ମତ ଉପସ୍ଥାପନ କରିଥିଲେ। କାର୍ଯକ୍ରମକୁ ସୁଦୀପ ସାହୁ, ସକ୍ଷନ୍ତୁନୁ ଦାସ, ରାମଚନ୍ଦ୍ର ପ୍ରଧାନ, ସୁଶାନ୍ତ ସେଟ୍, ଏକକ୍ଷଦଶିଆ ସାହୁ, ଯୁଗଳ କିଶୋର ସାହୁ ପରିଚାଳନା କରିଥିଲେ। ଶେଷରେ ଯତୀନ୍ଦ୍ର ପ୍ରଧାନ କୃତଜ୍ଞତା ଜ୍ଞାପନ କରିଥିଲେ।

**ପଦ୍ମପୁର:** ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ସଭାରେ ମୁଖ୍ୟ ଅତିଥି ଅତିରିକ୍ତ ବିଚାରପତି ପଦ୍ମପୁର ସୂର୍ଯ୍ୟ ନାରାୟଣ ଦ୍ୱିବେଦୀ, ସିଭିଲ୍ ଜର୍ଜ ଜୁନିୟର ଡିଭିଜନ ଧ୍ରୁବି ସୋଲାଙ୍କୀ, ସଭାପତି ପୃଥ୍ୱୀରାଜ ସାହୁ, ଉପ ସଭାପତି ଗୋପାଳ କୃଷ୍ଣ ମିଶ୍ର, ସମ୍ପାଦକ ଜନକଲାଲ ମେହେର, କୋଷାଧ୍ୟକ୍ଷ ଘନଶ୍ୟାମ ପୁଞ୍ଜି, ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଆଶିଷ ମିଶ୍ର, ବନପାଳ ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମପୁର ବନଖଣ୍ଡର କର୍ମଚାରୀ, ସିଭିଲ୍ କୋଟ କର୍ମଚାରୀ, ଗୁରୁଜୀ ଗୁରୁମା, ଛାତ୍ରଛାତ୍ରୀ, ସେବକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ସମ୍ମୁଖରେ ବୃକ୍ଷରୋପଣ କରାଯାଇଥିଲା। ଶେଷରେ ବିଦ୍ୟାଳୟର ସମ୍ପାଦକ ଜନକ ଲାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

**ପାଇକମାଳ:** ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଡୁମ୍ବେରବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ହୃଷୀକେଶ ବାଗଙ୍କ ତତ୍ତ୍ୱାବଧାନରେ ପରିବେଶ ଦିବସ ଉପଲକ୍ଷେ ପ୍ଲାଷ୍ଟିକ ବର୍ଜନ ଦିବସ ପାଳିତ ହୋଇଯାଇଛି। ପରିବେଶକୁ କିପରି ପ୍ଲାଷ୍ଟିକ ପ୍ରଦୂଷିତ କରୁଛି ପ୍ରଧାନଶିକ୍ଷକ ସେ ବିଷୟରେ ସଚେତନତା ସୃଷ୍ଟି କରିବା ସହ ପ୍ରଧାନଶିକ୍ଷକ ପ୍ଲାଷ୍ଟିକ ଜିନିଷ ବର୍ଜନ କରିବାକୁ କହିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ବେଳେ ଶିକ୍ଷକ ସୁଦାମ କନ୍ହେଧର ଓ ବାବୁଲାଲ ଧରୁଆ ପରିଚାଳନାରେ ସହଯୋଗ କରିଥିଲେ।

ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବରଗଡ଼ ଜିଲ୍ଲା ପାଇକମାଳ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ପଣ୍ଡା, ପ୍ରକୃତି ବନ୍ଧୁ ବଡ ଶତପଥୀ, ବନବିଭାଗ କର୍ମଚାରୀ ଶାନ୍ତନୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବୃକ୍ଷରୋପଣ ସମୟରେ ପ୍ରକୃତିପ୍ରେମୀ ଡ.ସୁରେଶ ଅଗ୍ରୱାଲ, ସମାଜସେବୀ ଶରତ ବଡପଣ୍ଡା, ସାମ୍ବାଦିକ ସୁରଥ ସାହୁ, ଲିଙ୍ଗରାଜ ସାହୁ, ସେବକ ସେଠ, ନରସିଂ ପଧାନ, ସୁମନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।





## ଆଦିତ୍ୟ ଆଲୁମିନିୟମରେ ବିଶ୍ୱ ପରିବେଶ ଦିବସ



**ସମ୍ବଲପୁର, ୫।୬(ସମିସ):** ପ୍ଲାଷ୍ଟିକ୍ ପ୍ରଦୂଷଣକୁ ରୋକିବା ବିଷୟବସ୍ତୁ ନେଇ ଆଦିତ୍ୟ ଆଲୁମିନିୟମ ବିଶ୍ୱ ପରିବେଶ ଦିବସ ୨୦୨୫ ପାଳନ କରିଛି। ଏହି ଉତ୍ସବରେ ଟାଉନସିପ୍ ବାସିନ୍ଦା, କର୍ମଚାରୀ, ପ୍ଲାଣ୍ଟ ନେତୃତ୍ୱ ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଜଗନ୍ନାଥ ନାୟକ (ୟୁନିଟ୍ ମୁଖ୍ୟ), ଡକ୍ଟର ସତ୍ୟ ନାରାୟଣ ନନ୍ଦ (ଆଞ୍ଚଳିକ ଅଧିକାରୀ, ଓଏସପିସିବି), ଗୁଲସନ୍ ତିୱାରୀ (ପ୍ଲାଣ୍ଟି ମୁଖ୍ୟ-ସିପିପି), ରଞ୍ଜନ ଜେନା (କ୍ଲଷ୍ଟର ମୁଖ୍ୟ, ପରିବେଶ), ଲଳିତ ଚରଣ, ରାକେଶ ପଣ୍ଡା (ସହାୟକ ପରିବେଶ ଇଞ୍ଜିନିୟର), ମନୋରଞ୍ଜନ ପ୍ରଧାନ (ସହାୟକ ପରିବେଶ ବୈଜ୍ଞାନିକ), ସୁଶ୍ରୀ ଏ. କୁସୁମ ମିଞ୍ଜ୍ (ଉପ ପରିବେଶ ବୈଜ୍ଞାନିକ) ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଏକ ସାଇକ୍ଲୋଥନ୍/ୱାକ୍ୟାଥନ୍, ବୃକ୍ଷରୋପଣ ଅଭିଯାନ, ଅନୁଷ୍ଠିତ ହୋଇଥିଲା। ସମସ୍ତଙ୍କୁ ପରିବେଶ-ଅନୁକୂଳ ଅଭ୍ୟାସ ଗ୍ରହଣ କରିବାକୁ, ଏକକ-ବ୍ୟବହାର ପ୍ଲାଷ୍ଟିକ୍ ହ୍ରାସ କରିବାକୁ ଏବଂ ଏକ ସ୍ୱଚ୍ଛ, ସବୁଜ ଭବିଷ୍ୟତ ଗଠନରେ ଯୋଗଦାନ ଦେବାକୁ ଅନୁରୋଧ କରିଥିଲେ।

## ଶାରଦୀୟ ଦୁର୍ଗାପୂଜା ପାଇଁ ରାବଣ ବରଣ

**ଅତାବିରା, ୫।୬(ସମିସ):** ଚଳିତ ବର୍ଷ ଶାରଦୀୟ ଦୁର୍ଗା ପୂଜା ଆଗାମୀ ସେପ୍ଟେମ୍ବର ୨୧ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ଏହି ଅବସରରେ ହେବାକୁ ଥିବା ରାମଲୀଳାର ରାବଣ ଭୂମିକା ପାଇଁ ପ୍ରସିଦ୍ଧ ମଞ୍ଚ ଅଭିନେତା ସୁଶୀଲ ମେହେରଙ୍କୁ ଗୁରୁବାର ବରଣ କରାଯାଇଛି। ଦୁର୍ଗା ମନ୍ଦିର କମିଟିର ପୂର୍ବତନ ସଭାପତି ଦୈତାରୀ ପ୍ରଧାନ ମନ୍ଦିର ପରିସରରେ ବରଣ କରିଥିବା ବେଳେ ପଣ୍ଡିତ ଧରଣୀଧର ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ କମିଟିର ସଭାପତି ସୁରେନ୍ଦ୍ର ସ୍ୱାଇଁ, ସୁଶାନ୍ତ ଅଗ୍ରୱାଲ, ଉନ୍ନି ନାୟାର, ପାର୍ଥ ସାରଥୀ ପଣ୍ଡା, ପପୁନ ପ୍ରଧାନ, ଅଶୋକ ପ୍ରଧାନ, ରାଜେଶ ପ୍ରଧାନ, ପ୍ରକାଶ ପ୍ରଧାନ, ଦିଲୀପ ଅଗ୍ରୱାଲ, ଧୀରଜ ସାହୁ, ହୃଷି ଭୋଇ, ବିକି ସାହୁ, ଅମୃତ ପ୍ରଧାନ, କେଶବ ପ୍ରଧାନ, ମହମ୍ମଦ ପପୁ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ବଲପୁରୀ ଦର୍‌ପନ୍ ପକ୍ଷରୁ 'ଦର୍‌ପନ୍ ମହୋତ୍ସବ'

**ସମ୍ବଲପୁର, ୫।୬ (ସମିସ) :** ସାହିତ୍ୟ ପତ୍ରିକା ସମ୍ବଲପୁରୀ ଦର୍‌ପନ୍ ପକ୍ଷରୁ ଗୁରୁବାର ସାମ୍ବାଦିକ ଭବନ ଠାରେ ପ୍ରଥମ ଦର୍‌ପନ୍ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ବଲପୁରୀ ଦର୍‌ପନ୍ ପତ୍ରିକାର ସ୍ୱନକ୍ଷତ୍ର ସଂଖ୍ୟା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡଃ ପ୍ରମୋଦ ରଥ କହିଲେ ଯେ, ସମ୍ବଲପୁରୀ ଭାଷାରେ ପତ୍ରିକା ପ୍ରକାଶନ ଏକ ବଡ଼ ଆହ୍ୱାନ ହୋଇଛି। ତେବେ ସମ୍ବଲପୁରୀ ଭାଷାର ସାମ୍ବିଧାନିକ ମାନ୍ୟତା ପାଇଁ ସମ୍ବଲପୁରୀର ସମସ୍ତ ତଥ୍ୟ ଲିପିବଦ୍ଧ କରାଯିବାର ଆବଶ୍ୟକତା ରହିଛି। ପତ୍ରିକାର ପ୍ରକାଶିକା ଡଲିମା ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁରୀ ଗୀତିକାର ଲକ୍ଷ୍ମୀ ନାରାୟଣ ପଣ୍ଡା, ଗାଳ୍ପିକ କାଳିନ୍ଦୀ ପ୍ରତାପ ସିଂ, ସମ୍ବଲପୁରୀ ଦର୍‌ପନ୍‌ର ପରିଚାଳନା ସମ୍ପାଦକ ଦେବୀ ପ୍ରସାଦ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ପତ୍ରିକାର ସମ୍ପାଦକ ଭବାନୀ ଶଙ୍କର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ବଲପୁରୀ ଦର୍‌ପନ୍ ପକ୍ଷରୁ ପ୍ରତିବର୍ଷ ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତିର ରେକର୍ଡ ପ୍ରକାଶନ ସହ ରେକର୍ଡ ଅଧିକାରୀ ମାନଙ୍କୁ ସମ୍ମାନୀତ କରାଯିବାକୁ ସଭାରେ ପ୍ରସ୍ତାବ ପାରିତ ହୋଇଥିଲା। ଏହି ଅବସରରେ ଏକ ସମ୍ବଲପୁରୀ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଶେଷରେ ମାନସ ରଞ୍ଜନ ବକ୍ସି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସମ୍ବଲପୁରୀ ପ୍ରଚାରକ ସବ୍ୟସାଚୀ ମିଶ୍ର ଏବଂ ସମ୍ବଲପୁରୀ କବି ବୃନ୍ଦାବନ ସାହୁଙ୍କ ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।



### ନୂଆପଡ଼ା ଜିଲ୍ଲାରେ ୩୭୧୨ହେକ୍ଟର ଫସଲ ନଷ୍ଟ

## ଅଦିନିଆ ବର୍ଷାରେ ବ୍ୟାପକ କ୍ଷୟକ୍ଷତି

**ନୂଆପଡ଼ା, ୫।୬(ସମିସ):** ଅଦିନିଆ ବର୍ଷାରେ ନୂଆପଡ଼ା ଜିଲ୍ଲାର ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଶେଷ କରି ରବି ଋତୁରେ କିଛି ଅଧିକା ଉପାର୍ଜନ ଆଶା ନେଇ ଚାଷୀମାନେ ଧାନ ସହ ବିଭିନ୍ନ ଅର୍ଥକାରୀ ଫସଲ ଚାଷ କରିଥିଲେ; ହେଲେ ମେ ମାସର ଲଗାଣ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଏହାକୁ ନେଇ ଜିଲ୍ଲା ବ୍ୟାପି ଚାଷୀ ନିରାଶ ହୋଇପଡ଼ିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କୃଷି ବିଭାଗ ତରଫରୁ ଦିଆଯାଇଥିବା ରିପୋର୍ଟ ମୁତାବକ ଜିଲ୍ଲାରେ କୃଷି ଓ ଉଦ୍ୟାନ କୃଷିରେ ମୋଟ ୩ହଜାର ୭୧୨ହେକ୍ଟର ଜମିର ଫସଲ ନଷ୍ଟ ହୋଇଥିବା ରାଜ୍ୟ ସରକାରଙ୍କୁ ରିପୋର୍ଟ ଦିଆଯାଇଛି। ଅଦିନିଆ ବର୍ଷା ହେବା ଯୋଗୁଁ ଜିଲ୍ଲାର କୃଷି ଓ ଉଦ୍ୟାନ କୃଷିରେ ବ୍ୟାପକ କ୍ଷତି ହୋଇଥିଲା। ଜିଲ୍ଲା ପ୍ରଶାସନର ରାଜସ୍ୱ, କୃଷି ଓ ଉଦ୍ୟାନ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇଛି। କ୍ଷୟକ୍ଷତି ଆକଳନ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା କ୍ଷୟକ୍ଷତି ଆକଳନରୁ ଜଣାପଡ଼ିଛି ଯେ, କୃଷି ଓ ଉଦ୍ୟାନ କୃଷିରେ ନୂଆପଡ଼ା ବ୍ଲକରେ ୩୬୯.୪୨ ହେକ୍ଟର, କୋମନା ବ୍ଲକରେ ୮୭.୪୬ ହେକ୍ଟର, ଖଡ଼ିଆଳ ବ୍ଲକରେ ୩୧୫୯.୨୩ ହେକ୍ଟର, ବୋଡ଼େନ ବ୍ଲକରେ ୩୬.୧୬ ହେକ୍ଟର ଓ ସିନାପାଲି ବ୍ଲକରେ ୬୦ ହେକ୍ଟର ଏହିଭଳି ୩୭୧୨.୨୭ ହେକ୍ଟରର ଫସଲ ନଷ୍ଟ ହୋଇଛି। ୧୮୩୨. ୯୭ହେକ୍ଟର ଜମିର ୩୩ ପ୍ରତିଶତରୁ ଅଧିକ ଫସଲ ନଷ୍ଟ ହୋଇଛି। ସୂଚନାଯୋଗ୍ୟ ବିଗତ ବର୍ଷର ବର୍ଷା ରିପୋର୍ଟକୁ ଅନୁଧ୍ୟାନ କଲେ ମେ ମାସରେ ନୂଆପଡ଼ା ଜିଲ୍ଲାରେ ୨୦୨୦ମସିହାରେ ୫୫.୨୨ ମିଲିମିଟର, ୨୦୨୧ରେ ୬୫.୩୬ ମିଲିମିଟର, ୨୦୨୨ରେ ୨୦.୩୬ ମିଲିମିଟର, ୨୦୨୩ରେ ୬୧.୭୨ ମିଲିମିଟର, ୨୦୨୪ରେ ୪୦.୪୪ ମିଲିମିଟର ବର୍ଷା ହୋଇଥିଲା। ୨୦୨୫ରେ ମେ ମାସରେ ୧୫୩.୯୬ ମିଲିମିଟର ରେକର୍ଡ ବର୍ଷା ହୋଇଛି।

## ସୁଆଦେଇଙ୍କ ଶ୍ରଦ୍ଧାଞ୍ଜଳି ସଭା

**ପାଇକମାଳ, ୫।୬(ସମିସ):** ପାଇକମାଳ ବ୍ଲକ ବରତୁଣ୍ଡା ପଞ୍ଚାୟତ ପୁରେନା ଗାଁର ଗୌତିଏଁନ ସୁଆଦେଇ ଧରୁଆ (୬୫) ଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଏକାଦଶାହରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଗୋଁଣ୍ଡ ସମାଜର ସଭାପତି ଦୁର୍ଯୋଧନ ପୁଟାଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ପୂର୍ବତନ ଆବାହକ ରାସ ବିହାରୀ ସାହୁ, ପୂର୍ବତନ ଆବାହକ ଧିରେନ ମହାନ୍ତି ଏକ ଅଶୋକ ବୃକ୍ଷ ରୋପଣ କରିବାକୁ ତାଙ୍କ ପରିବାରକୁ ପ୍ରଦାନ କରିଥିଲେ। ସଭାରେ କୁଞ୍ଜବିହାରୀ ସାହୁ, ବିହାରୀ ସାହୁ, ସୁରେଖା ଡନସନା, ବିପିନ ବାରିକ, ହୋମ ସିଂ ମାଝୀ, ଗଜରାଜ ସିଂ ପୁଟା, ଚଇତୁ ସିଂ ଦେଓ, ଅମର ସିଂ ଧରୁଆ, ମାୟାଧର ଧରୁଆ, ଗୌରସେନ ଦାଉ, ପ୍ରଭୁନନ୍ଦ ଧରୁଆ, ରୁକ୍ମଣ୍ ଧରୁଆ, ସୁବ୍ରତ ଦିୱାନ ପ୍ରମୁଖ ଯୋଗ ଦେଇଥିଲେ।

## ରେଜେଙ୍ଗାଲା କଳସ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି

**ସମ୍ବଲପୁର, ୫।୬ (ସମିସ) :** ସମ୍ବଲପୁର ଯାଦବ ସଂଘ ତଥା ଜିଲ୍ଲା ଯାଦବ ମହାସଭା ପକ୍ଷରୁ ସାମ୍ବାଦିକ ଭବନଠାରେ ଆସନ୍ତା ୮ ତାରିଖ ହେବାକୁ ଥିବା ରେଜେଙ୍ଗାଲା କଳସ ଶୋଭାଯାତ୍ରାକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୮ ସକାଳେ ଉକ୍ତ ଶୋଭାଯାତ୍ରାକୁ ଏକ ବାଇକ ରାଲିରେ ଚାଉଁରପୁରଠାରେ ସ୍ୱାଗତ କରାଯିବ ଏବଂ ଶୋଭାଯାତ୍ରା କଚେରି ଛକରୁ ଆରମ୍ଭ ହୋଇ ମ୍ୟୁନିସିପାଲିଟି ଛକ, ବଡ଼ସଡ଼କ, କୁଞ୍ଜେଲପଡ଼ା ଛକ, ମୁଦିପଡ଼ା ଛକ, ଲକ୍ଷ୍ମୀଟକିଜ୍ ଛକ, ଜିଲ୍ଲା ସ୍କୁଲ୍ ଛକ ଦେଇ ଓଡ଼ିଶା ସାଂସ୍କୃତିକ ସମାଜରେ ଶେଷ ହେବ। ଏହାପରେ ସେଠାରେ ଏକ ସଭା ଆୟୋଜନ କରାଯାଇ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ଆସନ୍ତା ୮ ତାରିଖ ସମ୍ବଲପୁର ପରିକ୍ରମା ସମୟରେ ଏହି କଳସ ଯାତ୍ରାକୁ ସଫଳ କରିବା ପାଇଁ ପ୍ରୟାସ କରିବାକୁ ସଭାପତି ଭୋଳା ଶଙ୍କର ମହାରମ, ଉପସଭାପତି ରାମଚନ୍ଦ୍ର ପୋଢ, ଶିବଶମ୍ଭୁ ଯାଦବ, ପିତାବାସ ସାନବଡ଼, ବିଜୟଲକ୍ଷ୍ମୀ ବେହେରା, ହରିହର ସନ୍ଧ, ନବକିଶୋର ଜାଲ, କାହ୍ନୁ ବରଗିର୍ଦ୍ଦ, ଅଲେଖ ଘିବେଲା, ଘନଶ୍ୟାମ ମହାକୁଡ, ନରସିଂହ ବରଗିର୍ଦ୍ଦ ପ୍ରମୁଖ ଅନୁରୋଧ କରିଛନ୍ତି।

## ରେଢ଼ାଖୋଲ ବିଧାୟକଙ୍କ ପତ୍ନୀଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀଙ୍କ ଶୋକ

**ସମ୍ବଲପୁର, ୫।୬(ସମିସ):** ଓଡ଼ିଶାର ପୂର୍ବତନ ମନ୍ତ୍ରୀ, ସଂସଦ ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଧର୍ମପତ୍ନୀ ଚାରୁଶୀଳା ଆଚାର୍ଯ୍ୟଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଶୋକବାର୍ତ୍ତାରେ କହିଛନ୍ତି ଯେ ଶ୍ରୀମତୀ ଆଚାର୍ଯ୍ୟଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ପ୍ରସନ୍ନ ଭାଇଙ୍କ ସହ ଦୀର୍ଘ ସମୟ ଧରି ମୋର ପାରିବାରିକ ସମ୍ପର୍କ ରହିଛି। ସେ ଜଣେ ସରଳ, ମିଷ୍ଟଭାଷୀ ଓ ଧର୍ମପରାୟଣା ମହିଳା ଥିଲେ। ଶ୍ରୀ ପ୍ରଧାନ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ରୋହିତ ପୂଜାରୀଙ୍କ ଶୋକ

**ସମ୍ବଲପୁର, ୫।୬(ସମିସ):** ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ଉପନେତା, ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଧର୍ମପତ୍ନୀ ଚାରୁଶୀଳା ଆଚାର୍ଯ୍ୟଙ୍କ ଦେହାନ୍ତ ଖବର ଶୁଣି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲ୍ଲା ସଭାପତି ରୋହିତ ପୂଜାରୀ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଛନ୍ତି। ଏହି ଅସମୟରେ ଶ୍ରୀଯୁକ୍ତ ଆଚାର୍ଯ୍ୟ ଏବଂ ପରିବାର ବର୍ଗଙ୍କୁ ମୋର ଗଭୀର ସମବେଦନା। ଅମର ଆତ୍ମାର ସଦଗତି ଏବଂ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ଅସୀମ ଧୈର୍ଯ୍ୟ ଓ ସାହସ ନିମନ୍ତେ ମାଁ ସମଲେଶ୍ୱରୀ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

## ସାମ୍ବାଦିକ ନିରୋଜଙ୍କୁ ସୁରକ୍ଷା ଦେବାକୁ ଡିଜିଙ୍କ ନିର୍ଦ୍ଦେଶ

**ପଦ୍ମପୁର, ୫।୬(ସମିସ)**

ସାମ୍ବାଦିକ ନିରୋଜ ପାଣୀଙ୍କୁ ସୁରକ୍ଷା ପ୍ରଦାନ ପାଇଁ ପୁଲିସ ଡିଜି ବରଗଡ଼ ପୁଲିସକୁ ନିର୍ଦ୍ଦେଶ ଦେଇଥିôବା ଜଣାପଡ଼ିଛି। ଗତ ୮ ଡିସେମ୍ବର ୨୦୨୪ରେ ମୁଖ୍ୟମନ୍ତ୍ରୀ ସୋହେଲାରେ ରାଜ୍ୟସ୍ତରୀୟ ଚାଷୀ ସମାବେଶରେ ଯୋଗ ଦେଇଥିଲେ। ବିଜେପିର ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ଅଧିକ ୮ଶହ ଟଙ୍କା ଇନପୁଟ ସବସିଡି ବାବଦକୁ କ୍ୱିଣ୍ଟାଲ ପିଛା ୩୧ଶହ ଟଙ୍କାରେ ଧାନ କିଣି ସେହିଦିନ ରାଜ୍ୟର ସମସ୍ତ ଚାଷୀଙ୍କ ଆକାଉଣ୍ଟକୁ ଇନପୁଟ ସବସିଡି ଡିବିଟି ଜରିଆରେ ପ୍ରଦାନ କରିଥିଲେ। ସୋହେଲା ସମାବେଶରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ବିଭାଗ ୨ କୋଟି ଟଙ୍କା ଖର୍ଚ୍ଚ କରିଥିଲା। କିନ୍ତୁ ବିଜେପିର ଜଣେ ନେତା ସମାବେଶ ନାମରେ ଜିଲ୍ଲାର ପ୍ରତ୍ୟେକ ମିଲର୍ସଙ୍କ ଠାରୁ ୫ଲକ୍ଷ ଟଙ୍କା ଅସୁଲ କରିଥିବା ଚର୍ଚ୍ଚା ଉଠିଥିଲା। ଏହାକୁ ନେଇ ସାମ୍ବାଦିକ ନିରୋଜ ସମ୍ବାଦ ପ୍ରକାଶ କରିଥିଲେ। ସେଥିରେ କୌଣସି ନେତାଙ୍କ ନାମ ନଥିବା ବେଳେ ଖବରକୁ ନେଇ ଉତ୍ତେଜିତ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ସାମ୍ବାଦିକ ଶ୍ରୀ ପାଣୀଙ୍କୁ ବିଭିନ୍ନ ବ୍ୟକ୍ତିଙ୍କ ଜରିଆରେ ଧମକ ଚମକ ଦେଉଥିଲେ। ହଠାତ ଗତ ମେ ୧୦ ରେ ନୃସିଂହନାଥ ବୈଶାଖ ମେଳା ସମୟରେ ପାନ୍ଥନିବାସରେ ବିଧାୟକ ଶ୍ରୀ ପାଣୀଙ୍କୁ ଦେଖି ସର୍ବ ସାଧାରଣରେ ଗାଳିଗୁଲଜ କରି ଚପଲମାଳ ପିନ୍ଧାଇ ବରଗଡ଼ ସହରରେ ବୁଲାଇ ଦେବି ବୋଲି ଧମକ ଦେଇ ଥିଲେ। ସେଠାରେ ଉପସ୍ଥିତ ଅତାବିରା ବିଧାୟକ ନିହାର ମହାନନ୍ଦ ମଧ ସମସ୍ୱର ମିଶାଇ ଧମକ ଦେଇଥିଲେ। ସାମ୍ବାଦିକ ଶ୍ରୀ ପାଣୀ ଭୟଭୀତ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିଥିଲେ। ଓଡ଼ିଶା ପୁଲିସ ଡିଜିଙ୍କ ଠାରୁ ନିର୍ଦ୍ଦେଶ ପାଇଁ ବରଗଡ଼ ଏସପି, ପଦ୍ମପୁର ଏସଡିପିଓ ପାଣ୍ଡବ ଶବରଙ୍କୁ ଘଟଣା ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଜି ଏସଡିପିଓ ଶ୍ରୀ ଶବର ସାମ୍ବାଦିକ ଶ୍ରୀ ପାଣୀଙ୍କୁ ପାଇକମାଳ ଥାନାକୁ ଡକାଇ ତଦନ୍ତ କରିଥିଲେ। ପରେ ସାମ୍ବାଦିକ ଶ୍ରୀ ପାଣୀଙ୍କୁ ସମସ୍ତ ପ୍ରକାରର ସୁରକ୍ଷା ଯୋଗାଇ ଦେବାକୁ ପାଇକମାଳ ଥାନା ଆଇଆଇସି କୌଳାସ ପ୍ରଧାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି।

## ଦେବଗଡ଼-ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ପାଳିତ

# ପ୍ରଦୂଷଣମୁକ୍ତ ପରିବେଶ ପାଇଁ ବ୍ୟାପକ ସଚେତନତା ଆବଶ୍ୟକ











ଦେବଗଡ଼, ୫।୬(ସମିସ)

ଦେବଗଡ଼ ବନଖଣ୍ଡ ପକ୍ଷରୁ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଦେବଗଡ଼ ବନଖଣ୍ଡ ସମ୍ମିଳନୀ କାକ୍ଷରେ ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ଅତିଥି ଭାବେ ଜିଲ୍ଲା ଅବକାରୀ ଅଧିକ୍ଷକ ବାସନ୍ତୀ ପ୍ରଭା ନାୟକ, ଅତିରିକ୍ତ ବନ ସଂରକ୍ଷକ ଅରୁଣ ବେହେରା, ସ୍ୱାଧୀନତା ସାହାଣୀ ଓ ଅବୈତନିକ ୱାଇଲଡ ଲାଇଫ ୱାର୍ଡେନ ଲଳିତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ରହି ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଚଳିତ ବର୍ଷର ବିଷୟ ବସ୍ତୁ ପ୍ଲାଷ୍ଟିକ ପ୍ରଦୂଷଣ ମୁକ୍ତ ପୃଥିବୀ ସନ୍ଦର୍ଭରେ ନିଜ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ବ୍ୟାପକ ଜନ ସଚେତନତାର ଆବଶ୍ୟକତା ଥିବା ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିବା ସହ ସଚେତନ ନାଗରିକଙ୍କଠାରୁ ପଞ୍ଚାୟତ ପ୍ରତିନିଧିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଏଥିପ୍ରତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ପ୍ରକାଶ କରିଥିଲେ। ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବିଭାଗ ପକ୍ଷରୁ ଦେବଗଡ଼ ବନାଞ୍ଚଳ ତିଳେଇବଣି ବ୍ଲକ ନୂଆକେସଲା ଗ୍ରାମର ଦିଲ୍ଲୀପ ବେହେରା, ରିଆମାଳ ବ୍ଲକ ରିଆମାଳ ବନାଞ୍ଚଳ କରଡ଼ାପୋଷି ଗ୍ରାମର ନାରାୟଣ ସାହୁ ଓ ବାରକୋଟ ବ୍ଲକ ବାରକୋଟ ବନାଞ୍ଚଳର ଶିରପାଲି ଗ୍ରାମର କିଶୋର ଚନ୍ଦ୍ର ପ୍ରଧାନଙ୍କୁ ପ୍ରକୃତି ବନ୍ଧୁ ଭାବେ ମାନପତ୍ର ସହ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଅନୁରୂପ ଭାବେ ତିଳେଇବଣି ବ୍ଲକ ଦେବଗଡ଼ ବନାଞ୍ଚଳ କୋଲ୍ହନ୍ତିହ ଭିଏସଏସ, ରିଆମାଳ ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବାରକୋଟ ବ୍ଲକ କୁମ୍ଭାରଗାଡ଼ିଆ ଭିଏସଏସକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଦେବଗଡ଼ ରେଞ୍ଜ ତିଳେଇବଣି ପଞ୍ଚାୟତ ସରପଞ୍ଚ ସସ୍ମିତା ଏକ୍କା, ରିଆମାଳ ରେଞ୍ଜ ଆଡଶ ପଞ୍ଚାୟତ ସରପଞ୍ଚ ନାଜର ବେହେରା, ବାରକୋଟ ରେଞ୍ଜ ଗୁରୁସଙ୍ଗ ପଞ୍ଚାୟତ ସରପଞ୍ଚ ଭବାନୀକାନ୍ତ ବିଶ୍ୱାଳ, ପାଲଲହଡା ରେଞ୍ଜ ନାମପୋଷି ପଞ୍ଚାୟତ ସରପଞ୍ଚ ଫୁଲଣ ପାତ୍ର ଓ ଖମାର ରେଞ୍ଜ କରଡ଼ାପାଳ ପଞ୍ଚାୟତ ସରପଞ୍ଚ ଲିପି ସେଠିଙ୍କୁ ବନ ସୁରକ୍ଷା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଟ୍ରଫି ସହ ମାନପତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଦାୟିତ୍ୱରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଦେବଗଡ଼ ବନାଞ୍ଚଳ ଲଇମୁରା ସେକ୍ସନ ବନପାଳ ତୁଷାର ରଞ୍ଜନ ପ୍ରଧାନ, ରିଆମାଳ ବନାଞ୍ଚଳ ନୂଆଡ଼ିହ ସେକ୍ସନ ବନପାଳ ଗୁଲେଖ ପଟ୍ଟା ଓ ପାଲଲହଡା ବନାଞ୍ଚଳ ସହରଗୁରୁଜାଙ୍ଗ ସେକ୍ସନ ବନପାଳ କାର୍ତ୍ତିକେୟ ପ୍ରଧାନଙ୍କୁ ମେଡାଲ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ବନରକ୍ଷୀ ଭାବେ ପାଲଲହଡା ବନାଞ୍ଚଳ ପାଲଲହଡା ବିଟ ବନରକ୍ଷୀ ଯଶୋବନ୍ତ ଦାଶ ଓ ଜାମରା ବିଟ୍ ବନରକ୍ଷୀ ନିରଞ୍ଜନ ବେହେରା ଓ ଖମାର ବନାଞ୍ଚଳ ନୂଆଗାଁ ବନରକ୍ଷୀ ରାଜକିଶୋର ପ୍ରଧାନଙ୍କୁ ଅତିଥିଙ୍କ ଦ୍ୱାରା ମେଡାଲ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭାଗ ପକ୍ଷରୁ ସମସ୍ତ ରେଞ୍ଜରୁ ଶ୍ରେଷ୍ଠ ଗଜସାଥୀ ଓ ଫରେଷ୍ଟ ପ୍ରୋଟେକ୍ସନ ସ୍କ୍ୱାଡର ଶ୍ରେଷ୍ଠ ସଦସ୍ୟଙ୍କୁ ମେଡାଲ ସହ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଫରେଷ୍ଟ ବାରାକ ପରିସରରେ ଚାରା ରୋପଣ କରାଯାଇଥିଲା। ଅନ୍ୟପକ୍ଷେ ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ମା'ଙ୍କ ନାମରେ ଗଛଟିଏ ଲଗାଇବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଭଗବାନ ସାହୁ ଅଧ୍ୟକ୍ଷତା କରିଥିଲେ।

**ଝାରସୁଗୁଡା:** ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗରସ୍ଥିତ ଓପିଏମ ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ପଣ୍ଡା ଆରମ୍ଭ କରି ପରିବେଶ ସୁରକ୍ଷା ଉପରେ ବୁଝାଇଥିଲେ। ବିଦ୍ୟାଳୟର ଏୟାର ୱିଙ୍ଗ ଏନସିସି ଅଫିସର୍ ଜିତେନ୍ଦ୍ର ମଗର ଓ ଜୁନିଅର ରେଡକ୍ରସ କାଉନସିଲର ଯୁଗଳ କିଶୋର ପ୍ରଧାନଙ୍କ ସହ ସମସ୍ତ ଏନସିସି କ୍ୟାଡେଟ ଓ ଜୁନିଅର ରେଡକ୍ରସ ଛାତ୍ରମାନଙ୍କୁ ନେଇ ବିଦ୍ୟାଳୟରୁ ବଜାର ରାସ୍ତା ଦେଇ ଏକ ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏନସିସି ଅଫିସର୍ ଜିତେନ୍ଦ୍ର ମଗର ପରିବେଶକୁ କିପରି ସୁରକ୍ଷା କରିହେବ ତାହା ଉପରେ ଆଲୋକପାତ କରିଥିଲେ। ଛାତ୍ରମାନଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। ଜୀବେଶ ପ୍ରଧାନ, ଡଲି ବେସନ ସହଯୋଗ କରିଥିଲେ।



ସେହିଭଳି ଝାରସୁଗୁଡା ସହରସ୍ଥିତ ମନମୋହନ ଏମଇ ସ୍କୁଲ ପଡ଼ିଆଠାରେ ଗୁରୁବାର ମା'ପାଇଁ ଗଛଟିଏ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ଚାରାରୋପଣ କରିଥିଲେ। ଜିଲ୍ଲାପାଳ ଆବୋଲି ସୁନୀଲ ନରୱାଣେଙ୍କ ସହ ଜିଲ୍ଲାସ୍ତରୀୟ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ। ଝାରସୁଗୁଡା ସହରକୁ ସବୁଜ ସହରରେ ପରିଣତ କରିବା ପାଇଁ ଚେଷ୍ଟା କରିବାକୁ ବିଧାୟକ ଆହ୍ୱାନ ଦେଇଥିଲେ। ଗଛ ଲଗାଇବା ବଡ଼ କଥା ନୁହେଁ। ଗଛର ଯତ୍ନ ହିଁ ବଡ଼ କଥା ବୋଲି ବିଧାୟକ କହିଥିଲେ। ସମସ୍ତେ ଗଛ ଲଗାଇ ଯତ୍ନ ନେବା ପାଇଁ ବଦ୍ଧପରିକର ହେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ବିମଳେନ୍ଦୁ ଭୋଲ, ନେତାଜୀ ପଟ୍ଟନାୟକ, ପୁରୁଷୋତ୍ତମ ଥିରାଣୀ, ଅରବିନ୍ଦ ପାଠକ, ଆନନ୍ଦ ଶର୍ମା, ବିନୟ ମୋଦୀ ପ୍ରମୁଖ ଯୋଗ ଦେଇଥିଲେ। ଝାରସୁଗୁଡା ଜିଲ୍ଲାର ବାଗଡ଼ିହିରେ ମଧ୍ୟ ବନ ବିଭାଗ ରେଞ୍ଜ ଦ୍ୱାରା ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହା ସହ ସ୍ୱଚ୍ଛତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଏହି ଅବସରରେ ବାଗଡ଼ିହି ରେଞ୍ଜ ଅଧିକାରୀ ବନ୍ଦନା ପସାୟତ ଯୋଗଦେଇ ଜଙ୍ଗଲ ସୁରକ୍ଷା ସମସ୍ତଙ୍କ ଗୁରୁଦାୟିତ୍ୱ ବୋଲି ପ୍ରକାଶ କରିଥିଲେ। ସ୍ୱଚ୍ଛ ପରିବେଶ ପାଇଁ ସମସ୍ତେ ଗଛ ଲଗାଇବା ଉଚିତ ବୋଲି କହିଥିଲେ। ସମସ୍ତଙ୍କୁ ଜଙ୍ଗଲକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ବଦ୍ଧପରିକର ହେବାକୁ ପଡ଼ିବ ବୋଲି କହିଥିଲେ। ଆମୀର ପଟେଲ, ସତ୍ୟବ୍ରତ ସାହୁ, ସଙ୍ଗୀତା ନାୟକ, ରାଜକିଶୋର ପାନିଗ୍ରାହୀ, ଏଫଏମୟୁ ଦଳର ନେତା ଚୁଡାମଣି ବେହେରା, ଡିଏ (ଏନଆରଏମ) ଭକ୍ତ ଜେନା, ସତ୍ୟ ସ୍ମୃତି ବେହେରା ପ୍ରମୁଖଙ୍କ ସହ ପାକେଲଖୋଲ, ବାବୁ ଚିପିଡିହି, ବଙ୍କି, ଡୁଡୁକା ବାହାଲ ଏସଏସସଦସ୍ୟ, ଅନ୍ଧାରୀ ମହାସଙ୍ଗ, ଡାକ୍ତର ରୁଦ୍ର ଲକ୍ଷ୍ମୀ, ସାମ୍ବାଦିକ ଅଜୟ ଶର୍ମା ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଝାରସୁଗୁଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଝାରସୁଗୁଡା ବନଖଣ୍ଡ ଅଧିକାରୀଙ୍କ ସହଯୋଗରେ ସ୍ଥାନୀୟ ଦେବାଡ଼ିହି ନିକଟ ପଡ଼ିଆରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କ ପରିବେଶ ପ୍ରତି ଆଗ୍ରହ ଓ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ବେଲପାହାଡସ୍ଥିତ ଠକ୍କର ବାପା ସେବା ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ ନାୟକ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ସଦାଶିବ ଜେନା, ସଚିବ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆଲୋକମୟୀ ପ୍ରଧାନ, ବରିଷ୍ଠ ଦେୱାନି ବିଚାରପତି ଡ. ସନ୍ଧ୍ୟା ରଥ, ସିଭିଲ କୋର୍ଟ ରେଜିଷ୍ଟ୍ରାର ରାଜେନ୍ଦ୍ର ଦାସ, ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ପ୍ରତ୍ୟୁଷା କିରଣ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶ୍ରୀ ନର୍ମଦା ପ୍ରଧାନ ପ୍ରମୁଖ ଯୋଗ ଦେଇ ଚାରାରୋପଣ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ୨ ମୃତ

ଦେବଗଡ଼, ୫।୬(ସମିସ): ଦେବଗଡ଼ ଥାନା ତିଳେଇବଣି ଫାଣ୍ଡି ଅଧୀନ ପ୍ରଭାଶୁଣି ଗ୍ରାମ ନିକଟସ୍ଥ ୫୩ ନମ୍ବର ଜାତୀୟ ରାଜପଥରେ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ତେବେ ଉଭୟ ବାରକୋଟ ଥାନା ମାଦଳିଆ ଗ୍ରାମର ବୋଲି ଜଣା ପଡ଼ିଥିଲେ ମଧ୍ୟ ସେମାନଙ୍କ ନାମ ଜଣା ପଡ଼ି ନାହିଁ। ଗୁରୁବାର ସନ୍ଧ୍ୟାରେ ପ୍ରଭାଶୁଣି ଗ୍ରାମଠାରୁ କିଛି ଦୂରରେ ଏମାନେ ଦୁର୍ଘଟଣା ଗ୍ରସ୍ତ ହୋଇ ପଡ଼ିଥିବା କିଛି ବାଟୋଇ ଦେଖିବା ପରେ ତିଳେଇବଣି ଫାଣ୍ଡି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## ହାତ କାଟି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଦେବଗଡ଼, ୫।୬(ସମିସ): କୁଣ୍ଡେଇଗୋଳା ଥାନା ଷେଣ୍ଢା ଗ୍ରାମରେ ମାନସ ବେହେରା ନାମକ ଜଣେ ଯୁବକ ମଦ ବୋତଲରେ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗାଁ ଆମ୍ବ ବଗିଚା ନିକଟରେ ଗୁରୁବାର ମଧ୍ୟାହ୍ନରେ ଏକ ମଦ ବୋତଲରେ ନିଜ ବାମ ହାତକୁ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆମ୍ବ ବଗିଚାରେ ପଡ଼ିଥିବା ବେଳେ ଖବର ପାଇ ପରିବାର ଲୋକ ପହଞ୍ଚିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ

ଦେବଗଡ଼, ୫।୬(ସମିସ): ବାରକୋଟ ଥାନା ଅଞ୍ଚଳର ଚକଡିହି ଗ୍ରାମରେ ଜଣେ ନାବାଳିକାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତ ନାବାଳିକା ହେଲେ ଚକଡିହି ଗ୍ରାମର ସଞ୍ଜୟ ମନହିରାଙ୍କ ଝିଅ ରାକ୍ଷୀ (୪)। ରାକ୍ଷୀ ଗୁରବାର ସକାଳେ ତାଙ୍କ ମା'ଙ୍କ ସହ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଜଙ୍ଗଲରୁ ଫେରିବା ପରେ ହଠାତ ଅସୁସ୍ଥ ହୋଇପଡ଼ିବା ସହ ପାଟିରୁ ଫେଣ ବାହାରିଥିଲା। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ପ୍ରଥମେ ବାରକୋଟ ମେଡିକାଲରେ ଭର୍ତ୍ତି କରିଥିଲେ। ରାକ୍ଷୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଧିକ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାକ୍ଷୀ ଜଙ୍ଗଲକୁ ଯାଇଥିବାବେଳେ ସାପ କାମୁଡା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଖବର ପାଇ ବାରକୋଟ ଥାନା ପୁଲିସ ଶବ ଜବତ କରି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ପରିବା ବୋଝେଇ ଟ୍ରକ୍‌ରୁ ୨.୯୦ କୁଇଣ୍ଟାଲ ଗଞ୍ଜେଇ ଜବତ

ମନମୁଣ୍ଡା, ୫।୬(ସମିସ): ମନମୁଣ୍ଡା ବାଇପାସ୍ ନିକଟ ଶଗଡ଼ା ରାସ୍ତାରେ ପୁଲିସ ପଶ୍ଚିମବଙ୍ଗ ନମ୍ବର ଥିବା ଟ୍ରକ୍‌ରୁ ୨.୯୦ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ପନିପାରିବା ପ୍ଲାଷ୍ଟିକ ଟ୍ରେ ଭିତରେ ବସ୍ତାରେ ଗଞ୍ଜେଇ ଥିବା ପୁଲିସ ଯାଞ୍ଚବେଳେ ଧରିଥିଲା। ଗାଡ଼ି ଚାଳକ ଅଭିଯୁକ୍ତ ବିହାର ରାଜ୍ୟ ରୋହତକ ଜିଲ୍ଲା ଦରିଗାଓଁର ଅମିତ କୁମାରକୁ ପୁଲିସ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।



## ବିକଶିତ କୃଷି ଅଭିଯାନ ସଂକଳ୍ପ



ଝାରସୁଗୁଡା, ୫।୬(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ଗୌଡପାନପାଲି ପଞ୍ଚାୟତରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରେମସେନ ରାୟ, ଝସକେତନ ପ୍ରଧାନ, ବୈଜ୍ଞାନିକ ଡ. ଏଚ. କେ. ବର୍ମାନ, ଗୋଷ୍ଠୀ କୃଷି ବିଭାଗ ମୁଖ୍ୟ ସସ୍ମିତା ପଣ୍ଡା, ଗୋଷ୍ଠୀ କୃଷି ଅଧିକାରୀ ସୀମା ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମ୍ୟ କୃଷି ଅଧିକାରୀ ବବିତା କଉଡ଼ି ପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକ ଫୋରମର ବୈଠକ

ଦେବଗଡ଼, ୫।୬(ସମିସ): ଦେବଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫୋରମର ସଭାପତି ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଲୋଚନା କରାଯାଇଥିଲା। ଦେବଗଡ଼ ଜିଲ୍ଲାରେ ହୋଇଥିବା ତ୍ରୁଟିପୂର୍ଣ୍ଣ ହାଇଟେକ ସର୍ଭେ ସମ୍ପୂର୍ଣ୍ଣ ରଦ୍ଦ କରିବା, ସ୍ୱର୍ଗଦ୍ୱାର ନିକଟରେ ଏକ କାଠ ଗୋଦାମ ଖୋଲାଯିବା, ମେଣ୍ଢିପାଲି ଗ୍ରାମକୁ କୁଣ୍ଡେଇଗୋଳା ଥାନା ପରିବର୍ତ୍ତେ ଦେବଗଡ଼ ଥାନାରେ ସାମିଲ କରାଯିବା, ପ୍ରଧାନପାଟ ଓ ଦେବଗଡ଼ କଲେଜ ନିକଟରେ ଥିବା ବୟସ୍କମାନଙ୍କ ପାଇଁ ଉଦ୍ଦିଷ୍ଟ ଜିମ୍ ସାମଗ୍ରୀ ମରାମତି କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ପାଇଁ ଆଲୋଚନା କରାଯାଇଥିଲା। ଶେଷରେ ସମ୍ପାଦକ ଗୌରହରି ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।



### ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ

## ସେମିଫାଇନାଲରେ ବରଗଡ଼ ବିଜୟୀ

ଝାରସୁଗୁଡ଼ା, ୫।୬(ସମିସ)

ଝାରସୁଗୁଡ଼ା ମିନି ଷ୍ଟାଡିୟମରେ ଜିଲ୍ଲା କ୍ରୀଡ଼ା ସଂଘ ତରଫରୁ ମୁଖ୍ୟମନ୍ତ୍ରୀ କପ୍ ଫୁଟବଲର ସେମିଫାଇନାଲ ମ୍ୟାଚ୍ ବରଗଡ଼ ଓ ଯାଜପୁର ଜିଲ୍ଲା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ୨-୧ ଗୋଲରେ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ଯାଜପୁର ପ୍ରଥମ ଗୋଲ୍ ଦେଇ ଆଗୁଆ ରହି ଥିଲା; କିନ୍ତୁ ପ୍ରଥମ ଭାଗ ଖେଳର ୨୫ ମିନିଟରେ ବରଗଡ଼ ଗୋଲ୍ ପରିଶୋଧ କରି ଦେଇଥିଲା। ପ୍ରଥମ ଭାଗରେ ଉଭୟ ଦଳ ୧-୧ ଗୋଲ୍‌ରେ ସ୍ଥିର ରହିଥିଲେ। ୨ୟ ଭାଗରେ ଉଭୟ ଦଳ ଗୋଲ୍ କରିବାର ସୁଯୋଗ ପାଇ ମଧ୍ୟ ଗୋଲ୍ କରି ପାରି ନଥିଲେ। ଅତିରିକ୍ତ ସମୟର ପ୍ରଥମ ଭାଗରେ ଗୋଲ୍ ହୋଇ ପାରି ନ ଥିଲା। ଖେଳ ଶେଷ ୫ ମିନିଟରେ ବରଗଡ଼ ଗୋଲ୍ ଦେଇ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗ ଦେଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଝାରସୁଗୁଡା ବିଧାୟକ ଟଙ୍ଗଧର ତ୍ରିପାଠୀ, ଆଇଜି ହିମାଂଶୁ ଲାଲ, ଝାରସୁଗୁଡା ଏସପି ପି. ସ୍ମିତ. ପରମାର, ଝାରସୁଗୁଡା ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ, ରାଜ୍ୟ ଫୁଟବଲ ଆସୋସିଏସନର ସମ୍ପାଦକ ଅଭିଜିତ ପାଲ, ରାଜ୍ୟ ଫୁଟବଲ ଆସୋସିଏସନର ରବିନାରାୟଣ ପଣ୍ଡା, ଦୁଲାଲ ଚନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ।



## ଶିକ୍ଷକ ବଦଳି ପାଇଁ ନେତାଙ୍କ ଘରେ ଗହଳି

# ଗଣେଶ୍ୱରଙ୍କ ପରେ ଅସନ୍ତୋଷ ଝାଡ଼ିଲେ ତାରା

ଭୁବନେଶ୍ୱର,୫।୬(ସମିସ): ସୁପାରିସ୍ ଆଧାରରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ବଦଳି କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ପରେ ଅଡୁଆରେ ପଡ଼ିଛନ୍ତି ବିଧାୟକ ଓ ସାଂସଦ। ସକାଳୁ ସକାଳୁ ଘରେ ଲାଗୁଛି ଲମ୍ବା ଲାଇନ୍। ଶହଶହ ଅନୁରୋଧପତ୍ର ଟେବୁଲ୍ ଉପରେ ଗଦା ହେଲାଣି। ତନ୍ମଧ୍ୟରୁ କେଉଁ ୧୫ ଜଣଙ୍କୁ ବଦଳି ପାଇଁ ସୁପାରିସ୍ କରିବେ ସେନେଇ ଜନପ୍ରତିନିଧିମାନେ ଅଡ଼ୁଆରେ ପଡ଼ିଛନ୍ତି। ଫଳରେ ବିଧାୟକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ସରକାର ଏହାର ପୁନଃବିଚାର କରିବାକୁ ଦାବି କରୁଛନ୍ତି। ବିଜେଡି ବିଧାୟକ ଗଣେଶ୍ୱର ବେହେରାଙ୍କ ପରେ ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଏନେଇ ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ ୧୫ଜଣ ଶିକ୍ଷକ ବଦଳି କ୍ଷମତା ବିଧାୟକଙ୍କୁ ବୁମେରାଂ ହେବ। ଅନେକ ଶିକ୍ଷକ ବଦଳି ସୁପାରିସ ପାଇଁ ଧାଡ଼ି ବନ୍ଧୁଥିବାରୁ ସମସ୍ୟା ବଢ଼ିଛି। ଯେଉଁମାନେ ସୁପାରିସ ନ ପାଇବେ ସେମାନେ କେବେ କ୍ଷମା ଦେବେନି। ସହଯୋଗ ନ କରିବାକୁ ପରୋକ୍ଷରେ ମଧ୍ୟ ଧମକ ଦେଉଛନ୍ତି। ଗୋଟେ ବର୍ଷରେ ଏହି ସମସ୍ୟା, ପାଞ୍ଚ ବର୍ଷରେ ଅନେକ ଶତ୍ରୁ ବାହାରିବେ। ସରକାରଙ୍କ ସୁପାରିସ ବ୍ୟବସ୍ଥା ସାଙ୍ଘାତିକ ଅବସ୍ଥା ସୃଷ୍ଟି କରିଛି। ଏଥିପାଇଁ ବଦଳି ସୁପାରିସ କ୍ଷମତା ପ୍ରତ୍ୟାହାର କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ସେ ଚିଠି ଲେଖିଛନ୍ତି। ଅନ୍ୟ ବିଧାୟକମାନେ ଯଦି ଏକମତ ନୁହନ୍ତି, ତା'ହାଲେ ତାଙ୍କଠାରୁ ଏହି କ୍ଷମତା ଫେରାଇ ନିଅନ୍ତୁ ବୋଲି ବିଧାୟକ ଶ୍ରୀ ବେହେରା କହିଛନ୍ତି। ଯେଉଁ ଶିକ୍ଷକଙ୍କର ପ୍ରକୃତରେ ସମସ୍ୟା ଅଛି, ସେମାନଙ୍କ କଥା ବିଚାର

### କେଭି, ଓଏଭି ଭଳି ସ୍ୱତନ୍ତ୍ର ନିୟମ ଆଣିବାକୁ ଶିକ୍ଷକ ସଂଘର ଦାବି

କରାଯାଉ ଏବଂ ସରକାର ବଦଳି ନୀତିରେ ପରିନବର୍ତ୍ତନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ ଶିକ୍ଷକ ବଦଳି ସୁପାରିସ ପାଇଁ ବିଧାୟକମାନଙ୍କୁ କ୍ଷମତା ଦେବା ସରକାରଙ୍କ ଏକ କଦର୍ଯ୍ୟ ନିଷ୍ପତ୍ତି। ପ୍ରାୟ ୫ଶହ ଶିକ୍ଷକ ବଦଳି ପାଇଁ ତାଙ୍କୁ ଅନୁରୋଧ କଲେଣି। ସମସ୍ତ ଆବେଦନକାରୀ ସମସ୍ତେ ନିଜର, ତାଙ୍କ ନିର୍ବାଚନମଣ୍ଡଳୀର। ଏପରିକି ସମ୍ପର୍କୀୟମାନେ ମଧ୍ୟ ଅନୁରୋଧ କରୁଛନ୍ତି। ତନ୍ମଧ୍ୟରୁ କେଉଁ ୧୫ ଜଣଙ୍କୁ କେଉଁ ଆଧାରରେ ସେ ସୁପାରିସ କରିବେ ବୋଲି ପ୍ରଶ୍ନ କରିବା ସହ ଗୋଟିଏ ମଧ୍ୟ ସୁପାରିସ କରିବେ ନାହିଁ ବୋଲି କହିଛନ୍ତି। ସରକାର ଏହାର ପୁନର୍ବିଚାର କରିବାକୁ ସେ ଦାବି କରିଛନ୍ତି। ଅପରପକ୍ଷରେ ବର୍ଷେ ମଧ୍ୟରେ ବିଭାଗୀୟ ମନ୍ତ୍ରୀ ପ୍ରାୟ ୫ ହଜାର ବଦଳି କରିଥିବା ଏବଂ ଏହା ସ୍ୱାଧୀନତା ଇତିହାସରେ ଏହା ବିରଳ ବୋଲି କହିଛନ୍ତି। ମନ୍ତ୍ରୀ ଯଦି ୫ହଜାର ବଦଳି କରିପାରୁଛନ୍ତି, ତା'ହେଲେ ବିଧାୟକଙ୍କୁ ମଧ୍ୟ ୫ଶହ ଶିକ୍ଷକଙ୍କୁ ବଦଳି କରିବା ପାଇଁ କ୍ଷମତା ଦିଅନ୍ତୁ ବୋଲି ସେ କହିଛନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲାରେ ନିଯୁକ୍ତି ପାଇଥିବା ଶିକ୍ଷକମାନେ ସେମାନଙ୍କ ଜିଲ୍ଲାକୁ ପଳାଇଲେଣି। ପୁଣି ଶିକ୍ଷକ ପଦ ଖାଲି ପଡ଼ିବ। ପୁଣି ସେହି ପଦରେ ନିଯୁକ୍ତି ଦେଇ ବଦଳି କରିବେ। ଏହା ଏକ ବ୍ୟବସାୟରେ ପରିଣତ ହୋଇଛି। ଏହାକୁ ବନ୍ଦ କରାଯାଉ। ୧୫ଜଣଙ୍କୁ ବଦଳି କରିବା ପାଇଁ ସୁପାରିସ ମଧ୍ୟ ସରକାରଙ୍କ ଏକ ଚାଲ୍ ବୋଲି ଶ୍ରୀ ବାହାନୀପତି କହିଛନ୍ତି। କାରଣ ୧୫ଜଣଙ୍କ ସୁପାରିସ କରି ୧୫ଶହ ଶିକ୍ଷକଙ୍କ ଆକ୍ରୋଶର ଶିକାର ହେବେ। ବିଜେପି ନେତାମାନେ କିନ୍ତୁ ଭିତିରିଆ ବହୁ ଅଧିକ ବଦଳି କରିବେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଓଡ଼ିଶା ସିବିଟି ଶିକ୍ଷକ ସଙ୍ଘ ସଭାପତି ରାଜେନ୍ଦ୍ର ମଲ୍ଲିକ କହିଛନ୍ତି ଯେ କେନ୍ଦ୍ରୀୟ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରି ଗଣଶିକ୍ଷା ବିଭାଗ ମଧ୍ୟ ଶିକ୍ଷକ ବଦଳି ପାଇଁ ନିର୍ଦ୍ଦିଷ୍ଟ ନିୟମ ଆଣିବାର ଆବଶ୍ୟକ ରହିଛି। ବର୍ତ୍ତମାନର ବଦଳି ନିୟମ ଶିକ୍ଷକଙ୍କ ହିତରେ ଆସୁନାହିଁ। ରାଜ୍ୟକୁ ଅର୍ବାନ, ସେମିଅର୍ବାନ, ଗ୍ରାମୀଣ ଓ ଉପାନ୍ତ କ୍ଲଷ୍ଟର ଭାବେ ବିଭକ୍ତ କରାଯାଇ ଶିକ୍ଷକ ବଦଳି କରାଯିବା ଉଚିତ୍। ପ୍ରତି କ୍ଲଷ୍ଟରରେ ଜଣେ ଶିକ୍ଷକ ପାଞ୍ଚବର୍ଷ କାମ କରିବାର ପ୍ରାବଧାନ ରହିଲେ ସେମାନେ ଚାପଗ୍ରସ୍ତ ହେବେନାହିଁ। ନୀତି ନିର୍ଦ୍ଧାରଣ ପୂର୍ବରୁ ଶିକ୍ଷକଙ୍କ ସହ ବ୍ୟାପକ ଆଲୋଚନା କରିବାକୁ ମଧ୍ୟ ସେ ଦାବି କରିଛନ୍ତି।

ସେହିପରି ଓଡ଼ିଶା ସରକାରୀ ହାଇସ୍କୁଲ ଶିକ୍ଷକ ସଙ୍ଘ ସଭାପତି ଶୁଭ୍ରଜିତ ପ୍ରତିହାରୀ କହିଛନ୍ତି ଯେ ସୁପାରିସ୍ କ୍ଷମତା ଲୋକପ୍ରତିନିଧିଙ୍କୁ ନିହାତି ଅଡୁଆରେ ପକାଇବ। ଗରିବ ଶ୍ରେଣୀର, ରୋଗଗ୍ରସ୍ତ, ମାଆବାପାଙ୍କଠାରୁ ଦୂରରେ ରହୁଥିବା କିମ୍ବା ପରିବାରଠାରୁ ୫ଶହ କିଲୋମିଟର ଦୂରରେ ରହୁଥିବା ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଅଗ୍ରାଧିକାର ଦେଇ ବଦଳି କରାଯାଉ। ଫଳରେ ଶିକ୍ଷକ ଖୁସି ହେବେ ଓ ଶିକ୍ଷାର ମାନ ମଧ୍ୟ ବୃଦ୍ଧି ହେବ ବୋଲି ସେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମେ ୧୩ ତାରିଖରେ ନିଜ ନିର୍ବାଚନ ମଣ୍ଡଳୀରସର୍ବାଧିକ ୧୫ଜଣ ଲେଖାଏଁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି ପାଇଁ ବିଧାୟକ ଓ ସାଂସଦମାନେ ସୁପାରିସ କରିବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା।

# ଡିଏସ୍‌ପିଙ୍କ କାର୍ ଧକ୍କାରେ ଶ୍ରମିକ ମୃତ



ଦେଓଗାଁ, ୫।୬ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଧୀନ ଦେଓଗାଁ ବଙ୍ଗଳା ନିକଟ ୨୬ନଂ ଜାତୀୟ ରାଜପଥରେ ଗୁରୁବାର ସନ୍ଧ୍ୟାରେ ଜଣେ ଶ୍ରମିକ ସାଇକଲରେ ଯାଉଥିବା ବେଳେ କାର୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ, ସଇଁନ୍ତଲା ଥାନା ଅଧୀନ ଜଲିଆ ଗାଁର ଭକ୍ତି ସାହୁ। ପରେ ଉତ୍ତ୍ୟକ୍ତ ଲୋକେ କାର୍ ଚାଳକଙ୍କୁ ଅଟକ ରଖି କ୍ଷତିପୂରଣ ଦାବିରେ ଦୀର୍ଘ ୪ ଘଣ୍ଟା ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଦେଓଗାଁ ପୁଲିସ ପହଞ୍ଚି କାର୍ ଚାଳକ ଲୋକନାଥ ସାହୁଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖି ତଦନ୍ତ ଜାରି ରଖିବା ସହ ଲୋକଙ୍କୁ ବୁଝାସୁଝା କରିଥିଲେ। କାର୍ ଚାଳକ କଳାହାଣ୍ଡି ଜିଲ୍ଲା ପୁଲିସ ବିଭାଗରେ ଡିଏସ୍‌ପି ଭାବେ କାର୍ଯ୍ୟରତ ଥିବା ଜଣାପଡ଼ିଛି। ପରେ କ୍ଷତିପୂରଣ ଦେବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟଙ୍କ ସମେତ ଦେଓଗାଁ, ତୁଷୁରା ସଇଁନ୍ତଲା ଓ ଟାଉନ ଥାନା ଅଧିକାରୀ ଓ ୨ ପ୍ଲାଟୁନ୍ ଫୋର୍ସ ପରିସ୍ଥିତିକୁ ଆୟତ୍ତ କରିଥିଲେ।

# ଦଇତାପତି ନିଯୋଗ ପାଇଁ ୨.୨୫ କୋଟିର ସ୍ୱତନ୍ତ୍ର ଅର୍ଥରାଶି

ଭୁବନେଶ୍ୱର, ୫।୬(ସମିସ): ଆସନ୍ତା ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଆଇନ ବିଭାଗ ତତ୍ପର ହୋଇଉଠିଛି। ଆସନ୍ତା ରଥଯାତ୍ରାରେ ନୀତିକାନ୍ତିକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ସରକାର ଦଇତାପତି ନିଯୋଗକୁ ପୁରସ୍କାର ଭାବେ ଅର୍ଥରାଶି ପ୍ରଦାନ କରିବେ। ଏଥିପାଇଁ ମୋଟ ୨କୋଟି ୨୫ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ଅର୍ଥରାଶିକୁ ବିଭାଗ ପକ୍ଷରୁ ଅନୁମୋଦନ କରାଯାଇଛି। ବିଭାଗ ପକ୍ଷରୁ ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚିଠି ଲେଖାଯାଇ ଅବଗତ କରାଯାଇଛି। ଦଇତାପତି ନିଯୋଗକୁ ସ୍ୱତନ୍ତ୍ର ଭାବେ ଏହି ରାଶି ପ୍ରଦାନ କରିବାକୁ ଆଇନ ବିଭାଗ ଅନୁମୋଦନ କରିଛି। ଏନେଇ ପୂର୍ବରୁ ଶ୍ରୀମନ୍ଦିର ପ୍ରସାସନ ପକ୍ଷରୁ ଆଇନ ବିଭାଗକୁ ଚିଠି ଲେଖାଯାଇ ପ୍ରସ୍ତାବ ଦିଆଯାଇଥିଲା। ଏହି ରାଶି ଶ୍ରୀମନ୍ଦିର ପ୍ରଶାସନ ପାଣ୍ଠିରୁ ପ୍ରଦାନ କରାଯାଇପାରିବ ବୋଲି ଚିଠିରେ ଦର୍ଶାଯାଇଛି। ପରେ ସେହି ଅର୍ଥକୁ ରାଜ୍ୟ ସରକାର ଅତିରିକ୍ତ ବଜେଟରେ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିବେ ବୋଲି ଚିଠିରେ ଉଲ୍ଲେଖ ରହିଛି।

■ ସେଲ୍‌ଫି ହେଲା କାଳ

# ଦେବୀ ନଦୀ ପୋଲରୁ ଖସି ପଡ଼ି ଯୁବକ ନିଖୋଜ



ନାଉଗାଁ,୫।୬(ସମିସ): ସେଲ୍‌ଫି ନେବା ବେଳେ ଦେବୀ ନଦୀକୁ ଖସି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ହେଲେ, ନାଉଗାଁ ଥାନା ଅନ୍ତର୍ଗତ ବଛାଳ ପଞ୍ଚାୟତ ବଛାଳ ଗ୍ରାମର ଟୁକୁନା ଲେଙ୍କାଙ୍କ ପୁଅ ସୂର୍ଯ୍ୟକାନ୍ତ ଲେଙ୍କା। ସୂର୍ଯ୍ୟକାନ୍ତ ଆଜି ଶିଖର ଦେବୀନଦୀ ପୋଲ ଉପରେ ସେଲ୍‌ଫି ଉଠାଉଥିବା ବେଳେ ନଦୀକୁ ଖସି ପଡ଼ିଥିଲେ। ନାଉଗାଁ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକ ବହୁ ଖୋଜାଖୋଜି କରିଥିଲେ ହେଁ ତାଙ୍କର ସନ୍ଧାନ ମିଳିନଥିଲା। ଶେଷ ଖବର ଲେଖା ହେବା ବେଳକୁ ଜଗତସିଂହପୁର ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରୁଥିବା ଜଣାପଡ଼ିଛି। ଅପରପକ୍ଷେ, ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ

# ଏ ବର୍ଷ ରାଜ୍ୟରେ ଲାଗିବ ୭.୫ କୋଟି ଗଛ

ଭୁବନେଶ୍ୱର,୫।୬(ସମିସ): ଏ ବର୍ଷ ରାଜ୍ୟରେ ୭.୫ କୋଟି ବୃକ୍ଷ ରୋପଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଗୁରୁବାର ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, ପରିବେଶ ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତା ବିସ୍ତାର କରିବା ପାଇଁ ଆଜିର ଦିନଟି ଉତ୍ସର୍ଗୀକୃତ। ପ୍ରଦୂଷିତ ପୃଥିବୀର ଭୟାବହତାକୁ ହୃଦୟଙ୍ଗମ କରି ଅଧିକରୁ ଅଧିକ ସବୁଜ ପରିବେଶ ସୃଷ୍ଟି କରିବା ଏବଂ ପ୍ରକୃତିର ସଂରକ୍ଷଣ କରିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି। ତେଣୁ ପ୍ଲାଷ୍ଟିକ ବର୍ଜନ ଏକ ଗଣଆନ୍ଦୋଳନ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସରକାର ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ ନିଷେଧ ସହ ଏହାର ଦୀର୍ଘସ୍ଥାୟୀ ବିକଳ୍ପକୁ ପ୍ରୋତ୍ସାହନ ଏବଂ ବର୍ଜ୍ୟ ପରିଚାଳନା ପ୍ରଣାଳୀକୁ ସଶକ୍ତ କରିବା ପାଇଁ ସରକାର ସକ୍ରିୟ ପଦକ୍ଷେପ ନେଇଛନ୍ତି।



ସମାଜରେ ପ୍ରକୃତ ପରିବର୍ତ୍ତନ ଆଣିବାକୁ ହେଲେ ଏହା ପ୍ରଥମେ ନିଜ ଓ ନିଜ ପରିବାରଠାରୁ ଆରମ୍ଭ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ରାଜ୍ୟ ସରକାର ପ୍ରାୟ ସାଢ଼େ ୬ କୋଟିରୁ ଅଧିକ ଗଛ ଲଗାଇ ଏହି ଅଭିଯାନକୁ ସଫଳ କରିଛନ୍ତି। ଫଳରେ ରାଜ୍ୟରେ ଜଙ୍ଗଲ ଓ ବୃକ୍ଷ ଆବରଣରେ ପାଖାପାଖି ୫୬୦ ବର୍ଗ କିଲୋମିଟର ନେଟ୍ ବୃଦ୍ଧି ହୋଇଛି। ଯାହା ସମସ୍ତ ରାଜ୍ୟ ମଧ୍ୟରେ ଚତୁର୍ଥ ସର୍ବାଧିକ। ଜନସାଧାରଣ ଓ ଅନୁଷ୍ଠାନ ଗୁଡିକ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଚାରା ରୋପଣ କରି ରେକର୍ଡ ସୃଷ୍ଟି କରିଛନ୍ତି। ପରିଶେଷରେ ରାଜ୍ୟରେ ପରିବେଶ ସୁରକ୍ଷା ତଥା ଏହାର ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ ଜିଲ୍ଲାର ୧୮୫ 'ପ୍ରକୃତି ମିତ୍ର' ଏବଂ ୨୧୧ 'ପ୍ରକୃତି ବନ୍ଧୁ' ପୁରସ୍କାର ପ୍ରାପ୍ତ ଅନୁଷ୍ଠାନ ତଥା

### ଏକ ସୁସ୍ଥ ସମାଜ ପାଇଁ ଏକ ସୁସ୍ଥ ପରିବେଶ ଦରକାର: ମୁଖ୍ୟମନ୍ତ୍ରୀ

ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା 'ଏକ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମରେ କୃଷି ଶିକ୍ଷା ସଦନଠାରେ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶ ଦିବସ ଉପଲକ୍ଷେ ଏକ ପ୍ରଦର୍ଶନୀ ହୋଇଥିଲା।

# ବିଶ୍ୱ ବାଣିଜ୍ୟ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୭୫
- ପାଉଣ୍ଡ ୧୧୬.୬୯
- ୟୁରୋ ୯୮.୨୫
- ୟେନ୍ ୦.୬୦

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୩୦୦ (ନୂଆଦିଲ୍ଲୀ)
- ରୁପା : ୧,୦୪,୧୦୦ (କେଜି)

## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୪୪୨.୦୦
- ନିଫ୍ଟି ୨୪,୭୫୦.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

## ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି

# ଭାରତ ଆସିବ ଆମେରିକାର ଉଚ୍ଚସ୍ତରୀୟ କମିଟି



ନୂଆଦିଲ୍ଲୀ,୫।୬(ଏଜେନ୍ସି): ଭାରତ-ଆମେରିକା ମଧ୍ୟରେ ପ୍ରସ୍ତାବିତ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ସମ୍ପର୍କରେ ଏକ ବଡ଼ ସୂଚନା ଆସିଛି। ଆମେରିକୀୟ ଅଧିକାରୀଙ୍କ ଏକ ଉଚ୍ଚସ୍ତରୀୟ କମିଟି ଖୁବ୍ ଶୀଘ୍ର ଭାରତ ଗସ୍ତ କରିପାରନ୍ତି, ଯାହା ଦ୍ୱାରା ଜୁଲାଇ ୯ ପୂର୍ବରୁ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଆଲୋଚନା ଚୂଡ଼ାନ୍ତ ହେବ ବୋଲି କୁହାଯାଉଛି। ଆମେରିକା ଏକ ଟିମ୍ ଭାରତ ଆସୁଛି, ଯାହା ଦ୍ୱାରା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଶୀଘ୍ର ହୋଇପାରିବ। ଭାରତୀୟ ପକ୍ଷର ନେତୃତ୍ୱ ବାଣିଜ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲ ନେଉଛନ୍ତି, ଯିଏ କି ସମ୍ପ୍ରତି ୱାଶିଂଟନରେ ୪ ଦିନ ଧରି ଆମେରିକୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

### ଜୁଲାଇ ୯ ପୂର୍ବରୁ ପ୍ରଥମ ପର୍ଯ୍ୟାୟ ଆଲୋଚନା ଚୂଡ଼ାନ୍ତ

କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଆମେରିକା ଗସ୍ତ ସମୟରେ ଦୁଇଥର ଆମେରିକୀୟ ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକଙ୍କୁ ମଧ୍ୟ ଭେଟିଛନ୍ତି। ସୂଚନାଯୋଗ୍ୟ ଯେ, ଆମେରିକା ଏପ୍ରିଲ ୨ ରେ ଭାରତ ଉପରେ ୨୬% ପାରସ୍ପରିକ ଶୁଳ୍କ ଲାଗୁ କରିଥିଲା, କିନ୍ତୁ ଏହାକୁ ୯୦ ଦିନ ପାଇଁ ସ୍ଥଗିତ ରଖାଯାଇଛି। ଏହି ସ୍ଥଗିତାଦେଶ ଜୁଲାଇ ୯ ରେ ଶେଷ ହେଉଛି - ଏହା ପୂର୍ବରୁ ଉଭୟ ଦେଶ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତି ଆଲୋଚନା ଉପରେ ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି। ଭାରତ ଦାବି କରୁଛି ଯେ ୨୬% ପାରସ୍ପରିକ ଶୁଳ୍କକୁ ସମ୍ପୂର୍ଣ୍ଣ ଭାବରେ ହଟାଯାଉ, ଯେତେବେଳେ କି ଆମେରିକା ପୂର୍ବରୁ ୧୦% ମୂଳ ଶୁଳ୍କ ଲାଗୁ କରୁଛି। ଆମେରିକା ଲଗାତାର ଚତୁର୍ଥ ବର୍ଷ ପାଇଁ ଭାରତର ସର୍ବବୃହତ ବାଣିଜ୍ୟିକ ଅଂଶୀଦାର ହୋଇଛି। କିନ୍ତୁ ଭାରତ ସହିତ ବଢ଼ୁଥିବା ବାଣିଜ୍ୟ ନିଅଣ୍ଟକୁ ନେଇ ଆମେରିକା ଚିନ୍ତା ପ୍ରକଟ କରିଛି। ଉଭୟ ଦେଶ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୫୦୦ ବିଲିୟନ ଡଲାରକୁ ନେବାକୁ ଚାହୁଁଛନ୍ତି। ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଏହି ଦିଗରେ ପ୍ରଥମ କଠିନ ପଦକ୍ଷେପ ହୋଇପାରେ, ଯାହା ୨୦୨୫ (ସେପ୍ଟେମ୍ବର-ଅକ୍ଟୋବର) ସୁଦ୍ଧା ପର୍ଯ୍ୟାୟ ୧ରେ ସମାପ୍ତ ହୋଇପାରିବ। ସାମଗ୍ରିକ ଭାବରେ ଭାରତ ଏବଂ ଆମେରିକା ଏବେ ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନାର ଶେଷ ପର୍ଯ୍ୟାୟ ଆଡକୁ ଅଗ୍ରସର ହେଉଛନ୍ତି। ଜୁଲାଇ ୯ପୂର୍ବରୁ ପାରସ୍ପରିକ ଶୁଳ୍କ ହଟାଇବା ଏବଂ ବାଣିଜ୍ୟ ପ୍ରକ୍ରିୟାକୁ ସହଜ କରିବା ସମ୍ପର୍କରେ ଏକ ଦୃଢ଼ ଘୋଷଣା ଆଶା କରାଯାଉଛି। ଏହା ଆମେରିକା ପାଇଁ ଭାରତ ସହିତ ବାଣିଜ୍ୟ ବିସ୍ତାର କରିବା ପାଇଁ ଏକ ରଣନୈତିକ ସୁଯୋଗ ହୋଇପାରେ, ଯେତେବେଳେ କି ଭାରତ ପାଇଁ ଏହା ରପ୍ତାନି ବୃଦ୍ଧି ଏବଂ ବାଣିଜ୍ୟ ଅସନ୍ତୁଳନ ହ୍ରାସ କରିବାର ଏକ ସୁଯୋଗ।

# ଆଜିଠୁ 'ଉତ୍କଳ ଗ୍ରାଣ୍ଡ ପ୍ରପର୍ଟି ସେଲ୍ କାର୍ଣ୍ଣିଭାଲ୍'

ଭୁବନେଶ୍ୱର,୫।୬(ସିମସ): ୩୫ ବର୍ଷର ଅଟଳ ବିଶ୍ୱାସ, ଅଗ୍ରଣୀ ପ୍ରକଳ୍ପ ଏବଂ ସ୍ଥାପତ୍ୟ ଉତ୍କର୍ଷତା ପାଳନ ଅବସରରେ ଉତ୍କଳ ବିଲ୍ଡର୍ସ ଜୁନ୍ ୬ ରୁ ୮ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ହୋଟେଲ ଲାଇଫ୍‌ରେ ଉତ୍କଳ ଗ୍ରାଣ୍ଡ ପ୍ରପର୍ଟି ସେଲ୍ କାର୍ଣ୍ଣିଭାଲ ଆରମ୍ଭ କରିଛି। ଏହି ତିନିଦିନିଆ କାର୍ଯ୍ୟକ୍ରମ 'ଉତ୍କଳ'ର ଯାତ୍ରାର ଭିନ୍ନ ଏକ ମାଇଲଖୁଣ୍ଟ, ଯାହା- ପ୍ରଥମଥର ପାଇଁ ପ୍ରିମିୟମ୍ ଆବାସିକ ଆପାର୍ଟମେଣ୍ଟ, ଉଚ୍ଚ ସମ୍ଭାବନା ଥିବା ବାଣିଜ୍ୟିକ କାର୍ଯ୍ୟାଳୟ ଏବଂ ଦୋକାନ ଗୃହକୁ ଗୋଟିଏ ଛାତ ତଳେ ଏକତ୍ରିତ କରିବ। ଆଗ୍ରହୀ ଗ୍ରାହକମାନେ ସ୍ୱତନ୍ତ୍ର ସ୍ପଟ୍ ଅଫର୍, ଆଶ୍ଚର୍ଯ୍ୟଜନକ ଉପହାର ଓ ଆକର୍ଷଣୀୟ ସୁବିଧା ନେଇ ଓଡିଶାର ସବୁଠାରୁ ସମ୍ମିତ ଡେଭଲପର ଦ୍ୱାରା ପ୍ରସ୍ତୁତ ସମିତିର ମାଲିକ ହୋଇପାରିବେ।

### ଉତ୍କଳ ବିଲ୍ଡର୍ସର ୩୫ତମ ଗୌରବମୟ ବର୍ଷ




"ଗତ ସାଢ଼େ ତିନି ଦଶନ୍ଧି ଧରି ଉତ୍କଳ ତାର ଗୁଣବତ୍ତା, ସ୍ଥିରତା, ବିଶ୍ୱସନୀୟତା ପାଇଁ ଗ୍ରାହକ ମହଲରେ ପ୍ରସିଦ୍ଧି ଲାଭ କରିଛି। ଏହି ଅବସରରେ ଉତ୍କଳ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ ଶରଦ ବୈଦ କୁହନ୍ତି, ଏହି କାର୍ଣ୍ଣିଭାଲ୍ ସେହି ଅତୁଟ ବିଶ୍ୱାସ ପ୍ରତି ଉତ୍ସର୍ଗୀକୃତ ଏବଂ ଭବିଷ୍ୟତ ପାଇଁ ଏକ ନିମନ୍ତ୍ରଣ।" ଭୁବନେଶ୍ୱରରେ ଉତ୍କଳ ଦ୍ୱାର ପ୍ରସ୍ତୁତ ଅନେକ ଗୁଡିଏ ଆବାସିକ ଏବଂ ବାଣିଜ୍ୟିକ ପ୍ରକଳ୍ପ ବର୍ତ୍ତମାନ ସମାପ୍ତ ହୋଇ ଉପଭୋକ୍ତାମାନଙ୍କୁ ପ୍ରଦାନ କରାଯିବ। ଆମେ ଉପଭୋକ୍ତାମାନଙ୍କ ପାଇଁ ଏକ ବିଶ୍ୱସନୀୟ ଏବଂ ବିରଳ ୱିଣ୍ଡୋ ସୃଷ୍ଟି କରିବା ପାଇଁ ସଫଳ ହୋଇପାରିଛୁ ବୋଲି କମ୍ପାନୀର ଅନ୍ୟତମ ନିର୍ଦ୍ଦେଶକ ଅମିତ ବୈଦ କହିଛନ୍ତି। ଘୋଷଣା ପରଠାରୁ ଚମତ୍କାର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏହା ପ୍ରକୃତରେ ଆଗରୁ କେବେ ଦେଖାଯାଇନି। ଏହା ଉପଭୋକ୍ତମାନଙ୍କ ପାଇଁ ନିବେଶର ପ୍ରକୃଷ୍ଟ ସମୟ। ଏହି ଅବସରରେ ଉତ୍କଳ ବିଲ୍ଡର ପକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିଆତି ସୁଯୋଗ ରହିଛି।

# ଟିପିସିଓଡିଏଲ୍ ମେଗା 'ବିଲ୍ ପେ ଆଣ୍ଡ ୱିନ୍'କାର୍ଯ୍ୟକ୍ରମ

ଭୁବନେଶ୍ୱର,୫।୬ମ(ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଭୁବନେଶ୍ୱରର ଏମ୍‌ଡିସି ଅଡିଟୋରିୟମ୍‌ରେ ମେଗା 'ବିଲ୍ ପେ ଆଣ୍ଡ ୱିନ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନିୟମିତ ଭାବେ ସଠିକ୍ ସମୟରେ ଏବଂ ଅନଲାଇନ୍ ମାଧ୍ୟମରେ ନିଜର ବିଦ୍ୟୁତ ବିଲ୍ ପଇଠ କରୁଥିବା ଗ୍ରାହକମାନଙ୍କୁ ରିୱାର୍ଡ ପ୍ରଦାନ କରାଯାଇଛି। ଏକ ଡ୍ର' ଜରିଆରେ ଭୁବନେଶ୍ୱର ସର୍କଲ୍‌ରୁ ୮୦ ଜଣ ଭାଗ୍ୟଶାଳୀ ଉପଭୋକ୍ତାଙ୍କୁ ଚୟନ କରାଯାଇଥିଲା ଏବଂ ସେମାନଙ୍କୁ ମୋବାଇଲ୍ ଓ ଅନ୍ୟାନ୍ୟ ଆକର୍ଷଣୀୟ ଉପହାର ଦିଆଯାଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷର 'ବିଲ୍ ପେ ଆଣ୍ଡ ୱିନ୍' ସ୍କିମ୍ ଅଧୀନରେ ସମଗ୍ର ଟିପିସିଓଡିଏଲ୍ ସର୍କଲ୍‌ରେ ୯ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ମେଗା ପୁରସ୍କାର ଭାବେ ଆଇଫୋନ୍ ପ୍ରଦାନ କରାଯାଇଥିଲା। ଏହି ସ୍କିମ୍‌ରେ ଶୂନ ବକେୟା ରଖୁଥିବା ଏବଂ ଟିପିସିଓଡିଏଲ୍‌ର ଅନ୍‌ଲାଇନ୍ ପ୍ଲାଟଫର୍ମକୁ ବ୍ୟବହାର କରି ଧାର୍ଯ୍ୟ ତାରିଖ ଭିତରେ ନିଜର ବିଦ୍ୟୁତ୍ ବିଲ୍ ପଇଠ କରୁଥିବା ଉପଭୋକ୍ତାମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରାଯାଉଥିବା ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି।

# ରାଜଧାନୀରେ ଓବେନ୍ ଇଲେକ୍ଟ୍ରିବାଇକ୍‌ର ନୂଆ ଶୋ'ରୁମ୍

ଭୁବନେଶ୍ୱର, ୫।୬(ସିମସ): ଘରୋଇ ଇଲେକ୍ଟ୍ରିକ୍ ବାଇକ୍ ନିର୍ମାତା ଓବେନ୍ ଇଲେକ୍ଟ୍ରିକ୍ ଭୁବନେଶ୍ୱରରେ ଏହାର ଶୋ'ରୁମ୍ ଏବଂ ସର୍ଭିସ୍ ସେଣ୍ଟର୍‌ର ଉନ୍ମୋଚନ ସହ ପୂର୍ବ ଭାରତରେ ନିଜର ଉପସ୍ଥିତି ଜାହିର




କରିଛି। ଓବେନ୍ ଇଲେକ୍ଟ୍ରିକ୍ ଏହାର ସମ୍ପ୍ରସାରଣ ଯୋଜନାରେ ଭାରତର ୨୬ଟି ସହରରେ ୩୭ଟି ଶୋ'ରୁମ୍ ଖୋଲିଛି। ବର୍ଷ ଶେଷ ସୁଦ୍ଧା ଦେଶରେ ୧୦୦ରୁ ଅଧିକ ଶୋ'ରୁମ୍ ଏବଂ ସେବା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ କମ୍ପାନୀର ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ନୂତନ ଶୋ'ରୁମ୍‌ର ମୁଖ୍ୟ ଆକର୍ଷଣ ହେଉଛି ଏକ ଉଚ୍ଚ-କ୍ଷମତା ସମ୍ପନ୍ନ ଇଲେକ୍ଟ୍ରିକ୍‌ବାଇକ୍ ଓବେନ୍ ରୋର ଇଜେଡ୍ ଯାହା ଏକ ଶକ୍ତିଶାଳୀ, ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ସହର ଯାତାୟାତ ଅଭିଜ୍ଞତା ପ୍ରଦାନ କରେ। ସମ୍ପୂର୍ଣ୍ଣ ଭାରତରେ ଡିଜାଇନ୍ ଏବଂ ନିର୍ମିତ, ରୋର ଇଜେଡ୍ ତିନୋଟି ବ୍ୟାଟେରୀ ପ୍ରକାରରେ ଉପଲବ୍ଧ –୨.୬ କେଡବ୍ଲ୍ୟୁଏଚ୍, ୩.୪ କେଡବ୍ଲ୍ୟୁଏଚ୍ ଏବଂ ୪.୪ କେଡବ୍ଲ୍ୟୁଏଚ୍ ଏବଂ ଉଚ୍ଚ ପ୍ରଦର୍ଶନ ସମ୍ପନ୍ନ ଏଲଏଫପି (ଲିଥିୟମ୍ ଆଇରନ୍ ଫସଫେଟ୍) ବ୍ୟାଟେରୀ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ ଯାହା ୫୦% ଅଧିକ ଉତ୍ତାପ ପ୍ରତିରୋଧ ଏବଂ ୨ଗୁଣା ବ୍ୟାଟେରୀ ଜୀବନକାଳ ସୁନିଶ୍ଚିତ କରେ। ରୋର ଇଜେଡ୍ ୯୯,୯୯୯ ଟଙ୍କା(ଏକ୍ସ-ଶୋରୁମ୍) ର ପ୍ରାରମ୍ଭିକ ମୂଲ୍ୟରେ ଏବଂ ମାତ୍ର ୭,୯୯୯ ଟଙ୍କାର ସହଜ ଡାଉନ୍ ପେମେଣ୍ଟ ସହିତ ଉପଲବ୍ଧ। ଭୁବନେଶ୍ୱରସ୍ଥିତ ଶୋ'ରୁମରେ ପ୍ରଥମ ମାସ ମଧ୍ୟରେ ଓବେନ୍ ରୋର ଇଜେଡ୍ କ୍ରୟ କରୁଥିବା ଗ୍ରାହକମାନେ ଏକ ସ୍ୱତନ୍ତ୍ର ଲଞ୍ଚ ଅଫରର ଅଂଶ ସ୍ୱରୂପ ଏକ ମାଗଣା ସ୍ୱର୍ଣ୍ଣ ମୁଦ୍ରା ପାଇବେ ବୋଲି ଓବେନ୍ ଇଲେକ୍ଟ୍ରିକ୍‌ର ପ୍ରତିଷ୍ଠାତା ଏବଂ ସିଇଓ ମଧୁମିତା ଅଗ୍ରୱାଲ୍ କହିଛନ୍ତି।

# ସାତ୍ତ୍ୱିକ ସୋଲାର ପକ୍ଷରୁ ଓଡ଼ିଶାରେ ସୋଲାର୍ ସେଲ୍, ମଡ୍ୟୁଲ୍ ପ୍ଲାଣ୍ଟର ଶିଳାନ୍ୟାସ

ଭୁବନେଶ୍ୱର,୫।୬(ସିମସ): ସାତ୍ତ୍ୱିକ ଗ୍ରୀନ୍ ଏନର୍ଜି ଲିମିଟେଡ୍ (ଏସ୍‌ଜିଇଏଲ୍)ର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ସାତ୍ତ୍ୱିକ ସୋଲାର ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ଏସ୍‌ଆଇଓପିଏଲ୍) ପକ୍ଷରୁ ଓଡ଼ିଶାର ଗଞ୍ଜାମ ଜିଲ୍ଲାର ଗୋପାଳପୁରରେ ଥିବା ଟାଟା ଷ୍ଟିଲ୍ ସ୍ପେସିଆଲ୍ ଇକୋନମିକ୍ ଜୋନ୍ ଲିମିଟେଡ୍‌ର (ଟିଏସ୍‌ଏସ୍‌ଇଜେଡ୍‌ଏଲ୍) ଗୋପାଳପୁର ଶିଳ୍ପ ପାର୍କରେ ୫୭ ଏକର ଜମିରେ ୪.୦୦ ଗିଗାୱାଟ୍ ସୋଲାର ପିଭି ମଡ୍ୟୁଲ୍ ଉତ୍ପାଦନ କାରଖାନାର ଶିଳାନ୍ୟାସ କରାଯାଇଛି। ଏସ୍‌ଜିଇଲ୍‌ର ସମ୍ପୂର୍ଣ୍ଣ ସହାୟକ କମ୍ପାନି ଏସ୍‌ଏସ୍‌ଆଇପିଏଲ୍ ଅଧୀନରେ ଯୋଜନା କରାଯାଇଥିବା ଏହି ପ୍ରକଳ୍ପ ଏସ୍‌ଜିଇଏଲ୍‌ର ସମ୍ପ୍ରସାରଣ ରଣନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ଉଭା ହେବ। ଓଡ଼ିଶାରେ ଏକ ୪.୮୦ ଗିଗାୱାଟ୍‌ର ସମନ୍ୱିତ ସେଲ୍ ଓ ୪.୦୦ ଗିଗାୱାଟ୍‌ର ମଡ୍ୟୁଲ୍ ଉତ୍ପାଦନ କାରଖାନା ସ୍ଥାପନ କରିବାର ଅଗ୍ରଣୀ ପର୍ଯ୍ୟାୟରେ ଆମେ ରହିଛୁ ଯାହା ଯଥାକ୍ରମେ ୨୦୨୭ ଆର୍ଥିକ ବର୍ଷ ଓ ୨୦୨୬ ଆର୍ଥିକ ବର୍ଷରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ଆମେ ଅମ୍ବାଲାରେ ଥିବା ଆମ ମଡ୍ୟୁଲ୍ ଉତ୍ପାଦନ କାରଖାନରେ ୧.୦୦ ଗିଗାୱାଟ୍ କ୍ଷମତା ଯୋଗ କରିବା ପ୍ରକ୍ରିୟାରେ ରହିଛୁ ଯାହା ୨୦୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ କାର୍ଯ୍ୟକ୍ଷମ ହେବା ଆଶା କରାଯାଉଛି। କ୍ଷମତାରେ ଏହି ସମ୍ପ୍ରସାରଣ ପରେ ଉଭୟ ଅମ୍ବାଲା ଓ ଓଡ଼ିଶାରେ ଆମର କ୍ଷମତା ୪.୮୦ ଗିଗାୱାଟ୍ ସେଲ୍ ଓ ୪.୮୦ ଗିଗାୱାଟ୍‌ର ଉଭୟ ସେଲ୍ ଓ ମଡ୍ୟୁଲ୍ ଉତ୍ପାଦନକୁ ବୃଦ୍ଧି ପାଇବ ବୋଲି ଆମେ ଆଶା କରୁଛୁ ବୋଲି ଏସ୍‌ଜିଇଏଲ୍‌ର ସିଇଓ ପ୍ରଶାନ୍ତ ମାଥୁର କହିଛନ୍ତି।

# ବେଙ୍ଗାଲୁରୁ ଦଳାଚକଟା | ପୁଲିସ କମିସନର ସସ୍‌ପେଣ୍ଡ, ଗିରଫ ହେବେ ଆୟୋଜକ

ବେଙ୍ଗାଲୁରୁ, ୫।୬ (ଏଜେନ୍ସି): ଆରସିବିର ଆଇପିଏଲ୍ ବିଜୟ ଉତ୍ସବ ପାଳନ ବେଳେ ବେଙ୍ଗାଲୁରୁ ଷ୍ଟାଡିୟମରେ ହୋଇଥିବା ଦଳାଚକଟା ପାଇଁ ଦାୟୀ କିଏ? କେଉଁ ପରିସ୍ଥିତିରେ ଏଭଳି ଅଘଟଣ ଘଟିଲା? ଏହାକୁ ରୋକି ହୋଇ ପାରିଥାଆନ୍ତା କି? ଏଭଳି ପ୍ରଶ୍ନକୁ ନେଇ ଛାନଭିନ ଆରମ୍ଭ ହୋଇଥିବା ବେଳେ ରାଜ୍ୟ ସରକାର ଆଜି ବେଙ୍ଗାଲୁରୁ ପୁଲିସ କମିସନର, ଡିସିପି ଏବଂ ଏସିପିଙ୍କ ସମେତ ଅନ୍ୟ କେତେକ ପୁଲିସ ଅଧିକାରୀଙ୍କୁ ସସପେଣ୍ଡ କରିଛନ୍ତି। ଏହି ସୂଚନା ଦେଇ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା କହିଛନ୍ତି, ଦଳାଚକଟା ପାଇଁ ଦାୟୀ ଆରସିବି (ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ), କର୍ଣ୍ଣାଟକ କ୍ରିକେଟ ଆସୋସିଏସନ ଏବଂ ଉତ୍ସବ ଆୟୋଜନର ଦାୟିତ୍ୱ ନେଇଥିବା ଡିଏନ୍‌ଏ ଏଣ୍ଟରଟେନମେଣ୍ଟର କର୍ମକର୍ତ୍ତାଙ୍କୁ ଗିରଫ କରାଯିବ। ଏହି ଘଟଣାର ତଦନ୍ତ ଦାୟିତ୍ୱ ସିଆଇଡିକୁ ଦିଆଯାଇଥିବା ସେ କହିଛନ୍ତି।

ଏହାପୂର୍ବରୁ ଆଜି ଆଇପିଏଲ୍ ଟ୍ରଫି ବିଜେତା ଆରସିବି ବିରୋଧରେ ଏଫଆଇଆର ଦାଖଲ କରିଥିଲା ବେଙ୍ଗାଲୁରୁ ପୁଲିସ। ଆରସିବି ସହିତ କର୍ଣ୍ଣାଟକ କ୍ରିକେଟ ଆସୋସିଏସନ୍ ଏବଂ ଉତ୍ସବର ଆୟୋଜନ ଦାୟିତ୍ୱ ନେଇଥିବା ଡିଏନ୍‌ଏ ଏଣ୍ଟରଟେନମେଣ୍ଟ ବିରୋଧରେ ମଧ୍ୟ ଏଫ୍‌ଆଇଆର ଦାଖଲ ହୋଇଛି। ଭାରତୀୟ ନ୍ୟାୟସଂହିତାର ୫ଟି ଦଫାରେ ଏହି ମାମଲା ରୁଜୁ ହୋଇଛି। ମାମଲାର ତଦନ୍ତ ଦାୟିତ୍ୱ ନେଇଥିବା ଜିଲ୍ଲା ମାଜିଷ୍ଟ୍ରେଟ୍ କହିଛନ୍ତି ଯେ କର୍ଣ୍ଣାଟକ କ୍ରିକେଟ ଆସୋସିଏସନ୍, ଆରସିବି ଏବଂ ବେଙ୍ଗାଲୁରୁ ମେଟ୍ରୋକୁ ମଧ୍ୟ ନୋଟିସ ଜାରି କରାଯିବ। କୁହାଯାଉଛି ଯେ ଉତ୍ସବ ପୂର୍ବରୁ ଆରସିବିର କେତେକ ଅଧିକାରୀ ସାମାଜିକ ଗଣମାଧ୍ୟମରେ ଯେଉଁ ସୂଚନା ଦେଇଥିଲେ ତାହା ହେଉଛି ଦଳାଚକଟାର ଅନ୍ୟତମ କାରଣ। ଏଥିରେ ସୂଚନା ଦିଆଯାଇଥିଲା ଯେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ

## ■ ଏସିପି, ଡିସିପି ମଧ୍ୟ ସସ୍‌ପେଣ୍ଡ
## ■ ରିପୋର୍ଟ ମାଗିଲେ ହାଇକୋର୍ଟ

ସାଧାରଣ ବିଜୟ ଉତ୍ସବ ପାଳନ କରାଯିବ ଏବଂ ଷ୍ଟାଡିୟମରେ ପ୍ରବେଶକୁ ଶୁଳ୍କ ମୁକ୍ତ କରାଯାଇଛି। ଏହି ସୂଚନା ପାଇବା ପରେ ଲୋକଙ୍କ ଭିଡ଼ ଅସମ୍ଭାଳ ହୋଇପଡ଼ିଥିଲା। ଯେଉଁଥିପାଇଁ ଦଳାଚକଟା ହୋଇ ୧୧ ଜଣ ପ୍ରାଣ ହରାଇଥିଲେ ଏବଂ ୫୦ରୁ ଅଧିକ ଆହତ ହୋଇଥିଲେ। ସାମାଜିକ ଗଣମାଧ୍ୟମରେ ଏଭଳି ସୂଚନା ଦେଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ଇତିମଧ୍ୟରେ କର୍ଣ୍ଣାଟକ ହାଇକୋର୍ଟ ମାମଲାରେ ହସ୍ତକ୍ଷେପ କରିବା ସହିତ ସରକାରଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ଜୁନ୍ ୧୦ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଆଜି ମାମଲାର ଶୁଣାଣି ବେଳେ ଆଡଭୋକେଟ ଜେନେରାଲ ଆରସିବି ଅଧିକାରୀଙ୍କୁ ଦୋଷ ଦେଇ କହିଲେ ଯେ ତାଙ୍କର ସୋସିଆଲ ମିଡିଆ ପୋଷ୍ଟ ଯୋଗୁଁ ଦଳାଚକଟା ହୋଇଛି। ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ସେ କହିଲେ ଯେ ଆଉ କେଉଁ କାରଣ ପାଇଁ ଏଭଳି ଦୁଃଖଦ ଘଟଣା ଘଟିଲା, ତାହାର ଯାଞ୍ଚ କରାଯିବ। ଭବିଷ୍ୟତରେ ଯେମିତି ଏହାର ପୁନରାବୃତ୍ତି ନହୁଏ ସେଥିଲାଗି ଉଦ୍ୟମ କରାଯିବ।

ତେବେ ଗତକାଲିର ଅଘଟଣକୁ ନେଇ ଦୋଷ ଲଦାଲଦି ଜାରି ରହିଛି। ସରକାର ଏଥିପାଇଁ ଆରସିବି ଏବଂ କ୍ରିକେଟ ଆସୋସିଏସନକୁ ଦାୟୀ କରିଛନ୍ତି। ଅନ୍ୟପକ୍ଷରେ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟ ପୁଲିସ ପ୍ରଶାସନ ସରକାରଙ୍କ ଆଡ଼କୁ ଦୋଷ ଠେଲିବାକୁ ଚେଷ୍ଟା କରିଛି। ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ ଏହି ବିଜୟ ଉତ୍ସବ ରବିବାର ପାଳନ କରିବା ଲାଗି ପୁଲିସ ପକ୍ଷରୁ କୁହାଯାଇଥିଲା। କିନ୍ତୁ ସରକାର ପୁଲିସ କଥା ନଶୁଣି ଉତ୍ସବ ପାଇଁ ଅନୁମତି ଦେଇଦେଲେ। ଅନ୍ୟପକ୍ଷରେ ଅଘଟଣ ପାଇଁ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କୁ ଦାୟୀ କରିଛି ବିଜେପି। ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଯାଉ ବୋଲି ଦଳ ଦାବି କରିଛି।

ଗତକାଲିର ଏହି ଦୁଃଖଦ ଘଟଣା ନେଇ ଆରସିବି ଶୋକ ପ୍ରକାଶ କରିବା ସହିତ ମୃତ ବ୍ୟକ୍ତିଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେବାକୁ ଘୋଷଣା କରିଛି।



# ଗାଜା ଅସ୍ତ୍ରବିରତିରେ ଆମେରିକାର ଭିଟୋ

ୱାଶିଂଟନ, ୫।୬(ଏଜେନ୍ସି): ଆମେରିକା ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଗାଜାରେ ଅସ୍ତ୍ରବିରତି ଲାଗୁ କରିବା ନେଇ ଆଗତ ହୋଇଥିବା ପ୍ରସ୍ତାବ ଉପରେ ଭିଟୋ ଲଗାଇଛି। ୟୁଏନ୍‌ଏସ୍‌ସିରେ ବୁଧବାର ଏନେଇ ମତଦାନ ହୋଇଥିଲା। ଏଥିରେ ୧୫ଟି ଦେଶରୁ ୧୪ଟି ଦେଶ ଗାଜାରେ ଅସ୍ତ୍ରବିରତି ପକ୍ଷରେ ମତ ଦେଇଥିଲେ। ଏକମାତ୍ର ଦେଶ ଭାବେ ଆମେରିକାର ଏହି ପ୍ରସ୍ତାବି ବିରୋଧରେ ଭୋଟ୍ ଦେଇଥିଲା। ଏହି ପ୍ରସ୍ତାବରେ ସବୁ ବନ୍ଦୀମାନଙ୍କୁ ମୁକ୍ତି କରିବା ଓ ମାନବୀୟ ସହାୟତା ନେଇ ଲାଗୁ ହୋଇଥିବା ସବୁପ୍ରକାର ପ୍ରତିବନ୍ଧକକୁ ହଟାଇବା ନେଇ ଦାବି କରାଯାଇଥିଲା। କିନ୍ତୁ ଆମେରିକା ଏହି ପ୍ରସ୍ତାବ ବିରୋଧରେ ଖୋଲାଖୋଲି ମତ ଦେଇଥିଲା। ଏହାକୁ ରୋକିବା ପାଇଁ ଆମେରିକା ତା'ର ଭିଟୋ କ୍ଷମତାର ବ୍ୟବହାର କରିଥିଲା। ଏହି ପ୍ରସ୍ତାବ ଅସ୍ତ୍ରବିରତି ନେଇ ଚାଲିଥିବା 'କୂଟନୈତିକ ପ୍ରୟାସ'କୁ ଦୁର୍ବଳ କରିବ ବୋଲି ଆମେରିକାର ରାଜଦୂତ ଡେରୋଥି ଶିଆ କହିଛନ୍ତି। ସୁରକ୍ଷା ପରିଷଦରେ ୧୦ଟି ଦେଶ ଯଥା, ଆଲଜେରିଆ, ଡେନମାର୍କ, ଗ୍ରୀସ୍, ଗୁଏନା, ପାକିସ୍ତାନ, ପାନାମା, କୋରିଆ ଗଣରାଜ୍ୟ, ସିଏରା ଲିଓନ, ସ୍ଲୋଭେନିଆ ଓ ସୋମାଲିଆ ଏହି ପ୍ରସ୍ତାବକୁ ପ୍ରସ୍ତୁତ୍ କରିଥିଲେ। ଏହାକୁ ବ୍ରିଟେନ, ଫ୍ରାନ୍ସ, ରୁଷ ଓ ଚୀନ୍ ଭଳି ବିକଶିତ ଦେଶ ସମର୍ଥନ କରିଥିଲେ। ଏନେଇ ମତଦାନ ଆରମ୍ଭ ହେବା ପୂର୍ବରୁ ଆମେରିକା ଏହ ପ୍ରସ୍ତାବକୁ ସମର୍ଥନ କରୁନାହିଁ ଓ ନିଜକୁ ରକ୍ଷା କରିବାକୁ ଇସ୍ରାଏଲ୍‌ର ପୂରା ଅଧିକାର ରହିଛି ବୋଲି ଆମେରିକାର କାର୍ଯ୍ୟକାରୀ ରାଜଦୂତ ଡୋରେଥି ଶିଆ ସ୍ପଷ୍ଟ କରିଥିଲେ। ଉଲ୍ଲେଖଥାଉ କି, ଇସ୍ରାଏଲ୍ ଓ ହମାସ ମଧ୍ୟ ଚାଲିଥିବା ଏହି ଯୁଦ୍ଧରେ ଏପର୍ଯ୍ୟନ୍ତ ୫୫ ହଜାର ପାଲେଷ୍ଟାଇନ୍ ନାଗରିକ ପ୍ରାଣ ହରାଇଛନ୍ତି। ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲ୍‌ରେ ହମାସର ଆକ୍ରମଣ ପରେ ଏହି ସଂଘର୍ଷ ଚାଲୁରହିଛି।

# ପାକିସ୍ତାନରେ ଅହମ୍ମଦିଆଙ୍କୁ ଇଦ୍ ପାଳନ ମନା

ଇସ୍ଲାମାବାଦ୍, ୫।୬(ଏଜେନ୍ସି): ପାକିସ୍ତାନର ସିନ୍ଧ୍ ଓ ପଞ୍ଜାବ ପ୍ରଦେଶରେ ଅହମ୍ମଦିଆ ମୁସଲମାନଙ୍କ ଉପରେ ପୁଣିଥରେ ବୈମାତୃକ ମନୋଭାବ ପୋଷଣ କରାଯାଉଥିବା ଦେଖିବାକୁ ମିଳିଛି। ଏହି ଦୁଇଟି ରାଜ୍ୟରେ ଅହମ୍ମଦିଆ ମୁସଲମାନଙ୍କୁ ଇଦ୍ ପାଳନ କରିବାକୁ ବାରଣ କରାଯାଇଛି। ଏଥିପାଇଁ ସେମାନଙ୍କଠାରୁ ଜୋର ଜବରଦସ୍ତି ଆଫିଡେବିଟ୍ କାଗଜରେ ଦସ୍ତଖତ ନିଆଯାଉଛି। ପଞ୍ଜାବରେ ଯଦି ଅହମ୍ମଦିଆମାନେ ଇଦ୍ ପାଳନ କରନ୍ତି ତେବେ ସେମାନଙ୍କଠାରୁ ୫ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ତାଗିଦ୍ କରାଯାଇଛି। ପଞ୍ଜାବ ଓ ସିନ୍ଧ୍‌ରେ ଏମାନଙ୍କୁ ସେମାନଙ୍କ ଘରେ ମଧ୍ୟ କୌଣସି ଧାର୍ମିକ କାର୍ଯ୍ୟ କରିବାକୁ ବାରଣ କରାଯାଇଛି। ଏପରିକି ପୁଲିସ୍ ମଧ୍ୟ ଅହମ୍ମଦିଆ ମୁସଲମାନଙ୍କୁ ଗିରଫ୍ କରି ସେମାନଙ୍କଠାରୁ ଧମକ ଦେଇ ଆଫିଡେବିଟ୍‌ରେ ଦସ୍ତଖତ କରାଇନେଉଛି ବୋଲି ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟରୁ ଜଣାଯାଇଛି। ଉଲ୍ଲେଖଥାଉ କି, ପାକିସ୍ତାନରେ ୨୦ ଲକ୍ଷ ଅହମ୍ମଦିଆ ବସବାଦ କରୁଛନ୍ତି ଓ ଏମାନେ ଧାର୍ମିକ ଉତ୍ପିଡନର ଶିକାର ହେଉଛନ୍ତି। ପାକିସ୍ତାନରେ ଏମାନେ ସବୁବେଳେ କଟରପନ୍ଥୀଙ୍କ ଟାର୍ଗେଟ୍‌ରେ ରହିଆସିଛନ୍ତି। ପଞ୍ଜାବରେ ଅତିକମ୍‌ରେ ୩୬ଜଣ ଅହମ୍ମଦିଆଙ୍କୁ ଗରିଫ କରିବା ସହ ସେମାନଙ୍କ ଇଦ୍ ପାଳନ ପାଇଁ ବାରଣ କରାଯାଉଛି। ୧୯୭୪ରେ ସମ୍ବିଧାନ ସଂଶୋଧନ କରାଯାଇ ଏମାନଙ୍କୁ ମୁସଲମାନ ଭାବେ ପରିଗଣିତ କରାଯାଉନାହିଁ। ସେମାନଙ୍କୁ କୁରାନ ପଢ଼ିବାକୁ, ନମାଜ ପଢ଼ିବାକୁ ଓ ଅନ୍ୟ ଧାର୍ମିକ କାର୍ଯ୍ୟ ପାଳନ କରିବାକୁ ବାରଣ କରାଯାଇଛି।



# ୧୨ ଦେଶର ନାଗରିକଙ୍କ ଆମେରିକା ପ୍ରବେଶ ଉପରେ କଟକଣା

ୱାଶିଂଟନ, ୫।୬(ଏଜେନ୍ସି): ଆମେରିକାରେ ୧୨ଟି ଦେଶର ନାଗରିକଙ୍କୁ ପ୍ରବେଶ କରିବା ପାଇଁ ବାରଣ କରାଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୧୨ଟି ଦେଶର ନାଗରିକଙ୍କ ପ୍ରବେଶ ଉପରେ ସମ୍ପୂର୍ଣ୍ଣ ଭାବେ ନିଷେଧାଦେଶ ଜାରି କରିଛନ୍ତି। ଆମେରିକାର ନିରାପତ୍ତା ଓ ନାଗରିକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏପରି ଚରମ ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି। ଏହାକୁ ବାଦ୍ ଦେଲେ ୭ଟି ଦେଶର ନାଗରିକଙ୍କୁ ଆମେରିକାର ପ୍ରବେଶ ପାଇଁ ଆଂଶିକ ଭାବେ ବାରଣ କରାଯାଇଛି। ତେବେ ଆତଙ୍କବାଦର ଗଡ଼ ପାକିସ୍ତାନ ଆଶ୍ଚର୍ଯ୍ୟଜନକ ଭାବେ ଏଥିରୁ ବାଦ୍ ପଡ଼ିଛି।

ଏହି ନିୟମ ଇମିଗ୍ରେସନ ଓ ନନ୍ ଇମିଗ୍ରେସନ ଦୁଇ ପ୍ରକାର ଭିସା ଉପରେ ଲାଗୁ ହେବ। 'ଆମେରିକାକୁ ଏଭଳି ବିଦେଶୀମାନଙ୍କଠାରୁ ସୁରକ୍ଷିତ ରଖିବାର ଆବଶ୍ୟକତା ରହିଛି' ଯେଉଁମାନେ ଆତଙ୍କବାଦୀ ଆକ୍ରମଣ ଓ ରାଷ୍ଟ୍ରୀୟ ସୁରକ୍ଷାକୁ ବିପଦରେ ପକାଉଛନ୍ତି, ଘୃଣାଭାବ ସୃଷ୍ଟି କରିବା ସହ ଏହାର ପ୍ରଚାର କରୁଛନ୍ତି। ଏମାାନେ ଅପ୍ରବାସ ନିୟମର ଭୁଲ ଫାଇଦା ଉଠାଉଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। କେବଳ ସେତିକି ନୁାହେଁ, ଭିସା ପ୍ରଦାନ କରିବାବେଳେ ସାବଧାନତା ଅବଲମ୍ବନ କରିବାକୁ ସେ କଡ଼ାକଡ଼ି ଭାବେ ପରାମର୍ଶ ଦେଇଛନ୍ତି। ଯେଉଁମାନେ ଆମେରିକାର ସ୍ୱାର୍ଥରେ କ୍ଷତି ପହଞ୍ଚାଇବାର ଆଶଙ୍କା ରହିଛି, ସେମାନଙ୍କୁ ଭିଜା ଦେବା ଉଚିତ ନୁହଁ ଓ ଏଭଳି ବ୍ୟକ୍ତିଙ୍କୁ ଆମେରିକାର ଆବଶ୍ୟକ କରେନାହିଁ। ଆତଙ୍କବାଦକୁ ରୋକିବା ପାଇଁ ଏହି ପ୍ରତିବନ୍ଧ ନିହାତି ଜରୁରୀ ବୋଲି ସେ କହିଛନ୍ତି। ଆଫଗାନିସ୍ତାନ ଓ ମ୍ୟାନମାନର ନେଇ ଆମେରିକା ସଫେଇ ଦେଇଛି। ଆଫଗାନିସ୍ତାନରେ ତାଲିବାନ ଭଳି ଆତଙ୍କବାଦୀ ସଂଗଠନ ଶାସନ କରୁଛି। ପୁଣି ମ୍ୟାନମାର ନାଗରିକଙ୍କ ଭିଜା ଅବଧି ଶେଷ ହୋଇଥିଲେ ମଧ୍ୟ ସେମାନେ ଆମେରିକାର ଛାଡୁ ନାହାନ୍ତି। ତେଣୁ ବାସନ୍ଦ ତାଲିକାରେ ଏହି ଦୁଇଦେଶକୁ ସାମିଲ କରାଯାଇଛି ବୋଲି କୁହାଯାଇଛି। ରିପୋର୍ଟ ଅନୁସାରେ ମ୍ୟାନମାରର ବି୧ ଓ ବି୨ ଭିଜା ପାଇଥିବା ୨୭.୦୭ ପ୍ରତିଶତ ଏବଂ ଏଫ୍, ଏମ୍, ଜେ ଭିଜା ପାଇ ଆମେରିକାର ଆସିଥିବା ୪୨.୧୭ ପ୍ରତିଶତ ନାଗରିକ ନିର୍ଦ୍ଧାରିତ ସମୟ ଶେଷ ହୋଇଥିଲେ ମଧ୍ୟ ଅଧିକ ସମୟ ରହୁଛନ୍ତି। ପୁଣି ମ୍ୟାନମାର ସରକାର ନିଜ ନାଗରିକଙ୍କୁ ଫେରାଇ ନେବା ପ୍ରକ୍ରିୟାରେ ସହଯୋଗ କରୁନାହିଁ ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଛି।

## ■ ଆତଙ୍କବାଦୀ ଆକ୍ରମଣ ପରେ ଟ୍ରମ୍ପଙ୍କ କାର୍ଯ୍ୟାନୁଷ୍ଠାନ
## ■ ବାଦ୍ ପଡ଼ିଲା ପାକିସ୍ତାନ

### ୭ ମୁସଲମାନ ବହୁଳ ଦେଶ ୨୦୧୭ରେ ବ୍ୟାନ୍ ହୋଇଥିଲେ

ଟ୍ରମ୍ପଙ୍କ ଏଭଳି କଟକଣା ଆମେରିକାର ପାଇଁ ନୂଆନୁହେଁ। ଟ୍ରମ୍ପ ତାଙ୍କର ପ୍ରଥମ କାର୍ଯକାଳରେ ୨୦୧୭ରେ ଏଭଳି ଟ୍ରାଭେଲ ବ୍ୟାନ ଲଗାଇଥିଲେ। ଏହାକୁ ସାଧାରଣତଃ ମୁସ୍‌ଲିମ ବ୍ୟାନ୍ ବୋଲି କୁହାଯାଇଥାଏ। ଏଥିରେ ଅଧିକାଂଶ ମୁସ୍‌ଲିମ୍ ଦେଶଗୁଡିକ ସାମିଲ ଥିଲେ। ସେତେବେଳେ ସେ ୭ଟି ଦେଶକୁ ଆମେରିକାର ପ୍ରବେଶ ପାଇଁ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍ କରିଥିଲେ। ଏହି ଦେଶ୍‌ଗୁଡିକ ହେଲା ଇରାକ, ଇରାନ, ଲିବିଆ, ସୋମାଲିଆ, ସୁଦାନ, ସିରିଆ ଓ ୟେମେନ। ଅବଶ୍ୟ ପରେ ଏଥିରେ ପରିବର୍ତ୍ତନ କରାଯାଇ ଇରାକକୁ ଏହି ତାଲିକାରୁ ବାଦ୍ ଦିଆଯାଇଥିଲା। ସେହିପରି ସୁଦାନକୁ ହଟାଇ ଚାଦ୍‌କୁ ସାମିଲ କରାଯାଇଥିଲା। ପୁଣି ଉତ୍ତର କୋରିଆ ଓ ଭେନେଜୁଏଲା ଭଳି ଅଣ-ମୁସ୍‌ଲିମ ଦେଶ ଦ୍ୱୟକୁ ସାମିଲ କରାଯାଇଥିଲା। ଧାର୍ମିକ ଭେଦଭାବ ଭଳି ଅପବାଦକୁ ଦୃଷ୍ଟିରେ ରଖି ଏହି ଦୁଇ ଦେଶକୁ ସାମିଲ କରିଥିଲା। ସମ୍ପୂର୍ଣ୍ଣ ଭାବେ ବାସନ୍ଦ ହୋଇଥିବା ୧୨ ଦେଶ- ଆଫଗାନିସ୍ତାନ, ମ୍ୟାନମାର, ଚାଦ୍, କଙ୍ଗୋ, ଏରିଟ୍ରିଆ, ହାଇତି, ଇରାନ, ଲିବିଆ, ସୋମାଲିଆ, ସୁଦାନ ଓ ୟେମେନ। ଆଂଶିକ ଭାବେ ବାରଣ ହୋଇଥିବା ଦେଶ- ବୁରୁଣ୍ଡି, କ୍ୟୁବା, ଲାଓସ, ସିଏରା ଲିଓନ, ଟୋଗୋ, ତୁର୍କମେନିସ୍ତାନ ଓ ଭେନେଜୁଏଲା।

# ଭାରତରେ ନିର୍ମାଣ ହେବ ରାଫେଲ୍ ଯନ୍ତ୍ରାଂଶ

ନୂଆଦିଲ୍ଲୀ, ୫।୬(ଏଜେନ୍ସି): ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ମିଳିଛି ଆଉ ଏକ ବଡ଼ ସଫଳତା। ଫ୍ରାନ୍ସରୁ ଅଣାଯାଇଥିବା ରାଫେଲ୍ ଯୁଦ୍ଧ ବିମାନର ଯନ୍ତ୍ରାଂଶ ଏବେ ଭାରତରେ ତିଆରି ହେବ। ଏହା ପ୍ରସ୍ତାବିତ ହାଇଦ୍ରାବାଦ ପ୍ଲାଣ୍ଟରେ ନିର୍ମାଣ ହେବ, ଯାହାକୁ 'ଫ୍ୟୁଜଲାଜ୍' କୁହାଯାଉଛି। ଏ ନେଇ ରାଫେଲ୍ ବିମାନର ନିର୍ମାତା ଦାସଲ୍ଟ ଏଭିଏସନ ଟାଟା ଆଡ୍‌ଭାନ୍ସଡ ସିଷ୍ଟମ ଲିମିଟେଡ୍ (ଟିଏଏସଏଲ) ସହିତ ଚୁକ୍ତି ସ୍ୱାକ୍ଷର କରିଛି। ଭାରତୀୟ ବଜାର ସହିତ ବିଶ୍ୱ ବଜାର ପାଇଁ ଏଠାରୁ ଯୁଦ୍ଧ ବିମାନର ବଡି ତିଆରି କରାଯିବ। ତେବେ ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଇତିହାସରେ ପ୍ରଥମ ଥର ପାଇଁ ରାଫେଲ ଯୁଦ୍ଧ ବିମାନର ବଡି ଫ୍ରାନ୍ସ ବାହାରେ କୌଣସି ଦେଶରେ ନିର୍ମାଣ ହେବାକୁ ଯାଉଛି।

ଦାସଲ୍ଟ ଓ ଟିଏଏସଏଲ୍ ଦ୍ୱାରା ହୋଇଥିବା ଚୁକ୍ତି ଅନୁସାରେ ଉଭୟ କମ୍ପାନୀ ମଧ୍ୟରେ ୪ଟି ପ୍ରଡକ୍ସନ ଟ୍ରାନ୍ସଫର ଏଗ୍ରିମେଣ୍ଟ (ଉତ୍ପାଦନ ସ୍ଥାନାନ୍ତର ଚୁକ୍ତିନାମା) ସ୍ୱାକ୍ଷରିତ ହୋଇଛି। ପ୍ରଥମ ବଡି ପାର୍ଟ ନିର୍ମାଣ ସେକ୍ସନଗୁଡ଼ିକ ୨୦୨୮ ଆର୍ଥିକ ବର୍ଷ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ଯାହାର ଉତ୍ପାଦନ କ୍ଷମତା ପ୍ରତି ମାସରେ ଦୁଇଟି ସମ୍ପୂର୍ଣ୍ଣ ବଡି ନିର୍ମାଣ କରାଯିବ। ହାଇଦ୍ରାବାଦରେ ବିମାନର ପ୍ରମୁଖ ଗଠନାତ୍ମକ ଅଂଶ ନିର୍ମାଣ ପାଇଁ ଏକ ସ୍ୱତନ୍ତ୍ର ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ, ଯେଉଁଥିରେ ସେଣ୍ଟ୍ରାଲ ଫ୍ୟୁଜେଲେଜ୍, ପଛ ଭାଗ, ପାର୍ଶ୍ୱ ପଛ ସେଲ୍ ଏବଂ ସମ୍ମୁଖ ଅଂଶ ଆଦି ତିଆରି ହେବ। 'ମେକ୍ ଇନ୍ ଇଣ୍ଡିଆ' ଏବଂ ଆତ୍ମନିର୍ଭର ଭାରତ ପଦକ୍ଷେପ ଅନ୍ତର୍ଗତ ଭାରତର ରଣନୈତିକ ଲକ୍ଷ୍ୟ ସହିତ ସମନ୍ୱିତ ରକ୍ଷା କରି ଏହି ଚୁକ୍ତି କରାଯାଇଛି। ଦାସଲ୍ଟ ଆଭିଏସନ୍‌ର ଅଧ୍ୟକ୍ଷ ଏବଂ ସିଇଓ ଏରିକ୍ ଟ୍ରାପିଅର୍ କହିଛନ୍ତି ଯେ ଏହି ସହଭାଗିତା ଭାରତରେ ଆମର ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ପାଇଁ ଏକ ନିର୍ଣ୍ଣାୟକ ପଦକ୍ଷେପ ହେବ। ଉଲ୍ଲେଖଯୋଗ୍ୟ ଯେ ଟିଏଏସଏଲ୍ ଭଳିଭାରତୀୟ ଏରୋସ୍ପେସ୍ କମ୍ପାନୀଗୁଡ଼ିକ ସହିତ ସହଯୋଗିତା କରିବା ପାଇଁ କମ୍ପାନୀର ଏହା ଦୀର୍ଘକାଳୀନ ରଣନୀତି ବୋଲି କୁହାଯାଉଛି। ଟିଏଏସଏଲ୍‌ର ସିଇଓ ଏବଂ ଏମ୍‌ଡି ସୁକରଣ ସିଂହ ଏହି ସହଭାଗିତାକୁ ଭାରତର ମହାକାଶ ଯାତ୍ରାରେ ଏକ ମାଇଲ୍‌ଖୁଣ୍ଟ ବୋଲି କହିଛନ୍ତି।

## ■ ଇତିହାସରେ ପ୍ରଥମଥର ଫ୍ରାନ୍ସ ବାହାରେ ହେବ ଉତ୍ପାଦନ
## ■ ଦାସଲ୍‌ଟ ଏଭିଏସନ୍-ଟାଟା ଆଡ୍‌ଭାନ୍ସଡ ସିଷ୍ଟମ ଲିମିଟେଡ୍ ଚୁକ୍ତି
## ■ ହାଇଦ୍ରାବାଦରେ ପ୍ରତିଷ୍ଠା ହେବ ପ୍ଲାଣ୍ଟ



# ଶର୍ମିଷ୍ଠାଙ୍କୁ ଅନ୍ତରୀଣ ଜାମିନ୍

କୋଲକାତା, ୫।୬(ଏଜେନ୍ସି): ଇନଷ୍ଟାଗ୍ରାମ୍ ଇନ୍‌ଫ୍ଲୁଏନ୍ସର ଶର୍ମିଷ୍ଠା ପାନୋଲିଙ୍କୁ ଅନ୍ତରୀଣ ଜାମିନ୍ ମିଳିଛି। କୋଲକାତା ହାଇକୋର୍ଟ ଗୁରୁବାର ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଅପରେସନ୍ ସିନ୍ଦୂରକୁ ନେଇ ସେ ସାମାଜିକ ଗଣମାଧ୍ୟମରେ ଏକ ଆପତ୍ତିଜନକ ତଥା ସାମ୍ପ୍ରଦାୟିକ ପୋଷ୍ଟ କରି ଚର୍ଚ୍ଚାକୁ ଆସିଥିଲେ। ୧୦ ହଜାର ଟଙ୍କା ମୁଚାଲିକାରେ ତାଙ୍କୁ ସର୍ତ୍ତମୂଳକ ଭାବେ ଏହି ଜାମିନ ପ୍ରଦାନ କରାଯାଇଛି।



କୋର୍ଟ ଗତ ୩ ତାରିଖରେ କିନ୍ତୁ ତାଙ୍କ ଜାମିନ ଆବେଦନକୁ ଖାରଜ୍ କରିଥିଲେ। ତାଙ୍କୁ ନିରାପତ୍ତା ତଥା ସୁରକ୍ଷା ଯୋଗାଇଦେବା ପାଇଁ ପୁଲିସ୍‌କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜାମିନ ଦେବା ସହ କୋର୍ଟ ତାଙ୍କ ପାଇଁ କେତୋଟି ସର୍ତ୍ତ ଲାଗୁ କରିଛନ୍ତି। ସେ ଦେଶ ଛାଡି ବାହାରକୁ ଯାଇପାରିବେ ନାହିଁ। ବିଦେଶକୁ ଯିବାକୁ ହେଲେ ତାଙ୍କୁ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ (ସିଜେଏମ୍)ଙ୍କ ଅନୁମତି ନେବାକୁ ହେବ। ପୁଣି ତାଙ୍କୁ ନିଜର ପାସପୋର୍ଟ ଦାଖଲ କରିବାକୁ ହେବ। ଶର୍ମିଷ୍ଠା ତଦନ୍ତରେ ସହଯୋଗ କରିବା ସହ ତାଙ୍କୁ ବେଲ୍ ବଣ୍ଡ ଉପରେ ସ୍ୱାକ୍ଷର କରିବାକୁ ହେବ। ଉଲ୍ଲେଖଥାଉ କି, ୨୨ ବର୍ଷୀୟା ଶର୍ମିଷ୍ଠାଙ୍କୁ ଗତ ମେ ୩୦ରେ ଗୁରୁଗ୍ରାମ୍‌ରେ ଗିରଫ କରାଯାଇଥିଲା। କୋର୍ଟ ତାଙ୍କୁ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇଥିଲେ। ସେ ପୋଷ୍ଟ କରିଥିବା ନିଜ ଭିଡିଓରେ ଇସ୍‌ଲାମ ଧର୍ମ ଉପରେ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ତେବେ ସମାଲୋଚନା ପରେ ସେ ଏହି ଭିଡିଓକୁ ହଟାଇ ଦେଇଥିଲେ।

# ରାହୁଲଙ୍କ 'ନରେନ୍ଦର ସରେଣ୍ଡର' ଏବଂ ଥରୁରଙ୍କ ପ୍ରତିକ୍ରିୟା

ନୂଆଦିଲ୍ଲୀ, ୫।୬(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ପ୍ରଧାନମନ୍ତ୍ରୀ ମୋଦୀ ଅପରେସନ ସିନ୍ଦୂରକୁ ବନ୍ଦ କରିଦେଲେ ବୋଲି ବିରୋଧୀ ଦଳର ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ତାଙ୍କ ଦଳର ସାଂସଦ ଶଶୀ ଥରୁର। ଥରୁର କହିଛନ୍ତି ଯେ ଭାରତ କାହାରି ଚାପରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିନାହିଁ। ଅପରେସନ ସିନ୍ଦୂର ସଂପର୍କରେ ବିଶ୍ୱ ନେତାମାନଙ୍କୁ ଅବଗତ କରିବା ଉାଦ୍ଦେଶ୍ୟରେ ଆମେରିକା ଗସ୍ତରେ ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଉଥିବା ସାଂସଦ ଶଶୀ ଥରୁର ରାହୁଲ ଗାନ୍ଧୀଙ୍କ 'ନରେନ୍ଦର ସରେଣ୍ଡର' ମନ୍ତବ୍ୟକୁ ପରୋକ୍ଷରେ ନାପସନ୍ଦ କରିଛନ୍ତି। ଅପରେସନ ସିନ୍ଦୂର ବେଳେ ଟ୍ରମ୍ପଙ୍କ ଚାପରେ ମୋଦୀ ଆତ୍ମସମର୍ପଣ କରିଥିଲେ ଓ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ ବୋଲି ରାହୁଲ କହିଥିଲେ। କିନ୍ତୁ ଥରୁର ଏହାକୁ ପରୋକ୍ଷରେ ଖଣ୍ଡନ କରିଛନ୍ତି। ଭାରତ କାହାର ପରାମର୍ଶ ବା ମଧ୍ୟସ୍ଥତା ଆବଶ୍ୟକ କରୁନାହିଁ ବୋଲି ସେ କହିଥିଲେ। ସେ କହିଲେ ଯେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି। ସେ ପାକିସ୍ତାନକୁ କ'ଣ କହିଛନ୍ତି ଆମକୁ ଜଣାନାହିଁ। କିନ୍ତୁ ଆମକୁ କାହାର ପରାମର୍ଶ ଲୋଡା ନାହିଁ ବୋଲି ସେ ରାହୁଲଙ୍କ ନାମ ନ ନେଇ ଜବାବ୍ ଦେଇଛନ୍ତି। ସୂଚନାଯୋଗ୍ୟ ଯେ କଂଗ୍ରେସ ସହ ବିନା ପରାମର୍ଶରେ ସରକାର ଥରୁରଙ୍କୁ ପ୍ରତିନିଧି ଦଳର ନେତା କରିଥିଲେ। ଏହାକୁ କଂଗ୍ରେସ ବିରୋଧ କରିଥିବା ବେଳେ ଥରୁର ଗୌରବାନ୍ୱିତ ମନେ କରୁଛନ୍ତି ବୋଲି କହିଥିଲେ।



# ରନଥାମ୍ବୋର ବ୍ୟାଘ୍ର ଅଭୟାରଣ୍ୟରେ ଖଣି ଖନନକୁ ବ୍ୟାନ୍ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୫।୬(ଏଜେନ୍ସି): ଏକ୍ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ସୁପ୍ରିମେକୋର୍ଟ ରାଜସ୍ଥାନର ରନଥାମ୍ବୋର ବ୍ୟାଘ୍ର ଅଭୟାରଣ୍ୟରେ ସବୁ ପ୍ରକାର ଖଣି ଖନନକୁ ବ୍ୟାନ କରିଛନ୍ତି। ପ୍ରଧାନ ବିଚାରପତି ବିଆର ଗଭାଇ, ବିଚାରପତି ଅଗଷ୍ଟିନ ଜର୍ଜ ମାସି ଓ ଏଏସ୍ ଚନ୍ଦୁରକରଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଭୟାରଣ୍ୟରେ ସୃଷ୍ଟି ସମସ୍ୟା ନେଇ ହୋଇଥିବା ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାଘ୍ର ଅଭୟାରାଣ୍ୟର କେନ୍ଦ୍ର ଅଞ୍ଚଳରେ ସୃଷ୍ଟି ହୋଇଥିବା ମାନବୀୟ କାର୍ଯ୍ୟକଳାପ ଏକାଧିକ ସମସ୍ୟା ସୃଷ୍ଟି କରୁଛି ବୋଲି ଅଭିଯୋଗ ହୋଇ ଆସୁଥିଲା। ଏ ସଂକ୍ରାନ୍ତରେ ସୃଷ୍ଟି ହେଉଥିବା ଅନ୍ୟ ସମସ୍ୟାଗୁଡିକ ଉପରେ ନଜର ରଖିବା ପାଇଁ ସୁପ୍ରିମକୋର୍ଟ ଏକ ୩ ଜଣିଆ କମିଟି ଗଠନ କରିଛନ୍ତି। ଶୁଣାଣିରେ ୫ଟି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଆବେଦନକରୀ ବ୍ୟକ୍ତିଙ୍କ ଦ୍ୱାରା ଉଠାଯାଇଥିବା ଏହି ସମସ୍ୟାଗୁଡିକ ହେଲା ରିଜର୍ଭ ମଧ୍ୟରେ ରହିଥିବା ତ୍ରିନେତ୍ର ମନ୍ଦିରରେ ଲୋକଙ୍କ ଭିଡ, ରିଜର୍ଭରେ ଅବୈଧ ଖଣି ଖନନ, ଅବୈଧ ନିର୍ମାଣ ଓ ବ୍ୟବସାୟିକ ଗତିବିଧି, ବ୍ୟାଘ୍ର ଅଭୟାରଣ୍ୟରେ ସ୍ଥିତିର ସମ୍ବେଦନଶୀଳତାକୁ ସୂଚନା ଦେବାରେ ହେଉଥିବା ବିଳମ୍ବ ଏବଂ ରିଜର୍ଭ ମଧ୍ୟରେ ଐତିହାସିକ ସଂରଚନାଗୁଡିକର ସଂରକ୍ଷଣ। ବ୍ୟାଘ୍ର ଅଭୟାରଣ୍ୟ ସହ ତ୍ରିନେତ୍ର ମନ୍ଦିର ଭକ୍ତଙ୍କ ହିତକୁ ଧ୍ୟାନ ରଖିବା ନେଇ ପରାମର୍ଶ ଦେବା ସହ ସନ୍ତୁଳନ ରକ୍ଷା କରିବାକୁ ସୁପ୍ରିମକୋର୍ଟ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି।

# ୧୦୦ କୋଟି ଟଙ୍କାର ଦୁର୍ନୀତି | ବୀମା ଅର୍ଥ ପାଇଁ ହତ୍ୟା; ୫୨ ଗିରଫ

ସମ୍ଭଲ, ୫।୬(ଏଜେନ୍ସି): ଉତ୍ତରପ୍ରଦେଶର ସମ୍ଭଲ ଜିଲ୍ଲାରେ ଏକ ବଡ଼ ବୀମା ଦୁର୍ନୀତି ପଦାକୁ ଆସିଛି। ୧୦୦ କୋଟି ଟଙ୍କର ଏହି ଠକେଇ ଓ ବୀମା ଦୁର୍ନୀତିରେ ନକଲି ଦସ୍ତାବିଜ ବ୍ୟବହାର, କପଟତାପୂର୍ଣ୍ଣ ନୀତି ଓ ହତ୍ୟା ଭଳି ଜଘନ୍ୟ ଅପରାଧ ଘଟାଇଥିବାର ପ୍ରମାଣ ମିଳିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏ ନେଇ ଛାନଭିନ୍ ଆରମ୍ଭ କରିଛି। ସ୍ଥାନୀୟ ପୁଲିସଠାରୁ ଏ ସଂକ୍ରାନ୍ତରେ ଇଡି ଏଫ୍‌ଆଇରର କପି ଓ ସମ୍ପର୍କିତ ଦସ୍ତାବିଜ୍ ମାଗିଛି। ଏହି ଘଟଣାରେ ଏପର୍ଯ୍ୟନ୍ତ ୫୨ଜଣକୁ ଗରିଫ କରାଯାଇଛି ଓ ୫୦ ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ୩ ଜଣଅଭିଯୁକ୍ତ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି।

ଅଭିଯୁକ୍ତମାନେ ଯୁବକମାନଙ୍କୁ ଟାର୍ଗେଟ କରୁଥିଲେ ଓ ବୀମା ଅର୍ଥ ପାଇଁ କେତେକ କ୍ଷେତ୍ରରେ ସେମାନଙ୍କୁ ହତ୍ୟା କରିବାକୁ ପଛାଉ ନଥିଲେ। ଏହି ଦୁର୍ନୀତିର ଜାଲ ୧୨ଟି ରାଜ୍ୟକୁ ବ୍ୟାପିଛି ଓ ଏପର୍ଯ୍ୟନ୍ତ ୧୭ଟି ଏଫ୍‌ଆଇଆର ହୋଇଛି ବୋଲି କୁହାଯାଇଛି। ଏହି ହତ୍ୟା ମାମଲାଗୁଡିକରେ ବୀମା ପଲିସି ଧାରକମାନଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଟଙ୍କା ପାଇଁ ଷଡ଼ଯନ୍ତ୍ରପୂର୍ବକ ସେମାନଙ୍କୁ ହତ୍ୟା କରାଯାଇଛି ବୋଲି ଅନୁମାନ କରାଯାଉଛି ବୋଲି ସମ୍ଭଲ ଏଏସ୍‌ପି(ଦକ୍ଷିଣ) ଅନୁକ୍ରିତ୍ ଶର୍ମା କହିଛନ୍ତି। କେତୋଟି ମାମଲାରେ ଏଫ୍‌ଆଇଆରକୁ କ୍ଲୋଜ୍ ମଧ୍ୟ କରାଯାଇଛି। କିନ୍ତୁ କେତେକ ଅନିୟମିତତାକୁ ଦୃଷ୍ଟିରେ ରଖି ପୁଲିସ୍ ଏହା ମାମାଲଗୁଡିକୁ ରି ଓପନ କରିଛି। ଏଥିରେ ୨୯ଟି ନକଲି ମୃତ୍ୟୁ ପ୍ରମାଣପତ୍ରର ବ୍ୟବହାର ହୋଇଛି ଓ ଆଉ କେତୋଟି ମାମଲରେ ସତରେ ମୃତ୍ୟୁ ଘଟିଥିଲେ ମଧ୍ୟ ବୀମା ପାଇବା ପାଇଁ ତାରିଖରେ ବେନିୟମ ଭାବେ ବଦଳ କରାଯାଇଛି। ଏହି ଦୁର୍ନୀତ କେବଳ ସମ୍ଭଲ ଜିଲ୍ଲାରେ ସୀମିତ ରହିନାହିଁ। ଏହା ଅମରୋହା, ବଦାୟୁଁ ଓ ମୋରାଦାବାଦ ଭଳି ପାଶ୍ୱବର୍ତ୍ତୀ ଜିଲ୍ଲାକୁ ଲମ୍ବିଛି। ଏହି ଦୁର୍ନୀତି ୧୦୦ କୋଟି ଟଙ୍କାକୁ ଟପିଛି ଓ ତଦନ୍ତ ପ୍ରକ୍ରିୟା ଆଗକୁ ଚାଲିଥିରେ ଏହି ପରିମାଣରେ ଆହୁରି ବୃଦ୍ଧି ଘଟିବ ବୋଲି ପୁଲିସ କହିଛି। ବିଭିନ୍ନ ବୀମା କମ୍ପାନୀଗୁଡିକଠାରୁ ସବିଶେଷ ତଥ୍ୟ ମଗା ଯାଇଛି ଓ ଅନ୍ୟ ସଂନ୍ଦୀଗ୍ଧଙ୍କୁ ଗିରଫ କରିବା ପାଇଁ ଏବେ ରେକର୍ଡ ସବୁକୁ ଯାଞ୍ଚ୍ କରାଯାଉଛି। ଏହି ମାମଲାରେ ବିଭିନ୍ନ ଆଶାକର୍ମୀ, ସ୍ୱାସ୍ଥ୍ୟ ବିଭାବା ଓ ବୀମା କମ୍ପାନୀରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ସାମିଲ ରହିଛନ୍ତି। ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିଲେ ଗିରଫ୍ ସଂଖ୍ୟାରେ ଆହୁରି ବୃଦ୍ଧି ଘଟିବ ବୋଲି ଶର୍ମା କହିଛନ୍ତି।

## ଫ୍ରେଞ୍ଚ ଓପନ୍ ଫାଇନାଲରେ ସାବାଲେଙ୍କା



ପ୍ୟାରିସ, ୫।୬ (ଏଜେନ୍ସି): ବିଶ୍ୱର ଏକ ନମ୍ବର ଖେଳାଳି ବେଲାରୁଷର ଆରିନା ସାବାଲେଙ୍କା ଏଠାରେ ଚାଲିଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ମହିଳା ଏକକ ସେମିଫାଇନାଲ ମୁକାବିଲାରେ ସାବାଲେଙ୍କା ୭-୬ (୭/୧), ୪-୬, ୬-୦ ସେଟ୍‌ରେ ୪ଥର ତଥା ଡିଫେଣ୍ଡିଂ ଚାମ୍ପିଅନ ପୋଲାଣ୍ଡର ଇଗା ସ୍ୱିଆଟେକଙ୍କୁ ହରାଇଥିଲେ। କ୍ୟାରିୟରର ପ୍ରଥମ ଫ୍ରେଞ୍ଚ ଓପନ୍ ଜିତିବା ଲକ୍ଷ୍ୟରେ ରହିଥିବା ସାବାଲେଙ୍କା ଫାଇନାଲରେ କୋକୋ ଗଫ୍ କିମ୍ବା ଘରୋଇ ଖେଳାଳି ଲୋଇସ ବୋଇସନଙ୍କୁ ଭେଟିବେ।

ଅପରପକ୍ଷରେ ତିନିଥରର ଚାମ୍ପିଅନ ସର୍ବିଆର ନୋଭାକ ଜୋକୋଭିଚ୍ ପୁରୁଷ ଏକକ ସେମିଫାଇନାଲରେ ପହଞ୍ଚିଛନ୍ତି। କ୍ୱାର୍ଟର ଫାଇନାଲରେ ୬ଷ୍ଠ ସିଡ୍ ଜୋକୋଭିଚ୍ ୪-୬, ୬-୩, ୬-୨, ୬-୪ ସେଟ୍‌ରେ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କୁ ମାତ୍ ଦେଇଥିଲେ। ସେମିଫାଇନାଲରେ ଜୋକୋଭିଚ୍ ଟପ୍ ସିଡ୍ ଇଟାଲୀର ଜାନିକ ସିନ୍ନରଙ୍କୁ ଭେଟିବେ। ୩୮ ବର୍ଷୀୟ ଜୋକୋଭିଚ୍ ଯଦି ଏଠାରେ ଚାମ୍ପିଅନ ହୁଅନ୍ତି ତେବେ କ୍ୟାରିୟରର ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ବିଜୟୀ ହେବେ।

## ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ୨୦ରୁ

# ‘ରୋହିତ, ବିରାଟଙ୍କ ଅନୁପସ୍ଥିତି ଚାପ ପକାଇବନି’

ନୂଆଦିଲ୍ଲୀ, ୫।୬ (ଏଜେନ୍ସି):

ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଭାରତର ହେଡ୍ କୋଚ୍ ଗୌତମ ଗମ୍ଭୀର ଓ ନୂଆ ଅଧିନାୟକ ଶୁବମନ ଗିଲଙ୍କ ସହ ବାକି ଖେଳାଳି ଗୁରୁବାର ଲଣ୍ଡନ ଅଭିମୁଖେ ଯାତ୍ରା କରିଛନ୍ତି। ଭାରତ ଛାଡ଼ିବା ପୂର୍ବରୁ ଉଭୟ କୋଚ୍ ଓ ଅଧିନାୟକ ଏକାଧିକ ପ୍ରଶ୍ନର ଉତ୍ତରରେ ସେମାନଙ୍କ ମନୋଭାବ, ଯୋଜନା, ଖେଳାଳି ସମୀକରଣ ଆଦି ଉପରେ ସ୍ପଷ୍ଟ ସୂଚନା ଦେଇଛନ୍ତି। ଏହି ସିରିଜ୍‌ରେ ଭାରତର ଦୁଇ କିଂବଦନ୍ତୀ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଖେଳିବେ ନାହିଁ। ଠିକ୍ ସିରିଜ୍ ପୂର୍ବରୁ ଉଭୟ ଖେଳାଳି ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ। ସେମାନଙ୍କ ଅନୁପସ୍ଥିତି ଭାରତ ଉପରେ କି ପ୍ରଭାବ ପକାଇବ ବୋଲି ପ୍ରଶ୍ନ କରାଯାଇଥିଲା। ଉତ୍ତରରେ କୋଚ୍ ଗମ୍ଭୀରଙ୍କ ମତ ହେଲା ଆମେ ଉଭୟ ଖେଳାଳିଙ୍କୁ ଇଂଲଣ୍ଡ ଟୁର୍‌ରେ ମିସ୍ କରିବୁ। ଇଂଲଣ୍ଡ ପରିବେଶରେ ସେମାନଙ୍କର ବେଶ ଅଭିଜ୍ଞତା ରହିଥିଲା। କିନ୍ତୁ ଉଭୟଙ୍କ ଅନୁପସ୍ଥିତି ଆମକୁ ଅଧିକ ଚାପରେ ରଖିବ ନାହିଁ ବୋଲି ଗମ୍ଭୀର କହିଛନ୍ତି।

ଇଂଲଣ୍ଡ ଗସ୍ତରେ ଭାରତ ଏକ ଅନଭିଜ୍ଞ ଦଳକୁ ନେଇ ଖେଳିବ। ଏଠାରେ କିମ୍ବା ଟେଷ୍ଟ କ୍ରିକେଟରେ ଖେଳିବାର ଅଭିଜ୍ଞତା ଥିବା ଖେଳାଳିଙ୍କୁ ନିଶ୍ଚିତ ସୁଯୋଗ ମିଳିବ। ୨୦୧୬ରେ ଇଂଲଣ୍ଡ ବିପକ୍ଷରେ ୩୦୩ ରନ୍ କରିବା ପରେ କରୁନ ନାୟରଙ୍କୁ ଟିମ୍‌ରୁ ବାଦ୍ ଦିଆଯାଇଥିଲା। ଏହା ପରେ ଟେଷ୍ଟ ଦଳକୁ ଫେରିବା ଲାଗି ତାଙ୍କୁ ୮ ବର୍ଷ ସମୟ ଲାଗିଥିଲା। ଏହା କହିବା ସହ ଗମ୍ଭୀର ଟେଷ୍ଟ ଏକାଦଶରେ ନାୟାରଙ୍କୁ ଖେଳିବାକୁ ସୁଯୋଗ ଦେବେ ବୋଲି ସୂଚନା ଦେଇଥିଲେ। ସେହିପରି ଶ୍ରେୟସ ଆୟରଙ୍କୁ କାହିଁକି ବାଦ୍ ଦିଆଗଲା ବୋଲି ପ୍ରଶ୍ନକୁ ସେ ଚତୁରତାର ସହ ଏଡାଇଯାଇଥିଲେ। ଇଂଲଣ୍ଡ ପରିବେଶରେ ଶ୍ରେୟସ ବେଶ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଥାନ୍ତେ। ଏ ସମ୍ପର୍କରେ ଗମ୍ଭୀର କହନ୍ତି, ଘରୋଇ କ୍ରିକେଟରେ ଯେଉଁ ଖେଳାଳି ଭଲ ପ୍ରଦର୍ଶନ କରିଛନ୍ତି ସେମାନଙ୍କୁ ସୁଯୋଗ ମିଳିଛି। ଆବଶ୍ୟକ ହେଲେ ଶ୍ରେୟସଙ୍କୁ ମଧ୍ୟ ସୁଯୋଗ ଦିଆଯିବ ବୋଲି ସେ କହିଛନ୍ତି। ଶୁବମନ ଗିଲ୍‌ଙ୍କ ମତରେ ଆମ ଦଳରେ ଯେପରି ସମସ୍ତ ଖେଳାଳି ଆତ୍ମବିଶ୍ୱାସ ପାଇବେ ତାହା ଉପରେ ଗୁରୁତ୍ୱ ଦେଉଛୁ। କୌଣସି ଖେଳାଳି ଏହି ଟିମ୍‌ରେ ଅସୁରକ୍ଷିତ ମନେ କରିବେ ନାହିଁ। ମୋ ନେତୃତ୍ୱ ଶୈଳୀ ନିଜସ୍ୱ। ଏହା ଅଭିଜ୍ଞତା ସହ ପରିବର୍ତ୍ତନ ହେବ ଓ ଖାପ ଖୁଆଇବାକୁ ଚେଷ୍ଟା କରିବି। ଇଂଲଣ୍ଡ କୋଚ୍ ବାଜ୍‌ବଲ୍‌ଙ୍କ ଆକ୍ରମଣାତ୍ମକ ଶୈଳୀ ସମ୍ପର୍କରେ ଆମେ ବେଶ ଅବଗତ ଅଛୁ ଓ ବେନ୍ ଷ୍ଟୋକ୍ସଙ୍କ ଇଂଲଣ୍ଡ ଦଳକୁ ହରାଇବାକୁ ଚେଷ୍ଟା କରିବୁ ବୋଲି ଗିଲ କହିଛନ୍ତି।

ଭାରତ ଟେଷ୍ଟ ଦଳରେ ମନୋନୀତ ହୋଇଥିବା କିଛି ଖେଳାଳି ଏବେ ଭାରତ-ଏ’ ସହ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ମ୍ୟାଚ୍ ଖେଳୁଛନ୍ତି। ଲାୟନ୍ସ ସହ ଦ୍ୱିତୀୟ ମ୍ୟାଚ୍ ଜୁନ୍ ୬ରେ ଖେଳାଯିବ। ଏହା ପରେ ଭାରତୀୟ ଟିମ୍ ଦୁଇ ଭାଗ ହୋଇ ଏକ ଅଭ୍ୟାସ ମ୍ୟାଚ୍ ଖେଳିବେ। ଏହି ମୁକାବିଲା ଜୁନ୍ ୧୩ରୁ ଖେଳାଯିବ। ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଜୁନ୍ ୨୦ରୁ ୨୫ ତାରିଖଯାଏ ଲିଡ୍ସରେ ଖେଳାଯିବ। ଏହା ମଧ୍ୟରେ ପ୍ରଥମ ଟେଷ୍ଟ ଲାଗି ଗୁରୁବାର ଷ୍ଟୋକ୍ସଙ୍କ ନେତୃତ୍ୱରେ ଇଂଲଣ୍ଡ ଟେଷ୍ଟ ଦଳ ଘୋଷଣା କରାଯାଇଛି। ଅଲ୍‌ରାଉଣ୍ଡର ଜେମି ଓଭରଟନ ତିନିବର୍ଷ ପରେ ଟେଷ୍ଟ ଦଳକୁ ଫେରିଛନ୍ତି।



ଇଂଲଣ୍ଡ ଗସ୍ତ ପୂର୍ବରୁ ସାମ୍ବାଦିକ ସମ୍ମିଳନୀରେ ଅଧିନାୟକ ଗିଲ୍ ଓ ହେଡ୍ କୋଚ୍ ଗମ୍ଭୀର

### ଇଂଲଣ୍ଡ ଦଳରେ ବେଥେଲ୍, ଓଭରଟନ୍ ସାମିଲ

### ଟେଷ୍ଟ ସିରିଜ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ଜୁନ ୨୦ରୁ ୨୫ | ପ୍ରଥମ ଟେଷ୍ଟ | ଲିଡ୍ସ |
| ଜୁଲାଇ ୨ରୁ ୬ | ଦ୍ୱିତୀୟ ଟେଷ୍ଟ | ବର୍ମିଂହାମ |
| ଜୁଲାଇ ୧୦ରୁ ୧୪ | ତୃତୀୟ ଟେଷ୍ଟ | ଲଣ୍ଡନ |
| ଜୁଲାଇ ୨୩ରୁ ୨୭ | ଚତୁର୍ଥ ଟେଷ୍ଟ | ମାଞ୍ଚେଷ୍ଟର |
| ଜୁଲାଇ ୩୧ରୁ ଅଗଷ୍ଟ ୪ | ପଞ୍ଚମ ଟେଷ୍ଟ | ଲଣ୍ଡନ |

ବି.ଦ୍ର: ସମସ୍ତ ମ୍ୟାଚ୍ ଅପରାହ୍ଣ ୩ଟା ୩୦ରେ ଆରମ୍ଭ ହେବ।

**ପ୍ରଥମ ଟେଷ୍ଟ ଲାଗି ଇଂଲଣ୍ଡ ଦଳ**

ବେନ୍ ଷ୍ଟୋକ୍ସ (ଅଧିନାୟକ), ଶୋଏବ ବସିର, ଜାକବ ବେଥେଲ, ହ୍ୟାରୀ ବ୍ରୁକ, ବ୍ରାଏଡନ କାର୍ସ, ସାମ୍ କୁକ୍, ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ୍, ଜେମି ଓଭରଟନ, ଓଲି ପୋପ୍, ଜୋ ରୁଟ୍, ଜେମି ସ୍ମିଥ୍, ଜୋଶ୍ ଟଙ୍ଗ୍ ଓ କ୍ରିସ୍ ୱକ୍ସ।

**ଭାରତୀୟ ଦଳ**

ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ (ଉପଅଧିନାୟକ ଓ ୱିକେଟ୍‌ରକ୍ଷକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, କରୁନ ନାୟାର, ନୀତୀଶ ରେଡ୍ଡୀ, ରବୀନ୍ଦ୍ର ଜାଡେଜା, ଧ୍ରୁବ ଜୁରେଲ (ୱିକେଟ୍‌ରକ୍ଷକ), ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶଦୀପ୍, ଅର୍ଶଦୀପ୍ ସିଂହ ଓ କୁଲଦୀପ୍ ଯାଦବ।

■ ଅରବିନ୍ଦ ସ୍ମାରକୀ କ୍ରିକେଟ

## ସେମିଫାଇନାଲରେ ସହିଦ୍ ସ୍ପୋର୍ଟିଂ

ଭୁବନେଶ୍ୱର, ୫।୬ (ସମିସ): ଭୁବନେଶ୍ୱରର ସହୀଦ୍ ସ୍ପୋର୍ଟିଂ ବର୍ଷା ବାଧାପ୍ରାପ୍ତ ସେମିଫାଇନାଲ ମ୍ୟାଚ୍‌ରେ ଆୟୋଜକ ପାରାମାଉଣ୍ଟ ସ୍ପୋର୍ଟିଂକୁ ୭ ୱିକେଟରେ ପରାସ୍ତ କରି ଏଠାରେ ଚାଲିଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସେମିରେ ପ୍ରବେଶ କରିଛି। ଶନିବାର ଖେଳାଯିବାକୁ ଥିବା ଦ୍ୱିତୀୟ ସେମିରେ ସହୀଦ୍ ସ୍ପୋର୍ଟିଂ ସହ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌ର ମୁକାବିଲା ହେବ। ସେହିପରି ଆସନ୍ତାକାଲି ବା ଶୁକ୍ରବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ କଟକର ଦୁଇ ଦଳ ରାଇଜିଂ ଷ୍ଟୁଡେଣ୍ଟସ ଓ ୟୁନିଅନ ସ୍ପୋର୍ଟିଂ ମଧ୍ୟରେ ଖେଳାଯିବ। ପାରାମାଉଣ୍ଟ ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ଚତୁର୍ଥ ତଥା ଶେଷ କ୍ୱାର୍ଟର ଫାଇନାଲରେ ଆୟୋଜକ ପାରମାଉଣ୍ଟ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୫ ୱିକେଟ ହରାଇ ୧୯୮ ରନ୍ କରିଥିଲା। ଦଳ ପକ୍ଷରୁ ରୋହିତ ସାଗର ୫୩* ଓ ସୌମ୍ୟରଞ୍ଜନ ବିଶ୍ୱାଳ ୪୭ ରନ୍ କରିଥିଲେ। ପାରାମାଉଣ୍ଟ ଇନିଂସ ପରେ ବର୍ଷା ଯୋଗୁ ଖେଳ ବାଧାପାଇବାରୁ ସହୀଦ୍ ସ୍ପୋର୍ଟିଂ ଆଗରେ ୨୩ ଓଭରରେ ୧୬୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ସହୀଦ୍ ସ୍ପୋର୍ଟିଂ ୧୯.୩ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶୁଭମ ଶତ୍ରୁଜିତ୍ ୨୬ ବଲ୍‌ରୁ ୪ ଚୌକା ଓ ୫ ଛକା ସହ ଅପରାଜିତ ୫୬ ରନ୍ କରିବା ସହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



## ଓଏଫ୍‌ସି ଛାଡ଼ିଲେ ରୟ କ୍ରିଷ୍ଣା

ଭୁବନେଶ୍ୱର, ୫।୬ (ସମିସ): ଫିଜିର ଅନ୍ତର୍ଜାତୀୟ ତାରକା ରୟ କ୍ରିଷ୍ଣା ଆଇଏସ୍‌ଏଲ୍ ଦଳ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ସହ ସମ୍ପର୍କ ତୁଟାଇଛନ୍ତି। ଓଡ଼ିଶା ଏଫ୍‌ସି ଛାଡୁଥିବା ନେଇ କ୍ରିଷ୍ଣା ସୂଚନା ଦେଇଛନ୍ତି। ‘ଓଡ଼ିଶା ଏଫ୍‌ସିର ମାଲିକ, ମ୍ୟାନେଜମେଣ୍ଟ, କୋଚିଂ ଷ୍ଟାଫ୍, ସାଥୀ ଖେଳାଳି ଓ ପ୍ରଶଂସକଙ୍କୁ ବହୁତ ବହୁତ ଧନ୍ୟବାଦ। ଦଳ ସହ ମୋ ଅଧ୍ୟାୟ ଶେଷ ହୋଇଛି, କିନ୍ତୁ ସ୍ମୃତି ସର୍ବଦା ସାଥୀରେ ରହିବ’ ବୋଲି କ୍ରିଷ୍ଣା ତାଙ୍କ ବିଦାୟୀ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ରୟ କ୍ରିଷ୍ଣା ୨୦୨୩-୨୪ ଆଇଏସ୍‌ଏଲ୍ ସିଜନରେ ଓଡ଼ିଶା ଏଫ୍‌ସିରେ ଯୋଗଦେଇଥିଲେ। ସେହି ସିଜନରେ ଦଳ ସେମିଫାଇନାଲ ଖେଳିଥିଲା। ତେବେ ୨୦୨୪-୨୫ ସିଜନରେ ଆଘାତ ଲାଗି ସେ ମାତ୍ର ୯ ମ୍ୟାଚ୍ ଖେଳିପାରିଥିଲେ। ମୋଟ୍ ଉପରେ ସେ ଓଏଫ୍‌ସି ପାଇଁ ୩୪ ମ୍ୟାଚ୍ ଖେଳି ୧୬ ଗୋଲ୍ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ଓଏଫ୍‌ସି ଅନ୍ୟତମ ପ୍ରମୁଖ ଷ୍ଟ୍ରାଇକର୍ ବ୍ରାଜିଲର ଡିଏଗୋ ମୌରିସିଓ ଦଳ ଛାଡ଼ିଥିଲେ।

**ଆଇପିଏଲ୍-୧୮’ରୁ ମାଲେମାଲ୍**

## କୋହଲି ଆୟ କରିଛନ୍ତି ୨୭.୪୦ କୋଟି

ନୂଆଦିଲ୍ଲୀ, ୫।୬ (ଏଜେନ୍ସି): ଦୀର୍ଘ ୧୮ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପ୍ରଥମଥର ଆଇପିଏଲ୍ ଟ୍ରଫି ଜିତିବାର ସ୍ୱପ୍ନ ସାକାର କରିଛି। ବେଙ୍ଗାଲୁରୁକୁ ଐତିହାସିକ ଆଇପିଏଲ୍ ଟ୍ରଫି ଜିତାଇବାରେ ଦଳର ଅଭିଜ୍ଞ ଖେଳାଳି ବିରାଟ କୋହଲିଙ୍କ ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଏହି ସଂସ୍କରଣରେ କୋହଲି ୧୫ ମ୍ୟାଚ୍ ଖେଳି ୫୪.୭୫ ହାରରେ ୬୫୭ ରନ କରିଥିଲେ। ବ୍ୟାଟିଂ ଭଳି କୋହଲି ଆଇପିଏଲ୍‌ର ଏହି ୧୮ ତମ ସଂସ୍କରଣରୁ ବେଶ୍ ଭଲ ଆୟ ମଧ୍ୟ କରିଛନ୍ତି। ରିପୋର୍ଟ ମୁତାବକ କୋହଲି ଆଇପିଏଲ୍‌ର ଏହି ଦୁଇ ମାସରେ ମୋଟ୍ ୨୭.୪୦ କୋଟି ଟଙ୍କା ରୋଜଗାର କରିଥିଲେ। ସେଥି ମଧ୍ୟରୁ ଫ୍ରାଞ୍ଚାଇଜ ତାଙ୍କୁ ୨୧ କୋଟି ଟଙ୍କାରେ ରିଟେନ ରଖିଥିଲା।

ସେହିଭଳି ଏଥର ବିସିସିଆଇ ପ୍ରତି ଆଇପିଏଲ୍ ମ୍ୟାଚ୍ ଲାଗି ମଧ୍ୟ ୭.୫ ଲକ୍ଷ ଟଙ୍କା ପାଉଣା ବ୍ୟବସ୍ଥା ରଖିଥିଲା। ଫଳରେ କୋହଲି ୧୩ଟି ଲିଗ୍, ଗୋଟିଏ କ୍ୱାଲିଫାୟର ଓ ଫାଇନାଲକୁ ମିଶାଇ ମୋଟ୍ ୧୫ ମ୍ୟାଚ୍ ଖେଳିଥିଲେ। ଏଥିରେ ତାଙ୍କୁ ମୋଟ୍ ୧ କୋଟି ୧୨ ଲକ୍ଷ ୫୦ ହଜାର ଟଙ୍କା ମିଳିଥିଲା। ରିପୋର୍ଟ ଅନୁଯାୟୀ, ମୋଟ୍ ପ୍ରାଇଜ୍ ମନିରୁ ୩୦ ପ୍ରତିଶତ ଅର୍ଥରାଶି ଦଳର ଖେଳାଳିଙ୍କ ମଧ୍ୟରେ ବଣ୍ଟାଯାଇଥାଏ। ବେଙ୍ଗାଲୁରୁ ୨୦ କୋଟି ଟଙ୍କା ଚାମ୍ପିଅନ ଆକାରରେ ପାଇଥିଲା। ଏଥିରୁ କୋହଲି ୨୭ ଲକ୍ଷ ଟଙ୍କା ପାଇବେ। ସେହିଭଳି ୨ ମାସର ଆଇପିଏଲ୍ ମଧ୍ୟରେ କୋହଲି ବିଭିନ୍ନ ବିଜ୍ଞାପନରୁ ୫ କୋଟି ଟଙ୍କା ରୋଜଗାର କରିଥିବା ଜଣାପଡ଼ିଛି।

### ‘ସମ୍ପୂର୍ଣ୍ଣ ମର୍ମାହତ’

ବେଙ୍ଗାଲୁରୁ, ୫।୬ (ଏଜେନ୍ସି): ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଚେହେରା ତଥା ଦଳକୁ ଆଇପିଏଲ୍ ଟ୍ରଫି ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିରାଟ କୋହଲି ଷ୍ଟାଡିୟମ ବାହାରେ ଦଳାଚକଟା ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି କୋହଲି କହିଛନ୍ତି, ‘ମୋ ପାଖରେ କହିବା ଲାଗି କୌଣସି ଶବ୍ଦ ନାହିଁ। ଏହି ଘଟଣାରେ ସମ୍ପୂର୍ଣ୍ଣ ଭାବେ ମର୍ମାହତ।’ ସେହିଭଳି ଆର୍‌ସିବି ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ମଧ୍ୟ ଶୋକବାର୍ତ୍ତା ଜାରି କରାଯାଇଛି। ‘ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତି ଓ ଆହତଙ୍କ ପରିବାର ଲୋକଙ୍କ ପ୍ରତି ଗଭୀର ସମବେଦନା ଜଣାଉଛୁ। ଏହି ଘଟଣାରେ ଆମେ ଦୁଃଖିତ। ସମସ୍ତ ଲୋକଙ୍କ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରିସ୍ଥିତି ବିଷୟରେ ଅବଗତ ହେବାପରେ ଆମେ ତୁରନ୍ତ ଉତ୍ସବ ସମୟର ଅବଧିକୁ ହ୍ରାସ କରିଥିଲୁ।

## ସମ୍ଭାଳିପାରିବନି ଯଦି ରୋଡ୍ ଶୋ କରନି: ଗମ୍ଭୀର

ନୂଆଦିଲ୍ଲୀ, ୫।୬ (ଏଜେନ୍ସି): ବେଙ୍ଗାଲୁରୁର ଆଇପିଏଲ୍ ଟ୍ରଫି ବିଜୟ ଉତ୍ସବରେ ଦଳାଚକଟାରେ ୧୧ଜଣ ପ୍ରଶଂସକଙ୍କ ବିୟୋଗ ଘଟଣାରେ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଦୁଃଖପ୍ରକାଶ ସହ ଚିନ୍ତାବ୍ୟକ୍ତ କରିଛନ୍ତି। ଗମ୍ଭୀର କହିଛନ୍ତି, ‘ମୁଁ କେବେବି ବିଶ୍ୱାସ କରେ ନାହିଁ ଯେ ଆମକୁ ରୋଡ୍ ଶୋ’ର ଆବଶ୍ୟକତା ରହିଛି। ଏପରିକି ମୁଁ ଖେଳିବା ସମୟରେ ଟି-୨୦ ବିଶ୍ୱକପ୍ ଜିତିବା ପରେ ମଧ୍ୟ ସମାନ ମତ ରଖିଥିଲି। ବନ୍ଦ କୋଠରୀ ମଧ୍ୟରେ ଆମେ ଉତ୍ସବ ମନାଇପାରିଥାନ୍ତେ। ବିଜୟ ଓ ଉତ୍ସବ ପାଳିବା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହାଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଲୋକଙ୍କ ଜୀବନ। ଯଦି ରୋଡ୍ ଶୋ ପରିସ୍ଥିତିକୁ ଆମେ ସମ୍ଭାଳି ପାରିବୁନି ତେବେ ଆୟୋଜନ ମଧ୍ୟ କରିବାର ନ ଥିଲା। ଭବିଷ୍ୟତରେ ଆମେ ଏନେଇ ଅଧିକ ସଚେତନ ହେବା ଆବଶ୍ୟକ।’

**ମହିଳା ଏସିଆ କପ୍ ହକି**

## ଥାଇଲାଣ୍ଡ ବିପକ୍ଷରୁ ଭାରତର ଅଭିଯାନ

ନୂଆଦିଲ୍ଲୀ, ୫।୬ (ଏଜେନ୍ସି): ମହିଳା ଏସିଆ କପ୍ ହକିର ଏକାଦଶ ସଂସ୍କରଣ ସେପ୍ଟେମ୍ବର ୫ରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଇନାର ହାଙ୍ଗଝୋଉ ସହରରେ ଅନୁଷ୍ଠିତ ହେବ। ଏହି ମେଗା ଇଭେଣ୍ଟ ଲାଗି କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଭାରତୀୟ ଦଳ ଡିଫେଣ୍ଡିଂ ଚାମ୍ପିଅନ ଜାପାନ, ଥାଇଲାଣ୍ଡ ଓ ସିଙ୍ଗାପୁର ସହ ପୁଲ୍-ବି’ରେ ସ୍ଥାନ ପାଇଛି। ଉଦ୍‌ଘାଟନୀ ଦିବସରେ ଥାଇଲାଣ୍ଡ ବିପକ୍ଷରେ ଖେଳି ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହାପରେ ଭାରତ ସେପ୍ଟେମ୍ବର ୬ରେ ଜାପାନ ଓ ଶେଷ ପୁଲ୍ ମ୍ୟାଚରେ ସିଙ୍ଗାପୁର ସହ ସେପ୍ଟେମ୍ବର ୮ରେ ଖେଳିବ। ସେହିଭଳି ପୁଲ୍-ଏ’ରେ ଆୟୋଜକ ଚାଇନା ସମେତ କୋରିଆ, ମାଲେସିଆ ଓ ଚାଇନିଜ ତାଇପେଇ ରହିଛି। ପୁଲ୍ ପର୍ଯ୍ୟାୟ ପରେ ପ୍ରତି ପୁଲର ଦୁଇ ଶ୍ରେଷ୍ଠ ଦଳ ସୁପର୍-୪କୁ ପ୍ରବେଶ କରିବେ। ଏଥିରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ସୁପର୍-୪’ର ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଗତ ସଂସ୍କରଣରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲା। ଏଥର ଦଳ ପୋଡିୟମର ଶୀର୍ଷ ସ୍ଥାନ ହାସଲ ଲକ୍ଷ୍ୟରେ ରହିଛି। ଭାରତ ଶେଷଥର ଲାଗି ୨୦୧୭ରେ ଏସିଆ କପ୍ ଜିତିଥିଲା। ଏସିଆ କପ୍ ବିଜୟୀ ଦଳ ୨୦୨୬ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ।

**ଜାତୀୟ ଶିଶୁ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ**

## ବାଳିକାରେ ଶ୍ରେୟାଂଶୀ, ବାଳକରେ ଇଭାନ ଚାମ୍ପିଅନ



ଖୋର୍ଦ୍ଧା, ୫।୬ (ସମିସ):

ରାଜସ୍ଥାନର ଶ୍ରେୟାଂଶୀ ଜୈନ ଓ ଗୋଆର ଇଭାନ ଆଣ୍ଟୋନିଓ ଟେଲାସ ୨୦୨୫ ଜାତୀୟ ଶିଶୁ ଚେସ୍ ଚାମ୍ପିଅନ ହୋଇଛନ୍ତି। ଅଲଓଡ଼ିଶା ଚେସ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଚାଲିଥିବା ୯ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୯ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାର ବାଳିକା ବିଭାଗରେ ଶ୍ରେୟାଂଶୀ ୯ ରାଉଣ୍ଡରୁ ୯ ପଏଣ୍ଟ ସଂଗ୍ରହ କରି ଏକାକୀ ପ୍ରଥମ ସ୍ଥାନରେ ରହି ଟାଇଟଲ କବ୍‌ଜା କରିଥିଲେ। ବାଳକ ବିଭାଗରେ ଇଭାନ ୯ ରାଉଣ୍ଡରୁ ସର୍ବାଧିକ ୮.୫ ପଏଣ୍ଟ ପାଇ ଟାଇଟଲ କବ୍‌ଜା କରିଥିଲେ। ଉଭୟ ଖେଳାଳିଙ୍କୁ ଟ୍ରଫି ସହ ୫୦,୦୦୦ ଟଙ୍କାର ପୁରସ୍କାର ମୁଖ୍ୟ ଅତିଥି ତଥା ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ଅଲଓଡ଼ିଶା ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ପ୍ରତିଯୋଗିତାରେ ରେକର୍ଡ ୩୨୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲାବେଳେ ଉଭୟ ବିଭାଗରେ ୨.୫ ଲକ୍ଷ ଲେଖାଏଁ ୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ବାଳିକା ବିଭାଗରେ ତାମିଲନାଡୁର ଅନିକା ରନର୍ସ ଅପ୍ ହୋଇ ଟ୍ରଫି ସହ ୩୬,୦୦୦ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଟପ୍ ସିଡ ପଶ୍ଚିମବଙ୍ଗର ସାଇଆସ୍ଥା ସିଂ ଟ୍ରଫି ସହ ୩୦,୦୦୦ ଟଙ୍କା ପୁରସ୍କାର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବାଳକ ବିଭାଗରେ ପୁଡୁଚେରୀର ପି ଦେବେଶ ମିଲାନ ରନର୍ସ ଅପ୍ ହୋଇ ଟ୍ରଫି ସହ ୩୬,୦୦୦ ଓ ମହାରାଷ୍ଟ୍ରର ଏସିଏମ୍ ଅଂଶ ଦଧିଚି ତୃତୀୟ ସ୍ଥାନ ଅଧିକାର କରି ଟ୍ରଫି ସହ ୩୦,୦୦୦ ଟଙ୍କା ପୁରସ୍କାର ପାଇଥିଲେ।

### ଓଡ଼ିଆଙ୍କ ମଧ୍ୟରେ ଅନନ୍ୟା ଶ୍ରେଷ୍ଠ

ଏହି ପ୍ରତିଯୋଗିତା ଓଡ଼ିଶାରେ ଆୟୋଜିତ ହୋଇଥିଲାବେଳେ ଏଥିରେ ରେକର୍ଡ ସଂଖ୍ୟକ ୩୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରେ ବାଳିକା ବିଭାଗରେ ଅନନ୍ୟା ଅନ୍ୱେଷା ମିଶ୍ର ୧୦ମ ସ୍ଥାନ ଅଧିକାର କରି ଶ୍ରେଷ୍ଠ ସଫଳତା ହାସଲ କରିଛନ୍ତି। ତାଙ୍କୁ ପୁରସ୍କାର ବାବଦରେ ୬,୦୦୦ ଟଙ୍କା ମିଳିଛି। ଅନ୍ୟ ବାଳିକା ପ୍ରତିଯୋଗୀଙ୍କ ମଧ୍ୟରେ ଦେବାଂଶୀ ସାହୁ ୬୮ତମ, ଆରାଧ୍ୟା ମହାରଣା ୮୪ତମ, ଅର୍ଣ୍ଣବୀ ପଣ୍ଡା ୮୫ତମ ଓ ପ୍ରତ୍ୟାକ୍ଷା ସମ୍ଭାବୀ ୮୬ତମ ସ୍ଥାନ ଅଧିକାର କରିଥିଲେ। ବାଳକ ବିଭାଗରେ ରାଜ୍ୟ ଚାମ୍ପିଅନ ରିୟାଂଶ ଅଗରୱାଲ ୫ ପଏଣ୍ଟ ପାଇ ୬୬ତମ, କ୍ରିଶିତ ପଣ୍ଡା ୫ ପଏଣ୍ଟ ପାଇ ୯୬ତମ ସ୍ଥାନ ଅଧିକାର କରିଛନ୍ତି।

## ଭୁବନେଶ୍ୱରରେ ହେବ ସର୍ବଭାରତୀୟ ସୈନିକ ସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର, ୫।୬ (ସମିସ): ସର୍ବଭାରତୀୟ ସୈନିକ ସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଶନିବାର (ଜୁନ ୭)ଠାରୁ ଭୁବନେଶ୍ୱରରେ ଆରମ୍ଭ ହେବ। ଜୁନ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତା ସ୍ଥାନୀୟ ସୈନିକ ସ୍କୁଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଏଥିରେ ଦେଶରେ ଥିବା ୩୩ ସୈନିକ ସ୍କୁଲ ଦଳ ଅଂଶଗ୍ରହଣ କରିବେ। ତିନୋଟି ବିଭାଗ ସବ୍‌ଜୁନିଅର ବାଳକ (୧୫ ବର୍ଷରୁ କମ୍), ଜୁନିଅର ବାଳକ (୧୭ ବର୍ଷରୁ କମ୍) ଓ ଜୁନିଅର ବାଳିକା (୧୭ ବର୍ଷରୁ କମ୍) ମ୍ୟାଚ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟର ବିଜେତା ଦଳ ସୁବ୍ରତ କପ୍ ଇଣ୍ଟରନ୍ୟାସନାଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

■ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

## ମୌସମରାଜ ଓ ରୋନିତଙ୍କୁ ୬ ୱିକେଟ

କଟକ, ୫।୬ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ କଟକରେ ଜାରି ରହିଛି। ଡ୍ରିମସ ଗ୍ରାଉଣ୍ଡରେ ଗୁରୁବାର ଅନୁଷ୍ଠିତ ଏକ ଲୋସ୍କୋରିଂ ରୋମାଞ୍ଚକ ମୁକାବିଲାରେ ବଲାଙ୍ଗୀର ୧୨ ରନରେ ମୟୂରଭଞ୍ଜକୁ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବଲାଙ୍ଗୀର ମାତ୍ର ୩୮ ରନରେ ଅଲଆଉଟ ହୋଇଥିଲା। ସକ୍ଷମ ଅଗ୍ରୱାଲ ସର୍ବାଧିକ ୧୨ ରନ କରିଥିଲେ। ମୟୂରଭଞ୍ଜର ଚନ୍ଦନ ସିଂହ ୫ଟି ୱିକେଟ ଦଖଲ କରିଥିଲେ। ତେବେ ମାତ୍ର ୩୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି ମୟୂରଭଞ୍ଜ ୨୬ ରନରେ ସୀମିତ ରହିଥିଲା। ଜିତ ଦେ ୭ଟି ବଲରୁ ୧୯ ରନର ଦ୍ରୁତ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇ ପାରିନଥିଲେ। ୧୨ ରନ ବିନିମୟରେ ୬ଟି ୱିକେଟ ଅକ୍ତିଆର କରି ବଲାଙ୍ଗୀର ବିଜୟରେ ମୁଖ୍ୟ ଭୂମିକା ତୁଲାଇଥିବା ମୌସମରାଜ ନାଗଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ରେଭେନ୍ସା ଗ୍ରାଉଣ୍ଡ-୨ରେ ଦେବଗଡ଼ ୭୫ ରନରେ ଜଗତସିଂହପୁରକୁ ହରାଇଥିଲା। ଆକ୍ୟୁବ ଅହମ୍ମଦଙ୍କ ୫୦ ରନ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଦେବଗଡ଼ ସମସ୍ତ ୱିକେଟ ହରାଇ ୧୭୩ ରନ ସଂଗ୍ରହ କରିଥିଲା। ଜଗତସିଂହପୁରର ପ୍ରତୀକ ପୁହାଣ ୪ଟି ଏବଂ ସ୍ମୃତି ବାରିକ ୩ଟି ୱିକେଟ ହାସଲ କରିଥିଲେ। ଜବାବରେ ଜଗତସିଂହପୁର ମାତ୍ର ୯୮ ରନରେ ଅଲଆଉଟ ହୋଇଥିଲା। ବିଜୟୀ ଦେବଗଡ଼ର ରୋନିତ ପ୍ରଧାନ ୨୪ ରନ ବ୍ୟୟରେ ୬ଟି ୱିକେଟ ହାସଲ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS